


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୫ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 05 JANUARY 2022

Vol.No. 33 ■ No. 5 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବଢୁଛି ସଂକ୍ରମଣ : ଦିଲ୍ଲୀକୁ ଫେରିଲା ସପ୍ତାହାନ୍ତ କର୍ଫ୍ୟୁ



ନୂଆଦିଲ୍ଲୀ,୦୪/୦୧: ମହାମାରୀ କରୋନାର ସଂକ୍ରମଣ ପୁଣିଥରେ ବଢ଼ିବା ଆରମ୍ଭ ହୋଇଛି। ଏହି କାରଣରୁ ରାଜଧାନୀ ଦିଲ୍ଲୀକୁ ସପ୍ତାହାନ୍ତ କର୍ଫ୍ୟୁ ଫେରିଛି। ଦିଲ୍ଲୀରେ କ୍ରମାଗତ ଭାବେ ଦୈନିକ ସଂକ୍ରମଣ ବଢୁଥିବାରୁ ଏହା ଉପରେ ରୋକ ଲଗାଇବାକୁ ଆଜି ସରକାର ନୂଆ ଗାଇଡଲାଇନ ଜାରି କରିଛନ୍ତି। ଗାଇଡଲାଇନ ଅନୁଯାୟୀ, ଦିଲ୍ଲୀରେ ଏଣିକି ଶୁକ୍ରବାର ରାତି ୧୦ଟାରୁ କର୍ଫ୍ୟୁ ବା ଶଟଡାଉନ ଲାଗୁ ହେବ। ଏହା ସୋମାବାର ଭୋର ୫ଟା ଯାଏ ବଳବତ୍ତର ରହିବ। ଶଟଡାଉନ ସମୟରେ କେବଳ ଜରୁରୀ ସେବାକୁ ଛାଡ଼ି ଦେଲେ, ଆଉ କିଛି ବି କାର୍ଯ୍ୟକ୍ଷମ ହେବନି। ଏହାବାଦ ଗାଇଡଲାଇନରେ ସମସ୍ତ ସରକାର ଅଫିସର କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ କୁହାଯାଇଛି। କେବଳ ଜରୁରୀ ସେବା ପାଇଁ ଉପଲବ୍ଧ ଥିବା ସରକାରୀ ଅଫିସର କର୍ମଚାରୀମାନେ ଅଫିସ ଆସିପାରିବେ। ସେହିପରି ଘରୋଇ ଅଫିସ ଗୁଡ଼ିକ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟକ୍ଷମ ହେବ। ବାକି ୫୦% କର୍ମଚାରୀ ଘରେ ରହି କାମ କରିବେ। ପୂର୍ବରୁ ଦିଲ୍ଲୀ ସରକାର ନାଇଟ କର୍ଫ୍ୟୁ ସହ ଅନ୍ୟାନ୍ୟ କଟକଣା ଲାଗୁ କରିଥିଲେ। ଏବେ ଦିଲ୍ଲୀରେ ସମସ୍ତ ପ୍ରକାରର ଭିଡ଼ ଓ ସାମାଜିକ କାର୍ଯ୍ୟକ୍ରମ ଉପରେ ରୋକ ଲଗାଯାଇଛି। ଏହା ସତ୍ତ୍ୱେ ସଂକ୍ରମଣର ଗ୍ରାଫ ଉପର ମୁହାଁ ହେଉଥିବାରୁ ସରକାର କର୍ଫ୍ୟୁ ଲଗାଇବାକୁ ବାଧ୍ୟ ହୋଇଛନ୍ତି। କର୍ଫ୍ୟୁ ଓ କଟକଣା ଲାଗୁ ହୋଇଥିଲେ ମଧ୍ୟ ଦିଲ୍ଲୀ ସରକାର ଲୋକଙ୍କୁ ଆତଙ୍କିତ ନ ହେବାକୁ କହିଛନ୍ତି। କାରଣ ମେଟ୍ରୋ ଓ ବସ ସେବା ଶତପ୍ରତିଶତ କ୍ଷମତାରେ ଚାଲିବ। ତେବେ ଏଠାରେ କଠୋର କୋଭିଡ କଟକଣା ଯଥା ମାସ୍କ ଓ ସାମାଜିକ ଦୂରତା ନିୟମକୁ ପାଳନ କରାଯିବ। ଦିଲ୍ଲୀରେ ବର୍ତ୍ତମାନ ଦୈନିକ ପଜିଟିଭିଟି ରେଟ୍ ୬.୪% ରହିଛି। ଏଥିସହ ଓମିକ୍ରନ ଜନିତ ସଂକ୍ରମଣ ମଧ୍ୟ ବଢୁଛି। ନିଜେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କରୋନାରେ ଆକ୍ରାନ୍ତ ହୋଇଛନ୍ତି।

# କଂଗ୍ରେସର 'ଲଡକୀ ହୁଁ, ଲଡ୍ ସକ୍ତି ହୁଁ' କାର୍ଯ୍ୟକ୍ରମରେ ଦଳାଚକଟା ସ୍ଥିତି



ଲକ୍ଷ୍ନୌ, ୦୪/୦୧ (ନି.ପ୍ର): ଉତ୍ତର ପ୍ରଦେଶ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଆୟୋଜନ କରାଯାଉଥିବା 'ଲଡକୀ ହୁଁ, ଲଡ୍ ସକ୍ତୀ ହୁଁ' କାର୍ଯ୍ୟକ୍ରମରେ ଆଜି ଦଳାଚକଟା ସ୍ଥିତି ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମ ଅଧୀନରେ କଂଗ୍ରେସ ପକ୍ଷରୁ ସ୍କୁଲର ଝିଅମାନଙ୍କୁ ନେଇ ମାରାଥନ କରାଯାଉଛି। ଏହିକ୍ରମରେ ଆଜି ବରେଲୀରେ ମାରାଥନ ଆୟୋଜନ କରାଯାଇଥିଲା। ଏଥିରେ ଶହଶହ ଝିଅ ସାମିଲ ହୋଇଥିଲେ। ତେବେ ଏହି ସମୟରେ କରୋନା କଟକଣାର ଧଜିଆ ଉଡ଼ିଥିଲା। ସେହିପରି କିଛି ଝିଅ ତଳେ ପଡ଼ି ଯିବାରୁ ଦଳାଚକଟା ସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା। ଏହାର ଭିଡିଓ ସାମ୍ନାକୁ ଆସିଛି। ତେବେ ଏହି ଘଟଣାରେ କେହି ବି ଆହତ ହୋଇ ନାହାନ୍ତି। ଅଘଟଣ ଘଟିବା ପୂର୍ବରୁ କଂଗ୍ରେସ ନେତାମାନେ ସ୍ଥିତି ସମ୍ଭାଳି ନେଇଛନ୍ତି। ଭିଡିଓ ଅନୁଯାୟୀ, ପ୍ରବଳ ଭିଡ଼ି ଭିତରେ କିଛି ଝିଅ ତଳେ ପଡ଼ି ଯାଇଥିଲେ। ଏହି ସମୟରେ ସେମାନଙ୍କ ପଛରୁ ଆସିଥିବା ଅନ୍ୟ ଝିଅମାନଙ୍କ ଆଗକୁ ବଢ଼ିବା ପାଇଁ ଠେଲାପେଲା କରିଥିଲେ। ଫଳରେ ସ୍ଥିତି ଭୟଙ୍କର ହେବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ତଳେ ପଡ଼ିଥିବା ପିଲାମାନଙ୍କୁ କଂଗ୍ରେସ ନେତାମାନେ ଠିକଣା ସମୟରେ ଉଠାଇ ନେବାରୁ କୌଣସି ବଡ଼ ଅଘଟଣ ଘଟିନି। କେବେଳ ୩ ଜଣ ପିଲା ସାମାନ୍ୟ ଆଘାତ ପାଇଥିବାରୁ ସେମାନଙ୍କୁ ହସ୍ପିଟାଲ ପଠାଯାଇଛି। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ସଂକ୍ରମଣ ବଢୁଥିବା ବେଳେ ମାରାଥନରେ ଶତାଧିକ ▶▶ପୃଷ୍ଠା ୭

## ପଂଚାୟତ ନିର୍ବାଚନ ପାଇଁ ୧୦ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୦୪/୦୧ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଆସନ୍ତା ୧୦ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ୧୦ ତାରିଖ ପୂର୍ବାହ୍ନ ୧୧ ଟା ୩୦ରେ ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନ ଠାରେ ସର୍ବଦଳୀୟ ବୈଠକ ପାଇଁ ଆହ୍ୱାନ ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନ। ସର୍ବଦଳୀୟ ବୈଠକରେ ନିର୍ବାଚନ ପାଇଁ ବିଚାର ବିମର୍ଶ କରାଯିବ। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ରାଜନୈତିକ ଦଳରୁ ଜଣେ ଲେଖାଏଁ କର୍ମକର୍ତା ପ୍ରତିନିଧିତ୍ୱ କରିବାପାଇଁ ସମସ୍ତ ରାଜନୈତିକ ଦଳର ସଭାପତି, ସମ୍ପାଦକମାନଙ୍କୁ ରାଜ୍ୟ ନିର୍ବାଚନ ଆୟୋଗ ତରଫରୁ ଚିଠି ଲେଖି ଜଣାଇ ଦିଆଯାଇଛି। ଉଲ୍ଲେଖନୀୟ ଯେ ଜିଲ୍ଲା ପରିଷଦ ଗୁଡିକର କାର୍ଯ୍ୟକାଳ ଆସନ୍ତା ୨୦୨୨ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଶେଷ ହେବାକୁ ଯାଉଛି। ଏହା ପୂର୍ବରୁ ନିର୍ବାଚନ କରିବାର ନିୟମ ରହିଛି।

## ମାର୍କେଟ ବିଲ୍ଡିଂ ବନ୍ଦ

ଭୁବନେଶ୍ୱର,୦୪/୦୧(ନି.ପ୍ର): ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ହେଲା ଭୁବନେଶ୍ୱରର ମାର୍କେଟ ବିଲ୍ଡିଂ। ଜଣେ ଉଠାଦୋକାନୀ ମାର୍କେଟ୍ ବିଲ୍ଡିଂରେ ଥିବା ଜଣେ ଦୋକାନୀଙ୍କୁ ଧମକ ଦେବାରୁ ମାର୍କେଟ ବିଲ୍ଡିଂ ପରିସରରେ ଉତେଜନା ପ୍ରକାଶ ପାଇଥିଲା। ତେବେ ଏହି ଘଟଣାର ପ୍ରତିବାଦରେ ମାର୍କେଟ ବିଲ୍ଡିଂ ପରିସରରେ ଥିବା ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ ନିଷ୍ପତି ନେଇଛି ସେଂଟ୍ରାଲ ମାର୍କେଟ ଆସୋସିଏସନ। ଯେ ପର୍ଯ୍ୟନ୍ତ ଉଠା ଦୋକାନୀଙ୍କୁ ମାର୍କେଟ ବିଲ୍ଡିଂରୁ ହଟା ନଯିବ ସେପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂ ବନ୍ଦ ରହିବାକୁ ଚେତାବନୀ ଦେଇଛି ସେଂଟ୍ରାଲ ମାର୍କେଟ ଆସୋସିଏସନ। ଅପରପକ୍ଷରେ ଆସନ୍ତାକାଲି ଦିନ ୧୧ଟା ସମୟରେ ବ୍ୟବସାୟୀ ସଂଘ, ବିଏମ୍ସି ଅଧିକାରୀ ଓ କମିଶନରେଟ୍ ପୋଲିସର ବୈଠକ ବସିବ। ଏହା ପରେ ମାର୍କେଟ ବିଲ୍ଡିଂ ଖୋଲିବା ନେଇ ନିଷ୍ପତି ହେବ। ସୂଚନା ଅନୁଯାୟୀ ମଙ୍ଗଳବାର ଦିନ ଜନୈକ ଉଠାଦୋକାନୀ ଜଣେ ବ୍ୟବସାୟୀଙ୍କ ଗାଡ଼ି ଭାଙ୍ଗିବା ଅଭିଯୋଗ ▶▶ପୃଷ୍ଠା ୭

# ୧୦ ଦିନରେ କୋଭିଡ ହସ୍ପିଟାଲ ପ୍ରସ୍ତୁତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୦୪/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ରାଜ୍ୟର ବିଭିନ୍ନ ବିଭାଗର ମୁଖ୍ୟ ପଦାଧିକାରୀ ଓ ଜିଲ୍ଲାପାଳ ମାନଙ୍କ ସହିତ କୋଭିଡ ମୁକାବିଲା ସଂପର୍କରେ ସମୀକ୍ଷା କରି କୋଭିଡ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ରାଜ୍ୟର ସରକାରୀ ତଥା ବେସରକାରୀ ସମସ୍ତ କୋଭିଡ ହସ୍ପିଟାଲ ଗୁଡିକୁ ପ୍ରସ୍ତୁତ କରି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଦ୍ୱିତୀୟ ଲହରୀର ସର୍ବୋଚ୍ଚ ସ୍ତରରେ ଯେତିକି ଶଯ୍ୟା ଓ ଆଇସିୟୁର ଆବଶ୍ୟକତା ହୋଇଥିଲା, ଅତି କମ୍ ରେ ସେତିକି ପରିମାଣର ଶଯ୍ୟା ଓ ଆଇସିୟୁ ପ୍ରସ୍ତୁତ କରି ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ଟୀକାକରଣ ଲକ୍ଷ୍ୟ ପୂରଣ ପାଇଁ କ୍ୟାମ୍ପେନ ମୋଡ୍ ରେ କାମ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ୧୫ ରୁ ୧୮ ବର୍ଷ ବର୍ଗର ପିଲାମାନଙ୍କ ଟୀକାକରଣ ଉପରେ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଭୂତାଣୁ ସଂକ୍ରମଣକୁ କମ୍ କରିବା ପାଇଁ ଆମକୁ ଉଚିତ ମାତ୍ରାରେ କଟକଣା ଜାରି କରିବାକୁ ପଡିବ। ତେବେ ଏଥିରେ ଯେପରି ଜନସାଧାରଣଙ୍କର ଜୀବିକା ଉପରେ କୌଣସି ପ୍ରଭାବ ନ ପଡେ, ସେଥିପ୍ରତି ଧ୍ୟାନ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ଦେଶରେ ଓମିକ୍ରନ୍ ଭାରିଆଂଟ ଦ୍ରୁତ ଗତିରେ ସଂକ୍ରମଣ କରୁଛି। ଓଡିଶାରେ ମଧ୍ୟ ଓମିକ୍ରନ ରୋଗୀଙ୍କ ସଂଖ୍ୟା ବଢିବା ଆରମ୍ଭ ହୋଇଛି। ତେଣୁ ଜନସାଧାରଣଙ୍କୁ ବିଶେଷ ଅସୁବିଧାରେ ନ ପକାଇ କୋଭିଡର ଉତ୍ତମ ପରିଚାଳନା ପାଇଁ ଆମକୁ ତୁରନ୍ତ ପଦକ୍ଷେପ ନେବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇ କହିଥିଲେ। ଗତ ସପ୍ତାହ ସମୀକ୍ଷା ବୈଠକରେ କେତେକ ପ୍ରସ୍ତୁତିକୁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟକାରୀ କରିବାପାଇଁ ନିଷ୍ପତି ହୋଇଥିଲା ବୋଲି ପ୍ରକାଶ କରି ଏଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟ ଶାସନ ସଚିବ ପ୍ରତିଦିନ ସମୀକ୍ଷା ବୈଠକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଗତ ଲହରୀ ସମୟରେ ▶▶ପୃଷ୍ଠା ୭

# ସୁମିତଙ୍କ ଘରେ ରହିବେ ତପସ୍ୱିନୀ

## ପ୍ରତିମାସରେ ଭରଣପୋଷଣ ପାଇଁ ସୁମିତଙ୍କୁ ଦେବାକୁ ପଡିବ ୧୭ ହଜାର ଟଙ୍କା



ବ୍ରହ୍ମପୁର,୦୪/୦୧(ନି.ପ୍ର): ସୁମିତ-ତପସ୍ୱିନୀ ବିବାଦରେ ଆଜି ବ୍ରହ୍ମପୁର ଜିଲ୍ଲା ଜଜ୍ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଏହା ଏକ ଘରୋଇ ହିଂସା। ତେଣୁ ତପସ୍ୱିନୀ ତାଙ୍କ ସ୍ୱାମୀଙ୍କ ଘରେ ରହିବେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ତପସ୍ୱିନୀ ସୁମିତଙ୍କ ବ୍ରହ୍ମାନଗର ବାସଭବନରେ ରହିବେ ବୋଲି କହିଛନ୍ତି। ଏଥିସହ ଡାକ୍ତର ସୁମିତ ପ୍ରତିମାସ ତାଙ୍କୁ ୧୭ ହଜାର ଟଙ୍କା ଦେବେ। ଏହି ରାୟ ପରେ ଆଜି ସଂଧ୍ୟାରେ ତପସ୍ୱିନୀ ଓ ପ୍ରଶାସନିକ ଅଧିକାରୀ ତାଙ୍କ ଘର ଭିତରେ ପଶି କେଉଁଠି ରହିବେ ସେ ନେଇ ଆଲୋଚନା କରିଛନ୍ତି। ତାଙ୍କ ଶ୍ୱଶୁର କହିଛନ୍ତି ଦୁଇ ଦିନ ଭିତରେ ଗୋଟିଏ ରୁମ ସଫା ହୋଇଯିବ ଓ ତପସ୍ୱିନୀ ସେହି ରୁମରେ ରହିବେ। ସୁମିତଙ୍କ ଘରେ ରହିବେ ତପସ୍ୱିନୀ। ସୁମିତ ପ୍ରତିମାସରେ ଦେବେ ୧୭ହଜାର ଟଙ୍କା। ଗଞ୍ଜାମର ବହୁ ଚର୍ଚ୍ଚିତ ଦମ୍ପତି ଡାକ୍ତର ସୁମିତ ସାହୁ-ତପସ୍ୱିନୀଙ୍କ ବୈବାହିକ ବିବାଦ ମାମଲାରେ ବ୍ରହ୍ମପୁର ଜିଲ୍ଲା କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସୁମିତଙ୍କ ସହ ତାଙ୍କ ବ୍ରହ୍ମାନଗରସ୍ଥିତ ଘରେ ତପସ୍ୱିନୀ ରହିବେ ବୋଲି କୋର୍ଟ ଆଦେଶ ଦେଇଛନ୍ତି। ଏଥିସହ ଭରଣପୋଷଣ ବାବଦକୁ ପ୍ରତିମାସରେ ତପସ୍ୱିନୀଙ୍କୁ ୧୭ ହଜାର ଟଙ୍କା ▶▶ପୃଷ୍ଠା ୭

# ଆଜିଠୁ ମାଟ୍ରିକ୍ ସମେଟିଭ୍-୧ ପରୀକ୍ଷା



ଭୁବନେଶ୍ୱର,୦୪/୦୧(ନି.ପ୍ର): ଆସନ୍ତାକାଲି (ବୁଧବାର)ଠାରୁ ଆରମ୍ଭ ହେଉଛି ଦଶମ ଶ୍ରେଣୀ ପ୍ରଥମ ସମେଟିଭ ପରୀକ୍ଷା। ୫ରୁ ୮ ତାରିଖ ପର୍ଯ୍ୟନ୍ତ ୪ ଦିନ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ପ୍ରଥମ ୩ ଦିନ ୨ଟି ସିଟିଂରେ ଥିଓରୀ ପରୀକ୍ଷା ହେବ। ୮ ତାରିଖ ଦିନ କେବଳ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ପରୀକ୍ଷା ପାଇଁ ୩ ହଜାର ୯୩ କେନ୍ଦ୍ର କରାଯାଇଥିବା ବେଳେ ୩୧୧ ନୋଡାଲ ସେଂଟରରେ ପ୍ରଶ୍ନପତ୍ର ପହଂଚି ସାରିଛି। ସେଥିମଧ୍ୟରୁ ୨୨ଟି ଥାନାରେ ପ୍ରଶ୍ନ ପତ୍ର ରଖାଯାଇଛି। ଚଳିତ ବର୍ଷ ମୋଟ ୫ ଲକ୍ଷ ୭୬ ହଜାର ୨୨୩ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ପ୍ରକାର ବ୍ୟବସ୍ଥା କରିବାପାଇଁ ବୋର୍ଡ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖାଯାଇଥିଲା। ତୃତୀୟ ଲହରର ଆଶଙ୍କା ରହିଥିବାରୁ ସମେଟିଭ୍-୧ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ଥର ପରୀକ୍ଷା ହେଉଥିବାରୁ ଛାତ୍ରଛାତ୍ରୀ ତାର ଗୁରୁତ୍ୱକୁ ଉପଲବ୍ଧି କରିଛନ୍ତି। ଏହାଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ବଢିବ। ସେହିପରି ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି ଯେ ପରୀକ୍ଷା ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। ନୋଡାଲ ସେଂଟର ଗୁଡିକରେ ମ୍ୟାଟେରିଆଲ ପହଂଚି ସାରିଛି। ପରୀକ୍ଷାର ସୁପରିଚାଳନା ପାଇଁ ଡିଇଓଙ୍କ ନେତୃତ୍ୱରେ ସ୍କ୍ୱାର୍ଡ ଗଠନ କରାଯାଇଛି। ଜିଲ୍ଲାପାଳ ମାନେ ଜିଲ୍ଲାସ୍ତରୀୟ ▶▶ପୃଷ୍ଠା ୭

## ଭୁବନେଶ୍ୱର ଡିସିପି ଅଫିସ୍ ସିଲ୍ କଲା ବିଏମସି

ଭୁବନେଶ୍ୱର, ୦୪/୦୧ (ନି.ପ୍ର): ଭୁବନେଶ୍ୱର ବାଣୀବିହାର ସ୍ଥିତ ଡିସିପି ଅଫିସରେ ଏକାଧିକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହା ପରେ ବିଏମସି ଏହି ଅଫିସକୁ ସିଲ କରିଛି। ବିଏମ୍ସିର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ସଂକ୍ରମଣ ରୋକିବାକୁ ସେହି ଅଂଚଳକୁ ସାନିଟାଇଜ କରାଯିବା ସହ ସେହି ସ୍ଥାନକୁ ନ ଯିବା ପାଇଁ ବାରଣ କରାଯାଇଛି। ୨ ଦିନ ପାଇଁ ଡିସିପି ଅଫିସକୁ ସିଲ୍ କରିଛି ବିଏମସି।

# ଘନ କୁହୁଡି ପାଇଁ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର, ୦୪/୦୧ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ଘନ କୁହୁଡ଼ି ଦେଖାଯିବାର ସମ୍ଭାବନା ରହିଛି। ଏଥିପାଇଁ ୬ଟି ଜିଲ୍ଲାକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ହେଲା କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି, ଓ କନ୍ଧମାଳ ରହିଛି। ଏହାକୁ ଦୃଷ୍ଟିରେ ରଖି ଏସଆରସି ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସପିମାନଙ୍କୁ ଚିଠି ଲେଖି ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୬ ତାରିଖ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାକୁ ବି ଘନ କୁହୁଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ ବ୍ୟତୀତ ଜାନୁଆରୀ ୬ରୁ ୭ ତାରିଖ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି,କନ୍ଧମାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ କୁହୁଡି ପଡ଼ିବାର ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାକୁ ମଧ୍ୟ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# କରୋନା ପାଇଁ କଟକଣା ବଢାଉଛି ଚୀନ : ଘରେ ବନ୍ଦୀ ଅଛନ୍ତି ୧ କୋଟି ୩୦ ଲକ୍ଷରୁ ଅଧିକ ଲୋକ

ନୂଆଦିଲ୍ଲୀ,୦୪/୦୧: ବେଳ ଥାଉ ଥାଉ ସତର୍କ ହେଉଛନ୍ତି ଚୀନ୍ ସରକାର। ଚୀନରେ ଯେପରି ସ୍ଥିତି ସାଂଘାତିକ ନହୁଏ ସେଥିପାଇଁ ଚୀନ ସରକାର କଡା ଆଇନ ଜାରି କରିଛନ୍ତି। ଏମିତି କି କରୋନା ଆକ୍ରାନ୍ତ ସଂଖ୍ୟା କମ ଥିଲେ ମଧ୍ୟ ସମ୍ପୂର୍ଣ ଲକଡାଉନ ମଧ୍ୟ କିଛି ସ୍ଥାନରେ ଲାଗୁ କରିଛନ୍ତି ଜିନପିଙ୍ଗ ସରକାର। ଗତ ୧୩ ଦିନ ହେବ ଚାଇନାର ପଶ୍ଚିମ ଜିଆନ ସହରରେ ଜାରି ରହିଛି ଲକଡାଉନ୍ କଟକଣା। ସହରର ୧ କୋଟି ୩୦ ଲକ୍ଷରୁ ଅଧିକ ଲୋକଙ୍କୁ ଘରେ ରହିବାକୁ ବାଧ୍ୟ କରାଯାଉଛି। ସେପଟେ ଚୀନର ୟୁଝୁ ସହରରେ ମଧ୍ୟ ଲକଡାଉନ ଜାରି ହେଇଛି। ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରକୁ ସମ୍ପୂର୍ଣ ଲକଡାଉନ କରାଯାଇଛି। ବିନା କାରଣରେ ଘରୁ ବାହାରିବା ଉପରେ କଟକଣା ଲଗାଯାଇଛି। ବସ ଓ ଟ୍ୟାକ୍ସି ସେବାକୁ ବନ୍ଦ କରାଯାଇଛି। ସୋମବାର ରାତିରୁ ଏହି ନିୟମକୁ ଲଗାଯାଇଛି। ସେହିପରି ସପିଙ୍ଗମଲ, ସଂଗ୍ରହାଳୟ, ପର୍ଯ୍ୟଟନସ୍ଥଳୀକୁ ସାଧାରଣ ଲୋକ ଯିବାଆସିବା ଉପରେ ରୋକ ଲଗାଯାଇଛି। ଜିଆନ ସହରରେ ଗତ ୧୩ ଦିନ ଧରି ଲାଗୁ ହୋଇଥିବା ଲକଡାଉନ୍ ପାଇଁ ୧ କୋଟି ୩୦ ଲକ୍ଷରୁ ଅଧିକ ଲୋକ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଖାଦ୍ୟ ଅଭାବ ଓ ଡାକ୍ତରୀ ସୁବିଧାର ମଧ୍ୟ ପ୍ରବଳ ମାତ୍ରାରେ ଅବ୍ୟବସ୍ଥା ଦେଖାଯାଇଛି। ସରକାରୀ କର୍ମଚାରୀ ଆନାଉନ୍ସ କରି ଲୋକଙ୍କୁ ଘରେ ରହିବାକୁ କହୁଛନ୍ତି। କେବଳ କରୋନା ଟେଷ୍ଟ କରାଇବା ପାଇଁ ଘରୁ ବାହାରିବାକୁ ଅନୁମତି ମିଳିଛି। ସେହିପରି ପରିବାରର କେହି ଜଣେ ବ୍ୟକ୍ତି ଖାଦ୍ୟ ସାମଗ୍ରୀ କିଣିବା ପାଇଁ ୨ ଦିନରେ ଥରେ ସୁପରମାର୍କେଟ ଯାଇ ପାରିବେ। କରୋନା ପାଇଁ ସହରରେ ଲାଗୁ ହୋଇଥିବା କଟକଣା ଫଳରେ ସାଧାରଣ ଲୋକଙ୍କ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ସରକାରଙ୍କ ଦୁର୍ବଳ ଶାସନବ୍ୟବସ୍ଥା ଓ ଖାଦ୍ୟଭାବକୁ ନେଇ ସୋସିଆଲ ମିଡିଆରେ ସମାଲୋଚନା କରାଯାଉଛି। ଆଗକୁ ୱିଂଟର ଅଲମ୍ପିକ୍ସ ଥିବାରୁ କରୋନା ପାଇଁ କଡା ନିୟମ ଲାଗୁ କରୁଛନ୍ତି ଚୀନ ସରକାର। ହେଲେ ଏହି ନିୟମ ପାଇଁ ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକେ। କରୋନା ଭୂତାଣୁ ପ୍ରଥମେ ଚୀନ ସହର ଉହାନରେ ଚିହ୍ନଟ ହୋଇଥିଲା। ଏହାପରେ ସାରା ବିଶ୍ୱକୁ ବ୍ୟାପିଥିଲା ସଂକ୍ରମଣ।

# ନାଇଜରରେ ୩୧ ଛାତ୍ରଛାତ୍ରୀ କରୋନା ପଜିଟିଭ

ଭୁବନେଶ୍ୱର,୦୪/୦୧(ନି.ପ୍ର): ଓଡ଼ିଶାରେ କରୋନା ସଂକ୍ରମଣ ଏବେ ଉପରମୁହାଁ। ପ୍ରତିଦିନ ୪୦୦ରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ଭୁବନେଶ୍ୱର ନାଇଜର ଓ ରାଉରକେଲା ଏନ୍ଆଇଟି ଏବେ ଚିନ୍ତା ବଢ଼ାଇଛି। ଗୋଟିଏ ଦିନରେ ନାଇଜରରୁ ୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନ୍ଆଇଟି ରାଉରକେଲାରେ ବି ପଶିଛି କରୋନା। ଏଠାରେ ତିନି ଜଣ ପିଲା କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। କେବଳ ଏହି ଦୁଇଟି ନୁହେଁ, କେତେକ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ବି ସଂକ୍ରମିତ ହେଲେଣି। ହଠାତ୍ ସପ୍ତାହେ ହେଲା ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ବି ଭୟଭୀତ ହୋଇପଡ଼ିଛନ୍ତି। ଯାହାର ପ୍ରତିଫଳନ ଏବେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଦେଖିବାକୁ ମିଳିଛି। ଅଧିକାଂଶ ଶିକ୍ଷାନୁଷ୍ଠାନରେ ଆଜି ଉପସ୍ଥାନ କମ୍ ରହିଥିଲା। ସରକାରୀ ସ୍କୁଲରେ ଉପସ୍ଥାନ କମିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଭୁବନେଶ୍ୱର ନାଇଜରରେ ଚିହ୍ନଟ ହୋଇଥିବା ୩୧ ଜଣ ଯାକ ଆକ୍ରାନ୍ତ ପ୍ରଥମ ବର୍ଷର ଛାତ୍ର ବୋଲି ଜଣାପଡ଼ିଛି। ନାମଲେଖା ପ୍ରକ୍ରିୟା ସରିବା ପରେ ସେମାନେ ଏବେ କ୍ୟାମ୍ପସକୁ ଆସିଛନ୍ତି। ପ୍ରବେଶ ସମୟରେ ସେମାନଙ୍କର କରୋନା ପରୀକ୍ଷା କରାଯାଇଥିଲା। ମାତ୍ର କେହି ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିଲେ। ଯେଉଁଥିପାଇଁ ସେମାନଙ୍କୁ ଆଇସୋଲୋସନରେ ରଖାଯିବା ସହ ଡାକ୍ତରମାନେ ନଜର ରଖିଥିଲେ। ଏବେ କିଛି ଛାତ୍ର ଅସୁସ୍ଥ ହେବାରୁ ସେମାନଙ୍କ କରୋନା ପରୀକ୍ଷା ହୋଇଥିଲା। ସେମାନେ ପଜିଟିଭ୍ ଚିହ୍ନଟ ହେବା ପରେ ଅନ୍ୟମାନଙ୍କର ବି ▶▶ପୃଷ୍ଠା ୭

# ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ଆଦିବାସୀଙ୍କୁ ସଂରକ୍ଷଣ ଦାବି କରି ଗଣ ସମାବେଶ

ବଲାଙ୍ଗିର,୪/୧ (ନି.ପ୍ର): ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ ପକ୍ଷରୁ ଆଗାମୀ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ଆଦିବାସୀ ମାନଙ୍କୁ ସଂରକ୍ଷଣ ଦାବୀ କରି ଆଜି ଏକ ବିଶାଳ ଆଦିବାସୀଙ୍କ ଗଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବହୁସଂଖ୍ୟକ ଆଦିବାସୀ ସହର ମଧ୍ୟରେ ଶୋଭାଯାତ୍ରାରେ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ସହିତ ବାଜା ଗଜା ମଧ୍ୟରେ ପ୍ରବେଶ କରି ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଥିଲେ । ସେମାନେ ଅନେକ ସରକାରୀ ବିଜ୍ଞାପନ ଫଳକକୁ ଭାଙ୍ଗିରୁଜି ଚିରି ଫାଡି କ୍ଷତି ପହଂଚାଇଥିଲେ । ସେମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖ ଜାତୀୟ ରାଜପଥ ଅନେକ ସମୟ ଧରି ଅବରୋଧ କରି ରଖିଥିଲେ । ଫଳରେ ସମ୍ପୃକ୍ତ ରୁଟ୍ ରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା । ସେମାନଙ୍କର ଅଭିଯୋଗ ମୁତାବକ, ପୂର୍ବରୁ ପ୍ରଚଳିତ ଥିବା ଆଦିବାସୀ ମାନଙ୍କ ପାଇଁ ଚେୟାରମ୍ୟାନ, ସରପଚଂ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଇତ୍ୟାଦି ପଦ ପାଇଁ ଚଳିତ ଥର ସଂରକ୍ଷଣ ବ୍ୟବସ୍ଥା କରାଯାଇନାହିଁ। ଆଗରୁ ଗତ କିଛିଦିନ ହେଲା ବ୍ଲକ ଗୁଡିକରେ ଆଦିବାସୀ ମାନେ ସଂଗଠିତ ହୋଇ ବୈଠକ ମାନ କରି ବ୍ଲକ ଗୁଡ଼ିକ ଘେରାଉ କରିବା ସହ ଶନିବାର ଦିନ ପାଟଣାଗଡ଼ ଉପଜିଲ୍ଲାପାଳ ଅଫିସ ଘେରାଉ କରିଥିଲେ । ଏପରିକି ଆଗାମୀ ଦିନରେ ନିର୍ବାଚନ କରାଇ ଦେବୁନାହିଁ ବୋଲି ଆଦିବାସୀ ମାନେ ଚେତାବନୀ ଦେଇଛନ୍ତି । ଆଜିର କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସଦର ଏସଡିପିଓ ତୁଫାନ୍ ବାଗଙ୍କ ନେତୃତ୍ୱରେ ୪ ପ୍ଲାଟୁନ୍ ପୁଲିସ ଫର୍ସେ ମୁତୟନ କରାଯାଇଥିଲା ।

# ୮ନଂ ଜୋନର ପ୍ରାର୍ଥୀ ଚୟନ ଓ ନିର୍ବାଚନ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୪/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦର ୮ନଂ ଜୋନର ପ୍ରାର୍ଥୀ ଚୟନ ଓ ନିର୍ବାଚନ ପ୍ରସ୍ତୁତି ବୈଠକ ଜଣ୍ଟିଲୋ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ନିକଟରେ ହେବାକୁ ଥିବାରୁ ବିଜେଡି ସଂଗଠନ ମଧ୍ୟରେ ଏହାକୁ ସମ୍ମୁଖୀନ ହେବାପାଇଁ ତତ୍ପରତା ପ୍ରକାଶ ପାଇଛି । ନିର୍ବାଚନ ପ୍ରସ୍ତୁତି ବୈଠକ, ପ୍ରାର୍ଥୀ ଚୟନ କରି ନିର୍ବାଚନ ଜିଣିବା ଲକ୍ଷ୍ୟରେ ରଣ କୌଶଳ ସ୍ଥିର କରାଯାଇ ଥିଲା । ନିର୍ବାଚନରେ ଦଳ ଚୟନ କରିଥିବା ପ୍ରାର୍ଥୀକୁ ସମସ୍ତେ ମିଳିମିଶି ଜିତେଇବା ପାଇଁ ସ୍ଥିର କରାଯାଇଛି । ଏଥି ସହିତ ପଂଚାୟତ ନିର୍ବାଚନ ପାଇଁ ମଧ ଆଲୋଚନା କରା ଯାଇଥିଲା । ଏହି ବୈଠକରେ ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ, ବିଧାୟକ ଶଶି ଭୂଷଣ ବେହେରା, କେନ୍ଦ୍ରାପଡା ବ୍ଲକ ଚେୟାରମ୍ୟାନ ଶିବ ପ୍ରସାଦ ଭୋଳ, ୮ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ତଥା ରାଜ୍ୟ ମହିଳା ସଂପାଦିକା ଜ୍ୟୋସ୍ନାରାଣୀ ଜେନାଙ୍କ ସମେତ ବରିଷ୍ଠ ନେତା ଭଜକୃଷ୍ଣ ରାଉତ, ବ୍ଲକ ସଭାପତି ଆଲୋକ ସାହୁଙ୍କ ସହିତ ୮ନଂ ଜୋନର ସମସ୍ତ ସଭାପିତ ଓ କର୍ମୀ ଉପସ୍ଥିତ ଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ



ବାସୁଦେବପୁର,୪/୧ (ନି.ପ୍ର): ବେତଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଓ ବେତଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଶିକ୍ଷାବିତ ଡକ୍ଟର ବନମାଳୀ ବେହେରା, ସାଂସଦ, ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବରଣ୍ଡୁଆ ସରପଂଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ । ଶିକ୍ଷା ବିତ ଦୁଃଶାସନ ରାଉତ ଅତିଥି ପରିଚୟ, କବି ବନମାଳୀ ବାରିକ ଆଭିମୁଖ୍ୟ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରଧାନ ଶିକ୍ଷକ ପୂର୍ଣଚନ୍ଦ୍ର ପାଣିଗ୍ରାହୀ । ଏହି ଅବସରରେ ଚିତ୍ରଶିଳ୍ପୀ ଅଶୋକ ମହାନ୍ତି ଓ ଯୁଦ୍ଧ ଫେରନ୍ତା ସୈନିକ ଖଗେନ୍ଦ୍ର ପ୍ରସାଦ ରଥ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଦୈତାରି ବେହେରା ମଞ୍ଚ ଆହ୍ୱାନ ଓ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରାକ୍ତନ ଶିକ୍ଷକ ନିତ୍ୟାନନ୍ଦ କର । ଏହି ଉତ୍ସବରେ ସଂଗ୍ରାମୀ ଗୌରାଙ୍ଗ ମହାନ୍ତିଙ୍କ ପୁତ୍ର ମାନସ ରଂଜନ ମହାନ୍ତି, ସମାଜସେବୀ ବୈଲୋଚନ ଜେନା, ଚିତଶିଳ୍ପୀ ଭଗବାନ ପଣ୍ଡା, ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ଭରତ ଚନ୍ଦ୍ର ଦାଶ, କୃପାସିନ୍ଧୁ ବେହେରା, ଅନନ୍ତ ପ୍ରସାଦ ପୋଇ, ସଂଜୀବ ପାଣିଗ୍ରାହୀ, ହିମାଂଶୁ ପାଣିଗ୍ରାହୀ, ଗଣେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବରେ ସହଯୋଗ କରିଥିଲେ ।

# ବୌଦ୍ଧଜିଲ୍ଲା ଶ୍ରୀଜଗନ୍ନାଥ ମନ୍ଦିରରେ ନୂତନ ବର୍ଷରେ ବିଶ୍ୱଶାନ୍ତି ଯଜ୍ଞ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ

ବୌଦ୍ଧ,୪/୧ (ନି.ପ୍ର): ଇଂରାଜୀ ନବବର୍ଷ ୨୦୨୨ ଅବସରରେ ବୌଦ୍ଧଜିଲ୍ଲର ବିଭିନ୍ନ ଅନୁଷ୍ଠାନର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବୌଦ୍ଧଜିଲ୍ଲର ବିଭିନ୍ନ ସମାଜବର୍ଗର କାର୍ଯ୍ୟକର୍ତା ଯୋଗଦାନ କରିବା ସହିତ ବିଭିନ୍ନ ସମାଜିକ ଓ ଧାର୍ମୀକ ଅନୁଷ୍ଠାନର ସଦସ୍ୟମାନେ ଯୋଗଦାନ କରିଥିଲେ । ଭକ୍ତମାନେ ଚତୁର୍ଦ୍ଧା ମୂର୍ତିଙ୍କୁ ଦର୍ଶନ କରି ନୂତନ ବର୍ଷକୁ ସ୍ୱାଗତ କରିଥିଲେ । କରୋନା ମହାମାରୀ ଆତଙ୍କରୁ ମୁକ୍ତି ପାଇବା ଉଦ୍ଦେଶ୍ୟରେ ଲକ୍ଷ୍ମୀ ବାସୁଦେବ ପଣ୍ଡିତ ସଂଘ ପକ୍ଷରୁ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା । ବୌଦ୍ଧଜିଲ୍ଲ ବ୍ରାହ୍ମଣ ସମାଜର ସଂପାଦକ ଦେବାଶିଷ ପୁରୋହିତଙ୍କ ଅଧକ୍ଷତାରେ ଏକ ବନ୍ଧୁମିଳନ ସଭା ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ କାର୍ଯ୍ୟକର୍ତାମାନେ ନିଜ ନିଜ ମତ ପ୍ରକାଶ କରିଥିଲେ । ପଣ୍ଡିତ ସଂଘ ତରଫରୁ ଆସନ୍ତା ୨୭ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରୁଦ୍ର ଯଜ୍ଞ ବିଷୟରେ ସଭାପତି ସଂଜୀବ କୁମାର ପଣ୍ଡା ଓ ସଂପାଦକ ହରିବନ୍ଧୂ ଶତପଥି ଆଲୋକପାତ କରିଥିଲେ । ରାଜ୍ୟର ଶ୍ରେଷ୍ଠ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବୌଦ୍ଧଜିଲାର ଅବଦାନ ବିଷୟକୁ ଉପସ୍ଥାପନକରି ଡକ୍ଟରେଟ ଲାଭ କରିଥିବାରୁ ଡ. ସଂଜୟ କୁମାର ପଣ୍ଡାଙ୍କୁ ବ୍ରାହ୍ମଣ ସମାଜ ପକ୍ଷରୁ ବୌଦ୍ଧ ସ୍ୱାଭିମାନ ସମ୍ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରୀକ ଗୌରମୋହନ ମିଶ୍ର, ବରିଷ୍ଠ ଆଇନଜିବୀ ଅଚ୍ୟୁତାନନ୍ଦ ମିଶ୍ର, ଶାନ୍ତନୁ କୁମାର ମହାପାତ୍ର, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ସୂର୍ଯ୍ୟନାରାୟଣ ମହାପାତ୍ର, ସୂର୍ଯ୍ୟନାରାୟଣ ଦଳବେହେରା, ଫଣୀ ପଟ୍ଟନାୟକ, ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ବସନ୍ତ କୁମାର ସାହୁ ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ଜୟପୁର ,୪/୧ (ନି.ପ୍ର): କୋରାପୁଟ ଜିଲା କ୍ରିକେଟ ଟୁର୍ଣ୍ଣାମେଂଟ ଜୟପୁର ଦଶହରା ପଡିଆ ଠାରେ ଅନୁଷ୍ଠିତ ହୋଇଛି । ଆଜି ରେଡ ସହ ଗ୍ରୀନ ଦଳ ର ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରୀନ ଦଳ ଟସ ଜିତି ପ୍ରଥମେ ବେଟିଂ କରିଥିଲେ । ୧୦ ଉଇକେଟ ବିନିମୟରେ ୧୯୫ ରନ କରିଥିବା ବେଳେ ରେଡ ଦଳ ୪ ଉଇକେଟ ବିନିମୟରେ ୧୯୯ ରନ ବିଜୟ ହୋଇଛି ।

# ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ଓ ମରୁଡ଼ି ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଘସିପୁରା,୪/୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ଓ ମରୁଡ଼ି ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଗୋହିରା ଗ୍ରାମପଂଚାୟତର କ୍ଷତିଗ୍ରସ୍ତ ଚାଷିବୃନ୍ଦ ଚଳିତବର୍ଷ ଖରିଫ ଋତୁରେ ଦୁର୍ବଳ ମୌସୁମୀର ଅଭାବି ବର୍ଷା ହେତୁ ଧାନଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଅଛି । ପଂଚାୟତର କ୍ଷତିଗ୍ରସ୍ତ ଚାଷିକୁଳ ଜୀବନ ଜିବିକା ହରାଇ ଉପାୟ ଶୂନ୍ୟ ହୋଇ ପଡିଛନ୍ତି । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଦେୟ ପଇଠ କରି ଚାଷିମାନେ ପଞ୍ଜିକୃତ ହୋଇଥିଲେ ମଧ କୃଷିବିଭାଗ ଓ ରାଜସ୍ୱ ବିଭାଗର ତୃଟିପୂର୍ଣ୍ଣ ଆକଳନ ଓ ଗୋହିରା ପଂଚାୟତ ପ୍ରତି ଅବହେଳା, ବୈମାତୃକ ମନୋଭାବ ଯୋଗୁଁ ପଂଚାୟତର କ୍ଷତିଗ୍ରସ୍ତ ଚାଷି କ୍ଷତିପୂରଣ ପାଇବାରୁ ବଂଚିତ ହୋଇଛନ୍ତି । ଏଥି ସହିତ ସମସ୍ତ ଚାଷି ଜୀବନ ଜୀବିକା ହରାଇ ଋଣଗ୍ରସ୍ତ ହୋଇ ନିରାଶ ମଧ୍ୟରେ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି । ଏଣୁ ପ୍ରଧାନମନ୍ତ୍ରୀ ଫସଲବିମାରେ ପଞ୍ଜିକୃତ ହୋଇଥିବା (ଋଣି ଓ ଅଣଋଣି ) ଚାଷି ଓ ସମସ୍ତ ଚାଷିକୁଳ ଗୋହିରା ପଂଚାୟତର ତାଳଗାଁ, କଲରାଗାଡିଆ, ଗୋହିରା, ଇନ୍ଦୁପୁର, କୁମୁଣିଆଁ ଗ୍ରାମ ସମୁହର ଚାଷଜମି ଅନୁଧାନ କରି ଫସଲବୀମା ପଞ୍ଜିକୃତ ଚାଷିମାନଙ୍କୁ ବୀମା କ୍ଷତିପୂରଣ କରାଇବା ସଙ୍ଗେ ସଙ୍ଗେ ସମସ୍ତ ଚାଷିଙ୍କୁ ମରୁଡି ସହାୟତା ରାଶି ପ୍ରଦାନ ପାଇଁ ଶ୍ରୀଧର ସାହୁ, ହେମନ୍ତ ମଲିକ, ଅନୀଲ କୁମାର ପାତ୍ର, ଦେବଦତ ନାୟକ, ସୁବର୍ଣ୍ଣ ନାୟକ, ଦୁଃଖବନ୍ଧୁ ନାୟକ ପ୍ରମୁଖ ଦାବି କରିଛନ୍ତି । ଏହାର ନକଲ କେନ୍ଦୁଝର ଜିଲ୍ଲାପାଳ, ଡି.ଡି.ଏ. କେନ୍ଦୁଝର, ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଦାନ କରାଯାଇଛି ।

# ସାହାରା ଇଣ୍ଡିଆ କାର୍ଯ୍ୟାଳୟରେ ଜମାକାରୀ ପକାଇଲେ ତାଲା

କେନ୍ଦ୍ରାପଡ଼ା,୪/୧ (ନି.ପ୍ର): କେନ୍ଦ୍ରାପଡା ନୂଆ ବସଷ୍ଟାଣ୍ଡରେ ଥିବା ସାହାରା ଇଣ୍ଡିଆର ମୁଖ୍ୟ କାର୍ଯ୍ୟାଳୟରେ କେତେକ ଜମାକାରୀ ହୋହାଲ୍ଲା କରିବା ସହିତ କାର୍ଯ୍ୟାଳୟରେ ତାଲା ପକାଇଥିବା ଜଣାପଡିଛି । ଖବରପାଇ ପୋଲିସ ସେଠାରେ ପହଁଚି ଘଟଣାକୁ ନିୟନ୍ତ୍ରଣ କରିଥିଲେ । ପରେ ସାହାରା ଇଣ୍ଡିଆର ଆରଏମ୍ ମନୋରଞ୍ଜନ ଆଇଚ ଓ ସେକ୍ଟର ଅଫିସର ସରୋଜ ପଣ୍ଡା ଜମାକାରୀଙ୍କ ସହିତ ଆଲୋଚନା କରିଥିଲେ । ଦୀର୍ଘବର୍ଷରୁ ଜମାକାରୀ ମାନେ ସାହାରା ଇଣ୍ଡିଆ କାର୍ଯ୍ୟାଳୟରେ ଟଙ୍କା ଜମା କରି ଆସୁଥିବା ବେଳେ ସେମାନଙ୍କ ଚୁକ୍ତି ଅବଧି ସରିଥିଲେ ମଧ କମ୍ପାନୀ ପକ୍ଷରୁ ସେମାନଙ୍କୁ ଜମାର ପରିପକ୍ୱ ମୂଲ୍ୟ ଫେରସ୍ତ କରାଯାଉ ନାହିଁ । ଏହି ଜମାକାରୀଙ୍କ ମଧ୍ୟରୁ କେତେକଙ୍କ ଝିଅ,ପୁଅ ବାହାଘର, ହୃଦରୋଗ ଅସ୍ତ୍ରୋପଚାର, କର୍କଟ ରୋଗୀ ଥିବାରୁ ଟଙ୍କାର ନିହାତି ଆବଶ୍ୟକ ରହିଛି । କାର୍ଯ୍ୟାଳୟରେ ଟଙ୍କା ନଥିବା ଓ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ବିଚାରଧିନ ଥିବାରୁ ସମସ୍ତଙ୍କୁ ଟଙ୍କା ଫେରାଇବା ସମ୍ଭବ ହେଉନଥିବା ଅଧିକାରୀ ପ୍ରକାଶ କରିଥିଲେ । ଇତି ମଧ୍ୟରେ ଅନେକ ଜମାକାରୀଙ୍କୁ ସେମାନଙ୍କର ଟଙ୍କା ଫେରସ୍ତ କରା ଯାଇଥିବା ଉକ୍ତ ଆଲୋଚନା ସମୟରେ ସେ ପ୍ରକାଶ କରିଥିଲେ । ରୋଗଗସ୍ତ ଜମାକାରୀ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଆସୁବିଧାରେ ସମ୍ମୁଖୀନ ଥିବା ଜମାକାରୀ ମାନଙ୍କର ଟଙ୍କା ମୁଖ୍ୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ଖୁବଶୀଘ୍ର ଟଙ୍କା ଫେରାଇବାର ବ୍ୟବସ୍ଥା କରାଯିବ ବୋଲି ସାହାରା ଇଣ୍ଡିଆ କେନ୍ଦ୍ରାପଡା ଶାଖାର ଅଧିକାରୀ ଜମାକାରୀଙ୍କ ସହ ଆଲୋଚନା କରି ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ଗଣ୍ଡାବାହାଲି ୱାଇସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ଟିଟିଲାଗଡ଼କୁ ହରାଇ ନୂଆପଡ଼ା ଚମ୍ପିୟାନ

ନୂଆପଡ଼ା,୪/୧ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ହାଇସ୍କୁଲ ଖେଳପଡ଼ିଆ ଠାରେ ଅନୁଷ୍ଠିତ ୱାଇସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ଟିଟିଲାଗଡ଼ ଦଳ କୁ ହରାଇ ନୂଆପଡ଼ା ଚମ୍ପିୟାନ ହୋଇଥିବା ଜଣାପଡିଛି । ଏହି ଅବସରରେ ଆୟୋଜିତ ଉଦଯାପନୀ ସମାରୋହରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ପବନ ଶର୍ମା, ଉଜ୍ଜଳ ଗୁପ୍ତା, ଦିବାକର ଖମାରୀ, ରୋହିତ ଦାସ, କୌଶଲ୍ୟା ମେହେର, ବୈକୁଣ୍ଠ ତାଣ୍ଡି, ଆନନ୍ଦ ମେହେର ,ପିଇଓ ସୁଶାନ୍ତ ବେହେରା, ତ୍ରିନାଥ ମେହେର, ଗଙ୍ଗାରାମ ମେହେର,ୱାସିସି ସଭାପତି ଡୋଲେଶ୍ୱର ମେହେର ,ସମ୍ପାଦକ ଗୁପ୍ତେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଉଦଯାପାନୀ ମ୍ୟାଚ ଟିଟିଲାଗଡ଼ ଦଳ ଓ ନୂଆପଡା ଦଳମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ପ୍ରଥମେ ନୂଆପଡା ଦଳ ଟସ ଜିଣି ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ବିକେଟ ହରାଇ ୧୩୫ ରନ୍ ସଂଗ୍ରହ କରିଥିବା ଜବାବରେ ଟିଟିଲାଗଡ଼ ଦଳ ୧୧.୨ ଓଭରରେ ସମସ୍ତ ବିକେଟ ହରାଇ ୧୧୬ ରନ୍ ସଂଗ୍ରହ କରି ପରାଜୟ ହୋଇଥିଲା । ଫଳରେନୂଆପଡା ଦଳ ବିଜୟଲାଭ କରି ଚମ୍ପିୟାନ ହୋଇଥିଲା । ମେନ୍ ଅଫ୍ ଦ ମ୍ୟାଚ ଓ ବେଷ୍ଟ ଫିଲ୍ଡର ଭାବେ ନୂଆପଡା ଦଳର ନିତ୍ୟା , ବେଷ୍ଟ ବିକେଟ କିପର ଟିଟିଲାଗଡ଼ ଦଳର ଦେବରାଜ, ବେଷ୍ଟ ବୋଲର ଭାବେ ରାଜା ଙ୍କୁ ପ୍ରଦାନ କରାଯାଇଥିବା ବେଳେ ନୂଆପଡା ଦଳର ଆଶିଷ ଙ୍କୁ ବେଷ୍ଟ ବ୍ୟାଟ୍ସମେନ, ବେଷ୍ଟ ସିକ୍ସର ତଥା ମ୍ୟାନ ଅଫ ଦ ସିରିଜ ଭାବେ ଘୋଷଣା କରି ଟ୍ରଫି ପ୍ରଦାନ କରାଯାଇଥିଲା । ଉଦଯାପନୀ ଖେଳ ପରିଚାଳନା ଦାୟୀତ୍ୱ ଭୀଷ୍ମନାରାଣ ମେହେର ଓ ହେମନ୍ତ ମେହେର ତୁଲାଇ ଥିବାବେଳେ ସ୍କୋରର ଭାବରେ ଡିଜିଟାଲ ସ୍କୋରଦାୟିତ୍ୱରେନିତେଶମେହେର , ଡିସୟର ମେହେର ଓ ଉଦଘୋଷକ ଭାବରେ ରୀଙ୍କୁ ଖମାରୀ,ଥବିର ଦୀପ, ବିଜୁ ସେଠୀ ପ୍ରମୁଖ ଖେଳର ଧାରା ବିବରଣୀ ପ୍ରଦାନ ଦାୟିତ୍ୱ ତୁଲାଇଥିଲେ । ଏହି ଟୁର୍ଣ୍ଣାମେଣ୍ଟ ରେ ମୋଟ ଆଠ ଗୋଟି ଟିମ ଭାଗ ନେଇଥିବା ବେଳେ ଗତ ୨୪ ତାରିଖ ଦିନ ଆରମ୍ଭ ହୋଇ ଦୀର୍ଘ ସାତ ଦିନଧରି ଆୟୋଜିତ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ହୋଇଥିବାରୁ ପ୍ରତ୍ୟହ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା । ଲୋକଙ୍କ ଖେଳ ପ୍ରତି ଆଗ୍ରହକୁ ନେଇ ଉଦଯାପନୀ ସମାରୋହରେ ଓଲିଉଡ ଅଭିନେତ୍ରୀ ସେଫାଳି ବର୍ମା ଯୋଗଦାନ କରି ଦର୍ଶକଙ୍କ ମାନମୋହିଥିବା ଦେଖିବାକୁ ମିଳିଥିଲା । ଚମ୍ପିୟାନ ନୂଆପଡା ଦଳକୁ ଟ୍ରଫି ସହ ନଗଦ ୩୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିବା ବେଳେ ରନର୍ସ ଅଫ ଟିଟିଲାଗଡ଼ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।

# ୨୭ତମ ଗୋପିନାଥ ଜୀଉ କ୍ରିକେଟ ଉଦ୍‌ଯାପିତ : ରାଣିଗୋଡା ଚମ୍ପିଅନ

କୋରେଇ,୪/୧ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ୨୭ତମ ଗୋପିନାଥ ଜୀଉ କ୍ରିକେଟ ପ୍ରତିଯୋଗୀତା ନୂଆବର୍ଷରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଛି । ଏହି ପ୍ରତିଯୋଗୀତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଆଜି ୬ଟି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମାର୍ଦ୍ଧରେ ସୋତି ବନାମ ବାରଦା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବାରଦା ଟସ ଜିଣି ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା । ସୋତି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ୱିକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା । ଜବାବରେ ବାରଦା୧୦ ଓଭରରେ ୫ ୱିକେଟ ହରାଇ ୧୧୩ ରନ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ରାଣିଗୋଡା ଓ ପଣ୍ଡୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପଣ୍ଡୁଲା ଟସ ଜିଣି ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା । ରାଣିଗୋଡା ବ୍ୟାଟିଙ୍ଗ କରି ୧୦ ଓଭରରେ ୮ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା । ଜବାବରେ ପଣ୍ଡୁଲା ୭.୨ ଓଭରରେ ସମସ୍ତ ୱିକେଟ ହରାଇ ୭୮ ରନ କରି ପରାଜୟ ବରଣ କରିଥିଲା । ଫାଇନାଲ ମ୍ୟାଚ ବାରଦା ବନାମ ରାଣିଗୋଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବାରଦା ଟସ ଜିଣି ବ୍ୟାଟିଙ୍ଗ କରିବାର ନିଷ୍ପତି ନେଇ ୧୦ ଓଭରରେ ୯ ୱିକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା । ଜବାବରେ ରାଣିଗୋଡା ୮.୩ ଓଭରରେ ୫ ୱିକେଟ ହରାଇ ୧୨୦ ରନ କରି ବିଜୟୀ ହେବା ସହ ଜିସିସିର ଚଳିତ ବର୍ଷର ଚମ୍ପିଅନ ହୋଇଥିଲା । ଏହି ମ୍ୟାଚକୁ ଶୁଭକାନ୍ତ ପାତ୍ର, ଅରୁଣ ଆରଣ, ମନୋରଂଜନ ସାମଲ ପରିଚାଳନା କରିଥିବା ବେଳେ ପରମେଶ୍ୱର ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ । ସ୍କୋରରଭାବେ ରଂଜନ ଖୁଂଟିଆ ଯୋଗଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଆର୍ଶିବାଦ ଆଗ୍ରୋ ପ୍ରଡକ୍ଟର ବିକାଶ ଦାଶ, ସମାଜସେବୀ ସନ୍ତୋଷ କୁମାର ବେହେରା, ସାମ୍ବାଦିକ ସୁବାସ ଧଳ, ସରପଂଚ ପ୍ରକାଶ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ପୁରସ୍କୃତ କରିଥିଲେ । ସତିସ ଧଳ, ଆଲୋକ ବେହେରା, ଶିବ ପ୍ରସାଦ ଗିରି, ସୁବାସ ପୁରୀ, ଅୟୋଜ୍ୟୋତିସାମଲ, ଶ୍ରୀପତି ପୁରୀ, ଜିତେନ୍ଦ୍ର ଭାରତୀ, ମଦନମୋହନ ଜେନା, ଉମେଶ ପୁରୀ, ସୁବାସ ପୁରୀ, ଅଭୟ ମଲ୍ଲିକ, ଅମୂଲ୍ୟ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଗର୍ଜିଲେ ଅଙ୍ଗନୱାଡ଼ି କର୍ମୀ : ୨୨ ଦଫା ଦାବି ପୂରଣ ଦାବିରେ ବିକ୍ଷୋଭ

ସମ୍ବଲପୁର,୪/୧ (ନି.ପ୍ର): ପଶ୍ଚିମ ଓଡ଼ିଶାର ହଜାର ହଜାର ଅଙ୍ଗନୱାଡି କର୍ମୀ ଦୀର୍ଘ କିଛି ବର୍ଷ ଅନ୍ତରରେ ୨୨ ଦଫା ଦାବି ପୂରଣ ପାଇଁ ଆଜି ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । କାର୍ମୀଙ୍କୁ ସରକାରୀ ମାନ୍ୟତା,୨୧ ହଜାର ଦରମା,୧୦ ହଜାର ପେନସନ, ଚାକିରୀ ସର୍ତାବଳୀ ପ୍ରଭୃତି ଦାବୀ ନେଇ ଆଜି ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହିତ ଗର୍ଜି ଥିଲେ । ଏହି ବିକ୍ଷୋଭ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ କର୍ମୀ ଓ ସହାୟିକା ସାମିଲ୍ ହୋଇଥିବା ଯୋଗୁଁ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା । ପୋଲିସ ପକ୍ଷରୁ ଗାଡି ଗୁଡିକକୁ ଅନ୍ୟ ରୁଟ ରେ ଡାଇଭର୍ଟ କରିବାକୁ ପଡ଼ିଥିଲା । ସମ୍ବଲପୁର ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମୀ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ନେତୃତ୍ୱରେ ଯୁଗ୍ମ ଶ୍ରମ କମିଶନର, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆନ୍ଦୋଳନକାରୀ ମାନେ କହିଥିଲେ ଯେ ରାଜ୍ୟରେ ସାମଗ୍ରୀ ର ଦରଦାମ୍ ବୃଦ୍ଧି ହୋଇଥିଲେ ହେ ଏ ପର୍ଯ୍ୟନ୍ତ ଦରମା ବୃଦ୍ଧି କରାଗଲା ନାହିଁ । ଏସ ଏନ୍ ପି ଦର ସଂଶୋଧନ ହେଲା ନାହିଁ । ପାଞ୍ଚଗୋଟି ଦାବି ପୂରଣ ସକାଶେ ସରକାର ପ୍ରତଶ୍ରୁତି ଦେଇଥିଲେ । ତାକୁ କାର୍ଯକାରୀ ନ କରିବା ଫଳରେ କର୍ମୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ର ପ୍ରତିଫଳନ ବୋଲି କର୍ମକର୍ତା ମାନେ କହିଛନ୍ତି । ନାରୀସେବା ସଦନରୁ ହଜାର ହଜାର ସଂଖ୍ୟାରେ କର୍ମୀମାନେ ବିଶାଳ ଶୋଭାଯାତ୍ରାରେ ଗୋଲ୍ ବଜାର ଛକ ,ଲକ୍ଷ୍ମୀ ଟକିଜ୍ ଛକ ଦେଇ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଯୁଗ୍ମଶ୍ରମ କମିଶନରଙ୍କୁ ଶ୍ରମିକ ମାନ୍ୟତା, ଉଚ୍ଚ କୁଶଳୀ ଶ୍ରମିକ ରୁପେ ମଜୁରୀ ବ୍ୟବସ୍ଥା, ଶ୍ରମ ଆଇନ୍ ସଂଶୋଧନ ସକାଶେ ପ୍ରସ୍ତାବ ଦେବା ପ୍ରଭୃତି ଦାବି କରିଥିଲେ । ଜିଲ୍ଲାପାଳ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସଭାନେତ୍ରୀ ମୀରାବତି ଦଳବେହେରା, ସାଧାରଣ ସମ୍ପାଦିକା ପ୍ରଭାସିନୀ ପାଢ଼ୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଆବାହକ ପ୍ରଶାନ୍ତ ପାଢ଼ୀ କହିଥିଲେ ଯେ ଆଇନ୍ ଅନୁଯାୟୀ କର୍ମୀଙ୍କୁ ବଞ୍ଚିବା ଭଳି ମଜୁରୀ ତଥା କାମ କରିବା ସକାଶେ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ଉଚିତ୍ । ସମସ୍ତ କାମ ସୁଚାରୁ ରୁପେ ସମ୍ପାଦନା କରୁଥିବା ଅଙ୍ଗନୱାଡି କର୍ମୀଙ୍କ ସରକାରୀ ମାନ୍ୟତା ନାହିଁ । ଅନ୍ୟ ରାଜ୍ୟ ଭଳି ଏଠି ଅଧିକ ଭତ୍ତା ଦେବାକୁ ଶ୍ରୀ ପାଢ଼ୀ ଦାବି କରିଥିଲେ ।

# ବୌଦ୍ଧ ଜିଲ୍ଲାର ୨୮ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ

ବୌଦ୍ଧ,୪/୧ (ନି.ପ୍ର): ୧୯୯୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ବୌଦ୍ଧ ଜିଲ୍ଲା ୨୮ବର୍ଷରେ ପଦାର୍ପଣ କରିଛି । ଓମିକ୍ରନ ର ଭୟାବହତା ମଧ୍ୟରେ ଜିଲ୍ଲା ବାସୀ ନିରାଡମ୍ବର ଭାବରେ ଜିଲ୍ଲାର ସ୍ୱନକ୍ଷତ୍ର ଉତ୍ସବକୁ ପାଳନ କରିଛନ୍ତି । ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ସମଗ୍ର ଜିଲ୍ଲାବାସୀ ଏହି ସ୍ୱାଭିମାନ ଦିବସକୁ ଘରେ ଘରେ ସମସ୍ତ କୋଭିଡ ନିୟମ ସହ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ । ଜିଲ୍ଲାର ସ୍ୱନକ୍ଷତ୍ର ଦିବସ ଅବସରରେ ବୌଦ୍ଧ ବିଧାୟକ ପ୍ରଦିପ କୁମାର ଅମାତ,କଂଟାମାଳ ବିଧାୟକ ମହୀଧର ରଣା ଓ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଭଗବାନ ବୁଦ୍ଧଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ମହୋତ୍ସବ ପଡିଆରେ ବୁଦ୍ଧ ମଣ୍ଡପ ନିକଟରେ ମଧ ପୂଜାର୍ଚ୍ଚନା କରିଥିଲେ । ଆଜିର ଦିନରେ ଜିଲ୍ଲାବାସୀଙ୍କ ପାଇଁ ବହୁ ପ୍ରତୀକ୍ଷିତ ବୌଦ୍ଧ ବାଇପାଶକୁ ମୁଖ୍ୟଅତିଥି ଭାବରେ ବିଧାୟକ ଶ୍ରୀଅମାତ ଲୋକାର୍ପଣ କରିଥିଲେ । ଏଥିସହିତ ବିଜୁ ପଟ୍ଟନାୟକ ଛକରେ ସ୍ଥାପିତ ଏକ ସେଲଫି ପଏଂଟକୁ ମଧ ଲୋକାର୍ପିତ କରାଯାଇଥିଲା । ଜିଲ୍ଲା ସଂଗ୍ରହାଳୟ ପରିସରରେ ଆୟୋଜିତ ଜିଲ୍ଲାର ପ୍ରତିଷ୍ଠା ଦିବସ ଉତ୍ସବରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀମିଶ୍ର ୨୮ବର୍ଷର ଜିଲ୍ଲା ନିଜର ଯୁବକ ସୁଲଭ ଗୁଣ ଦେଖାଇବା ସହିତ ବିକାଶ ଦିଗରେ ଅଗ୍ରଗତି କରୁଥିବାବେଳେ ଏଥିପାଇଁ ନିର୍ବାଚିତ ଲୋକପ୍ରତିନିଧି , ଜିଲ୍ଲାର ବୁଦ୍ଧିଜିବୀ,ସାଧାରଣଲୋକ,ଚାଷୀ,ଶ୍ରମିକ ଓ ସର୍ବୋପରି ଗଣମାଧ୍ୟମର ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ଯେଉଁମାନେ ଜିଲ୍ଲା ଗଠନ ପାଇଁ ସଂଗ୍ରାମ କରିଥିଲେ ଆଜିର ଦିନରେ ସେମାନଙ୍କୁ ମନେପକାଇବା ଉଚିତ ବୋଲି ଶ୍ରୀମିଶ୍ର ପ୍ରକାଶ କରିବା ସହିତ ଜିଲ୍ଲାରେ ବର୍ତମାନ ଅନେକ ବିକାଶ ମୂଳକ କାର୍ଯ୍ୟ ଜାରି ରହିଥିବାବେଳେ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ରହିଛି ବୋଲି କହିଥିଲେ । ବିଶେଷ ଭାବରେ ଜିଲ୍ଲାର ବିକାଶମୂଳକ କାର୍ଯ୍ୟରେ ସବୁସ୍ତରର ଲୋକଙ୍କ ସହଯୋଗକୁ ପ୍ରଶଂସା କରିଥିଲେ । ବହୁ ପ୍ରତୀକ୍ଷିତ ନନ୍ଦନବନ ପ୍ରକଳ୍ପ ପାଇଁ ୩୦ କୋଟି ଟଙ୍କା ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟ ସରକାର ମଂଜୁର କରିଥିବାବେଳେ ୪ କୋଟି ଟଙ୍କା କାର୍ଯ୍ୟ ଆରମ୍ଭ ପାଇଁ ଯୋଗାଇଦେଇଛନ୍ତି । ସମୟ ସାପେକ୍ଷ ହୋଇଥିଲେ ମଧ ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବିଶ୍ୱର ପର୍ଯ୍ୟଟନ ମାନଚିତ୍ରରେ ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିବ । ସେହିପରି ୨୦ ଲିଟରରୁ ଆରମ୍ଭ ହୋଇ ଆଜି ଜିଲ୍ଲା ର ଦୁଗ୍ଧଚାଷୀମାନେ ଦୈନିକ ୯ ହଜାର ଲିଟର ଦୁଗ୍ଧ ଦୈନିକ ବିକ୍ରୟ କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ଜିଲ୍ଲାରେ ଦୁଗ୍ଧବନ୍ୟା ସୃଷ୍ଟି ହୋଇପାରିଛି । ଚାଷୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେଥିପାଇଁ ଅନବରତ ଭାବରେ ଯୋଜନା କରାଯାଉଅଛି । ଜିଲ୍ଲାରେ ୫୪ ଟି ଗ୍ରାମକୁ ସବୁଦିନିଆଁ ରାସ୍ତା ନଥିବାବେଳେ ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ସବୁ ଗ୍ରାମକୁ ରାସ୍ତା ଦ୍ୱାରା ସଂଯୋଗୀକରଣ କରାଯିବ ବୋଲି ଏହି ଅବସରରେ ଜିଲ୍ଲାପାଳ ଶ୍ରୀମିଶ୍ର ପ୍ରକାଶ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀଅମାତ ଜିଲ୍ଲା ଗଠନ ପାଇଁ ସଂଗ୍ରାମ କରିଥିବା ବରିଷ୍ଠ ଆଇନଜିବୀ ଭାସ୍କର ଚନ୍ଦ୍ର ମେହେର ଓ ଉମେଶ ପ୍ରସାଦ ମହାକୁଳଙ୍କ ପରଲୋକ ହୋଇସାରିଥିବାରୁ ଆଜିର ଦିନରେ ସେମାନଙ୍କର ଅବଦାନ କୁ ମନେପକାଇ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ । ସେହିପରି ଦୀର୍ଘ ୨୭ବର୍ଷ ମଧ୍ୟରେ ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇ ସଂପୂର୍ଣ୍ଣ କରାଯାଇଥିବାବେଳେ ସେଥିପାଇଁ ଜିଲ୍ଲାବାସୀଙ୍କ ସହଯୋଗ ମଧ ପ୍ରଶଂସନୀୟ ବୋଲି ଶ୍ରୀଅମାତ ପ୍ରକାଶ କରିଥିଲେ । ବିଧାୟକ ଶ୍ରୀରଣା ଜିଲ୍ଲାର ବିକାଶରେ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲବାସୀଙ୍କ ସହଯୋଗକୁ ପ୍ରଶଂସା କରିଥିଲେ । ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ବବିତାରାଣୀ ଦଳବେହେରା ଯୋଗଦେଇଥିଲେ । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ଏବଂ ଜିଲ୍ଲ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ମଂଚ ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ମହାନଦୀର ଶୁରକ୍ଷା ଓ ବାଲ୍ୟ ବିବାହ ରୋକିବା ପାଇଁ ଶପଥ ପାଠ କରାଯାଇଥିଲା । ଶେଷରେ ସାଂସ୍କୃତିକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ଦାଶ,ବରିଷ୍ଠ ଆଇନଜିବୀ ତାରେଣି ମହାପାତ୍ର ,ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର,ସ୍ଥପତି ସୁମନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।




## ପୋଡ଼ା ବାସନ ସଫା ହୋଇଯିବ

*ରୋଷେଇ କରୁଥିବାବେଳେ ବ୍ୟସ୍ତତା ତଥା ଅନ୍ୟମନସ୍କତା ଯୋଗୁ ବେଳେବେଳେ ବାସନ ପୋଡ଼ିଯାଏ । ଏଥିରେ ଲାଗିଥିବା ପୋଡ଼ା ଖାଦ୍ୟ ସାମଗ୍ରୀ ଯୋଗୁ ଏହାକୁ ସଫା କରିବା କାଠିକର ପାଠ ହୁଏ । ହାତପାଆନ୍ତାରେ ଥିବା କେତେକ ଜିନିଷ ବ୍ୟବହାର କରି ପୋଡ଼ା ବାସନ ସହଜରେ ସଫା କରିପାରିବେ ।*

◆୨ କପ୍ ପାଣି ୧ଚାମଚ ବେକିଂ ସୋଡ଼ା, ୨ଚାମଚ ଲେମ୍ବୁରସ ପକାଇ ମମିନିଟ୍ ଫୁଟାନ୍ତୁ । ଏବେ ସ୍କ୍ରବରେ ଘଷିଦେଲେ ପୋଡ଼ାଦାଗ ଚାଲିଯିବ ।

◆ପୋଡ଼ା ବାସନରେ ଲୁଣ ଏବଂ ପାଣି ପକାଇ ପ୍ରାୟ ଚାରିମିନିଟ୍ ଫୁଟାନ୍ତୁ । ଏହାପରେ ଥଣ୍ଡାକରି ବାସନ ଧୋଉଥିବା ବ୍ରସରେ ଘଷିଦେଲେ ପୋଡ଼ାଦାଗ ଚାଲିଯିବ ।

◆ପୋଡ଼ା ବାସନରେ ଲୁଣ ଏବଂ ପାଣି ପକାଇ ପ୍ରାୟ ଚାରିମିନିଟ ଫୁଟାନ୍ତୁ ଏହାପରେ ଥଣ୍ଡା କରି ବାସନ ଧୋଉଥିବା ବ୍ରସରେ ଘଷିଦେଲେ ପୋଡ଼ାଦାଗ ଛାଡ଼ିଯାଏ । ।

◆ରୂପା ବାସନକୁ ସଫା କରିବା ଲାଗି ବ୍ୟବହାର କରାଯାଉଥିବା ଟମାଟୋ ରସ ସାଧାରଣ ବାସନ ପୋଡ଼ିଗଲେ ବି ସଫା କରିବାକୁ ଭଲ କାମ ଦିଏ । ପୋଡା ବାସନରେ ଟମାଟୋ ରସ ଓ ପାଣି ମିଶାଇ ଗରମ କରନ୍ତୁ । ଏହାପରେ ଘଷିଦେଲେ ସଫା ହୋଇଯିବ । ଟମାଟୋ କ୍ୟାଚଅପ୍ ପକାଇବାକୁ ଚାହିଁଲେ ଏହାକୁ ପୋଡ଼ା ବାସନରେ ଲଗାଇ କିଛି ସମୟ ରଖିଦେବେ । ପରେ ସ୍କ୍ରବରେ ଘଷି ସଫା କରିଦେବେ ।

◆କେଇଖଣ୍ଡ ପିଆଜ ପକାଇ ପାଣି ଦେଇ ଭଲଭାବେ ଫୁଟାଇଦେବେ । ପୋଡ଼ା ଦାଗ ଆପେ ଚାଲିଯାଇଥାଏ । ଗୋଟିଏ ଲେମ୍ବୁ ଫାଳ କରି ଏହାକୁ ବାସନର ପୋଡ଼ାଦାଗ ଉପରେ ଘଷନ୍ତୁ । ଇଚ୍ଛା କଲେ ଲେମ୍ବୁ, ଏବଂ ୩କପ୍ ପାଣି ପକାଇ ବାସନରେ ଫୁଟାନ୍ତୁ । ଏହାପରେ ସଫା କଲେ ପୋଡ଼ା ଅଂଶ ବାହାରିଯିବ ।

# ପ୍ରକୃତି ସେବାରେ କାରାଗାର

କାରାଗାର ବା ଜେଲ ନାଁ ନାଁ ଶୁଣିଲା ମାତ୍ରେ ଆଖି ଆଗରେ ଅନ୍ଧାରୁଆ ବନ୍ଦ କୋଠରିର ଚିତ୍ର ଦେଖାଯାଏ । ଏଠାରେ ରହିବା ନିଶ୍ଚିତ ଭାବେ କଷ୍ଟକର । ତେବେ ସ୍ୱିଡେନର ଏହି ଜେଲରେ ବନ୍ଦୀମାନେ ପ୍ରକୃତି ସହିତ ରହିଥିବା ପରି ଅନୁଭବ କରନ୍ତି । ଏହାର ଛାତ ଉପରେ ୧୧୦୦ ବର୍ଗମିଟର ଅଞ୍ଚଳରେ ଗଛ ଲଗାଯାଇଛି ଯାହା ଅଟ୍ଟାଳିକାକୁ ଥଣ୍ଡା ରଖିବାରେ ସହାୟକ ହୋଇଥାଏ । ଆଠଟି ବର୍ଗର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ଏକ ଡିସପୋଜାଲ ରୁମ ନିର୍ମାଣ କରାଯାଇଛି । ତେବଲନ ୪ନାମକ ଏକ ଅଟ୍ଟାଳିକାକୁ ୨୦୧୦ ମସିହାରେ ସ୍ୱିସ୍ କମ୍ପାନୀ ବାସେ କିଣିଥିଲା । ପରେ ଏହାକୁ ଜେଲରେ ପରିଣତ କରିଦିଆଯାଇଛି । ଏହାର ନାମ ରଖାଯାଇଛି ସ୍ୱସ୍ ଜେଲ ଏବଂ ପ୍ରୋବେସନ ସର୍ଭିସ୍ । ଜେଲର ବାରାକଗୁଡ଼ିକ ଏପରି ନିର୍ମାଣ କରାଯାଇଛି ଯେ ପାଣି ଖୁବ କମ ବ୍ୟବହାର ହୁଏ । ଜେଲରେ ବ୍ୟବହାର ହେଉଥିବା ଫ୍ରିଜ ମଧ୍ୟ କମ ବିଦ୍ୟୁତଶକ୍ତି ଆବଶ୍ୟକ କରେ । ସମଗ୍ର ଜେଲରେ ଥିବା ଏଲଡି ଲାଇଟଗୁଡ଼ିକ ଏକ ସେଣ୍ଟ୍ରାଲ ସଭିଲାନ୍ସ ସିଷ୍ଟମ ଦ୍ୱାରା ପରିଚାଳିତ । ସମ୍ପୂର୍ଣ୍ଣ ଅଟ୍ଟାଳିକା ଏକ ସ୍ୱୟଂକ୍ରିୟ ବାୟୁ ଚଳାଚଳ ବ୍ୟବସ୍ଥା ଦ୍ୱାରା ଥଣ୍ଡା ଏବଂ ଉଷୁମ କରାଯାଏ । ଜେଲର ରୋଷେଇଘରୁ ବାହାରୁଥିବା ଆବର୍ଜନାରୁ ବାୟୋଗ୍ୟାସ ପ୍ରସ୍ତୁତ କରିଥାନ୍ତି । ଏଠାକାର ୧୨% ଖାଦ୍ୟସାମଗ୍ରୀ ଜୈବିକ ପ୍ରକିୟାରେ ଉତ୍ପାଦନ କରାଯାଉଛି ସପ୍ତାହକୁ ଦୁଇଦିନ ଏଠାରେ କଏଦୀମାନଙ୍କୁ ନିରାମିଷ ଖାଦ୍ୟ ଦିଆଯାଏ । ପରିବେଶର ସୁରକ୍ଷା କରୁଥିବାରୁ ଏହି ଜେଲକୁ ୨୦୧୯ ବିୟମ ପବ୍ଲିକ ପ୍ରୋଜେକ୍ଟସ ଇନୟୁଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରଦାନକାରୀ ସଂସ୍ଥାର ଅଧ୍ୟକ୍ଷ ଏଲନ ଯେଟ୍ସ୍ୱଦଙ୍କ କହିବା ଅନୁସାରେ, ଜେଲରେ ସୁରକ୍ଷା ଅପେକ୍ଷା ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ନରୱେର ବୋସ୍ତୀୟ ଜେଲ ମଧ୍ୟ ସୌରଶକ୍ତି ପରିଚାଳିତ ଏବଂ ଏଠାରେ ପ୍ରତ୍ୟେକ ବ୍ୟବସ୍ଥା ନବୀକରଣ ଯୋଗ୍ୟ ।





## ଚପଲ ପିନ୍ଧିବା ମନା

ଖରା ହେଉ କି ବର୍ଷା ବିନା ଚପଲରେ ବାହାରକୁ ଯିବା ଲାଗି ମନ ହୁଏ ନାହିଁ । ଏଠାରେ କିନ୍ତୁ ଗ୍ରାମବାସୀ ଗାଁ ଭିତରେ ଆଦୌ ଚପଲ ପିନ୍ଧନ୍ତି ନାହିଁ । ଏଥିପାଇଁ ଧନୀ-ଦରିଦ୍ରର ବାଛବିଚାର ନଥାଏ । ଏପରିକି ବାହାରର କେହି ଲୋକ ତାଙ୍କ ଗାଁ ଭିତରକୁ ଚପଲ ପିନ୍ ଚାଲିଆସିଲେ ବି ସେମାନେ ବିରକ୍ତ ହୋଇଥାନ୍ତି । ତାମିଲନାଡୁର ମଦୁରାଇଠାରୁ ୨୦କିଲୋମିଟର ଦୂରରେ ଏହି ଗାଁ ରହିଛି । ଗାଁର ନାମ କଲିମାୟନ। ବର୍ଷ ବର୍ଷ ଧରି ଗାଁର ଛୋଟଠାରୁ ବୁଢ଼ା ପର୍ଯ୍ୟନ୍ତ କେହି ବି ଚପଲ ପିନ୍ଧି ଗାଁ ଭିତରେ ଚାଲନ୍ତି ନାହିଁ । କେହି ଏହି ନିୟମର ଅବମାନନା କଲେ ତାଙ୍କୁ କଠୋର ଦଣ୍ଡ ମିଳିଥାଏ । ଗ୍ରାମବାସୀମାନେ କାହିଁ କେଉଁକାଳରୁ ଅପାଛି ନାମକ ଦେବତାଙ୍କୁ ପୂଜା କରିଆସୁଛନ୍ତି । ଏହି ଦେବତା ସମଗ୍ର ଗ୍ରାମର ସୁରକ୍ଷା କରୁଛନ୍ତି ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଦେବ୍‌ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ଲାଗି ଗ୍ରାମ ସୀମା ମଧ୍ୟରେ ଜୋତା, ଚପଲ ପିନ୍ଧିବା ବାରଣ କରାଯାଇଛି । ପିଢ଼ି ପରେ ପିଢ଼ି ସେମାନେ ଏହି ପରମ୍ପରା ପାଳନ କରିଆସୁଥିବା ବେଳେ ଯଦି ବାହାରକୁ ଯିବାକୁ ହୁଏ, ତେବେ ଗ୍ରାମର ସୀମା ବାହାରକୁ ଯିବା ପରେ ହିଁ ସେମାନେ ସାଙ୍ଗରେ ନେଇ ଥିବା ଜୋତା କି ଚପଲ ପିନ୍ଧିଥାନ୍ତି ।



# ଧନିଆ

**ଖାଦ୍ୟକୁ ସ୍ୱାଦିଷ୍ଟ ଏବଂ ବାସ୍ନାଯୁକ୍ତ କରିବା ପାଇଁ ଧନିଆ ବ୍ୟବହାର କରାଯାଏ । ଏମିତି କୌଣସି ରୋଷେଇ ଘର ନାହିଁ ଯେଉଁଠି ଧନିଆ ନଥିବ ବା ଏମିତି କୌଣସି ଗୃହିଣୀ ନଥିବେ ଯିଏ ଖାଦ୍ୟ ପ୍ରସ୍ତୁତିରେ ଧନିଆ ବ୍ୟବହାର କରୁ ନଥିବେ । ତେବେ ଏମିତି କମ ଗୃହିଣୀ ଥିବେ ଯେଉଁମାନେ ଏହାର ଔଷଧୀୟ ଗୁଣ ସହିତ ପରିଚିତ ଥିବେ । ଆସନ୍ତୁ ଜାଣିବା ଧନିଆର ବିଶେଷ ଗୁଣଗୁଡ଼ିକ ସମ୍ପର୍କରେ ।**

■ ଆଖି ପୋଡୁଥିଲେ ମିଶ୍ରି ପାନ ମହୁରି ସହିତ ସମାନ ପରିମାଣର ଧନିଆ ମଞ୍ଜିକୁ ମିଶାଇ ଗୁଣ୍ଡ କରନ୍ତୁ ଏବଂ ଖାଇସାରିବା ପରେ ୧/୨ ଚାମଚ ଖାଆନ୍ତୁ । ପେଟରେ ଗ୍ୟାସ ହେଉଥିଲେ ଦୁଇ କପ ପାଣିରେ ସମାନ ପରିମାଣରେ ଜିରା, ଧନିଆ, ଚା ଗୁଣ୍ଡ ଓ ପାନ ମହୁରି ପକାଇ ତାକୁ ଅଳ୍ପଆଞ୍ଚରେ ଫୁଟାନ୍ତୁ । ପରେ ସେଥିରେ ଅଳ୍ପ ଚିନି ପକାନ୍ତୁ । ଚିନି ପରିବର୍ତ୍ତେ ମହୁ ପକାଇଲେ ଆହୁରି ଭଲ । ଏହାପରେ ତାକୁ ପିଅନ୍ତୁ । ଏଥିରେ ଏହି ସମସ୍ୟା ଦୂର ହେବ । ଏହା ନିୟମିତ ପିଇଲେ ପାଚନ କ୍ରିୟା ଠିକ୍ ହେବ ।





■ ପଥୁରି ରୋଗ କ୍ଷେତ୍ରରେ ମଧ୍ୟ ଧନିଆ ଅତ୍ୟନ୍ତ ଉପକାରୀ । କଅଁଳ ଧନିଆ ପତ୍ରକୁ ପାଣିରେ ପକାଇ ଫୁଟାନ୍ତୁ । ତାକୁ ଥର୍ଡା କରି ସକାଳେ ଖାଲି ପେଟରେ ପିଅନ୍ତୁ ।

ବ୍ରଣ ଛାଡ଼ିଯିବା ପରେ ଯେଉଁ କଳା ଦାଗ ରହିଯାଏ ତାକୁ ଛଡ଼ାଇବାରେ ମଧ୍ୟ ଧନିଆ କାମ ଦିଏ । ଧନିଆକୁ ବାଟି ସେଥିରେ ହିଳଦୀ ମିଶାଇ ପେଷ୍ଟ ପରି କରନ୍ତୁ ଏବଂ ତାକୁ ଦିନକୁ ଦୁଇଥର ମୁହଁରେ ଲଗାନ୍ତୁ ।

■ ଧନିଆରେ ଆଣ୍ଟିସେପଟିକ ଗୁଣ ରହିଛି । ତେଣୁ ମୁହଁରେ କୌଣସି କ୍ଷତ ହୋଇଥିଲେ ତାକୁ ଛଡ଼ାଇବାରେ ଏହା ସାହାଯ୍ୟ କରେ । ଏଥିପଶଇଁ କଅଁଳ ଧନିଆ ପତ୍ରକୁ ବାଟି କ୍ଷତ ସ୍ଥାନରେ ଲଗାନ୍ତୁ ।

■ ନିଦ ହେଉ ନଥିଲେ ଆପଣ ଏହାକୁ ବ୍ୟବହାର କରିପାରିବେ । ଧନିଆ ସହିତ ମିଶ୍ରି ମିଶାଇ ଚଟଣି କରନ୍ତୁ । ଦିନକୁ ଦୁଇଥର ଏହି ଚଟଣି ଖାନ୍ତୁ । ନିୟମିତ ଖାଇଲେ ନିଦ ସମସ୍ୟା ଦୂର ହେବ ।

■ ବେଳେବେଳେ ପେଟ ଗରମରୁ ବାରମ୍ବାର ଝାଡ଼ା ଲାଗେ । ଏଥିରୁ ମୁକ୍ତି ପାଇବା ପାଇଁ ୫୦ ଗ୍ରାମ ଧନିଆପତ୍ରକୁ ଭଲ ଭାବରେ ବାଟି ଦିନ୍ତୁ । ତାପର ତାକୁ ପାଣି ମିଶାଇ ସର୍ବତ ପରି ପିଅନ୍ତୁ ।

■ ନର୍ଭସ ସିଷ୍ଟମ ଦୁର୍ବଳ ଥିବା ବ୍ୟକ୍ତି ପ୍ରତିଦିନ ଧନିଆପତ୍ର ଖାଇବା ଉଚିତ ।

ଧନିଆ ପିତ୍ତ ଜନିତ ଫୁଲା, କୁଣ୍ଡିଆ, ପ୍ରଭୃତି ମଧ୍ୟ ଠିକ କରେ । ଧନିଆ ଗୁଣ୍ଡ ସହିତ ମହୁ ମିଶାଇ ଲଗାନ୍ତୁ ।

■ ଆଣ୍ଠୁଗଣ୍ଠି ବ୍ୟଥା ଉପଶମ କରିବାରେ ଧନିଆ । ବଟା ଧନିଆରେ ନଡ଼ିଆ ତେଲ କିମ୍ବା ଆପଣ ବ୍ୟବହାର କରୁଥିବା ବ୍ୟଥା ଉପଶମ କାରୀ ଅଏଣ୍ଟମେଣ୍ଟ ଲଗାଇ ବ୍ୟଥା ହେଉଥିବା ସ୍ଥାନରେ ଲଗାନ୍ତୁ ।

## ଛିଙ୍କ ଶୁଭଙ୍କର



ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଏବେ ବି ଅନେକେ ଅନ୍ଧବିଶ୍ୱାସକୁ ଧରି ରଖିଛନ୍ତି । କୌଣସି କାମ ଆରମ୍ଭ କରିବା ପୂର୍ବରୁ ଶୁଭ ଏବଂ ଅଶୁଭ ସୂଚନାକୁ ଜଗି ଚଳୁଛନ୍ତି । ଏହି କ୍ରମରେ ଛିଙ୍କିବା ଏକ ଅଶୁଭ ଲକ୍ଷଣ ବୋଲି ସେମାନଙ୍କ ମନରେ ବସା ବାନ୍ଧି ରହିଛି । ତେବେ ଜ୍ୟୋତିଷ ଶାସ୍ତ୍ରରେ ଛିଙ୍କିବା ସବୁବେଳେ ଅଶୁଭ ବୋଲି କୁହାଯାଇନାହିଁ । କୌଣସି ଜରୁରୀ କାମରେ ବାହାରକୁ ଯାଉଥିବାବେଳେ କେହି ପଛରୁ ଛିଙ୍କିଦେଲେ କାମରେ ସହଜରେ ସଫଳତା ମିଳିବ ବୋଲି ଜାରିବେ । ନୂଆ ପୋଷାକ ପିନ୍ଧୁଥିବା ବେଳେ କେହି ଛିଙ୍କିଲେ ଏହା ଦ୍ୱିଗୁଣ ଖୁସି ମିଳିବାର ସଙ୍କେତ ଦେଇଥାଏ । ଅର୍ଥାତ୍ ଖୁବ ଶୀଘ୍ର ଆଉ ଏକ ନୂଆ ପୋଷାକ ମିଳିପାରେ । ଶୁଭ କାମ କରିବା ସମୟରେ ଛିଙ୍କ ଆସିଲେ କାମ ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟିର ଆଶଙ୍କା ଆସେ । ଯଦି ଗୋଟିଏ ଛିଙ୍କ ପରେ ଆଉ ଗୋଟିଏ ଛିଙ୍କ ଆସେ, ଏହା ଶୁଭ ବୋଲି ଧରାଯାଏ । ଚିକିତ୍ସା ପାଇଁ ଡାକ୍ତରଖାନା ଯାଉଥିଲା ବେଳେ ଛିଙ୍କ ଆସିଲେ ଏହା ଶୁଭ ଏବଂ ତୁରନ୍ତ ଆରୋଗ୍ୟ ହେବାର ସୂଚନା । ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ନିଜେ କିମ୍ବା ଅନ୍ୟ କେହି ଛିଙ୍କିଲେ ସ୍ୱାଦିଷ୍ଟ ଓ ମନପସନ୍ଦର ଖାଦ୍ୟ ମିଳିପାରେ ।

## ପ୍ରତିଦିନ ନାଭିରେ ଲଗାନ୍ତୁ କିଛି ବୁନ୍ଦା ମହୁ, ମିଳିବ ଏସବୁ ଫାଇଦା

ନାଭିରେ ମହୁ ଲଗାଇବା ଦ୍ୱାରା ଚର୍ମ ସମସ୍ୟାରୁ ନେଇ ହଜମ ପ୍ରକ୍ରିୟା ସହିତ ଜଡିତ ସମସ୍ୟା ପାଇଁ ଏକ ପ୍ରଭାବଶାଳୀ ଚିକିତ୍ସା ହୋଇଥାଏ । ଏହା ଯେକୌଣସି ପ୍ରକାରର ସଂକ୍ରମଣକୁ ଦୂର କରିବାରେ ସହାୟକ ହୋଇଥାଏ । ନାଭିରେ ମହୁ ଲଗାଇଲେ ଚର୍ମର ଶୁଷ୍କତା ଏବଂ ବ୍ରଣ ସମସ୍ୟା ଦୂର ହୋଇଥାଏ ।

■ ଚର୍ମ ସମ୍ବନ୍ଧୀୟ ସମସ୍ୟା ଦୂର କରିବା ପାଇଁ ନାଭିରେ ମହୁ ଲଗାନ୍ତୁ । ଏହା ତ୍ୱଚାକୁ କୋମଳ ରଖିବା ସହିତ ଔଜ୍ଜ୍ୱଲ୍ୟ ବୃଦ୍ଧି କରିଥାଏ । ଏହା ଚର୍ମର ଶୁଷ୍କତାକୁ ଦୂର କରିଥାଏ । ମହୁରେ ମଶ୍ଚରାଇଜିଂ ଗୁଣ ଅଛି, ଏହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ବ୍ରଣ ଜନିତ ସମସ୍ୟା ଦୂର କରିବା ପାଇଁ ନାଭିରେ କିଛି ବୁନ୍ଦା ଶୁଦ୍ଧ ମହୁ ପକାନ୍ତୁ ।

■ମହୁରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି ଫଙ୍ଗାଲ୍ ଗୁଣ ରହିଛି । ଥଣ୍ଡା ଏବଂ ସଂକ୍ରମଣରୁ ଉପଶମ ପାଇଁ ମହୁ ଲାଭଦାୟକ ହୋଇଥାଏ । ଏଥିସହିତ ଏକ ବୁନ୍ଦା ଅଦା ରସ ଏବଂ ମହୁକୁ ମିଶାଇ ନାଭିରେ ଲଗାନ୍ତୁ । ଏହାଦ୍ୱାରା ଅନେକ ଲାଭ ମିଳିଥାଏ । ନାଭିରେ ମହୁ ଲଗାଇଲେ ଏହା ସଂକ୍ରମଣରୁ ରକ୍ଷା କରିଥାଏ ।

■ସେହିପରି ମହୁ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା ଏବଂ ହଜମ କ୍ରିୟା ଜିନିତ ସମସ୍ୟା ଦୂର ହୋଇଥାଏ । ପେଟ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଏହା ଏକ ଘରୋଇ ଉପଚାର ।



## ଆଖିକୁ ଆରାମ ମିଳିବ

**ଖରାଦିନେ ଆଖି ସବୁଠାରୁ ବେଶୀ ଯତ୍ନ ଆବଶ୍ୟକ କରେ । ସୂର୍ଯ୍ୟତାପ ଅସହ୍ୟ ହେଉଥିବାରୁ ଆଖିର ଉପଯୁକ୍ତ ସୁରକ୍ଷା ନନେଲେ ଏଥିରେ ପ୍ରବଳ ଯନ୍ତ୍ରଣା ହୁଏ । ଏପରି କେତେକ ଉପାୟ କଲେ ଆଖି ଆରାମ ପାଇବ । ଦିନକୁ ଅତି କମରେ ୩-୪ ଥର ଆଖିକୁ ଧୀରେଧୀରେ ପାଣିଛିଟା ମାରି ଧୁଅନ୍ତୁ । ଧୂଳି, ମଇଳା ବାହାରିବା ସହ ସଂକ୍ରମଣରୁ ଆଖି ସୁରକ୍ଷିତ ରହିବ ଏବଂ ଥଣ୍ଡା ଲାଗିବ ।**

◗ଅତିବାଇଗଣୀ ରଶ୍ମି ପ୍ରଭାବରେ ଆଖି ଉପରେ ଥିବା ସୁରକ୍ଷାଦାୟକ ଲୁହ କୋଷ କ୍ଷତିଗ୍ରସ୍ତ ହୋଇଥାଏ । ଏହା ଆଖି ପତ୍ରିକା ପ୍ରତିକ୍ଷତିକାରକ ଥିବାରୁ ସନଗ୍ଲାସ ପିନ୍ଧିବା ଉଚିତ ।

◗ଆଖିରେ କିଛି ପଡ଼ିଯାଇଥିଲେ ରଗଡ଼ିବା ବଦଳରେ ସଫା ରୁମାଲ କିମ୍ବା କପଡ଼ାରେ ହାଲକା କରି ବାହାର କରନ୍ତୁ । ଏହାପରେ ଥଣ୍ଡା ପାଣିର ଧୋଇବେ ।

◗ପର୍ଯ୍ୟାପ୍ତ ନିଦ ଆଖିକୁ ଆରାମ ଦିଏ ଏବଂ ସତେଜ ରଖେ । ତେଣୁ ଅତି କମରେ ୮-୯ଘଣ୍ଟା ଶୋଇବା ଉଚିତ । ଇଚ୍ଛା କଲେ ଦିନ ଓ ରାତି ଉଭୟ ବେଳାର ସମୟ ଏଥିରେ ମିଶାଇ ପାରିବେ ।

◗ଗରମରୁ ରକ୍ଷା ପାଇବା ଲାଗି ଅନେକେ ସନ୍ତରଣ କରିବାକୁ ପସନ୍ଦ କରନ୍ତି । ସ୍ୱିମିଂପୁଲକୁ ଚଷମା ପିନ୍ଧି ଯିବେ, ନଚେତ ସଂକ୍ରମଣ ହୋଇପାରେ ।



◗ଆଖିକୁ ଆରାମ ହେବା ଲାଗି ହାଲକା ମାଲିସ୍ କରିପାରନ୍ତି । ଗୋଲଗୋଲ କାକୁଡ଼ି କଟା କିମ୍ବା ଗୋଲାପ ଜଳରେ ତୁମଳା ଭିଜାଇ ଆଖି ଉପରେ ରଖିଲେ ଆରାମ ମିଳେ ।

◗ଖରାଦିନେ କେବେ ଏସି ସାମନାରେ ବସନ୍ତୁ ନାହିଁ । ମାଂସପେଶୀ ସଙ୍କୁଚିତ କରିଦିଏ ଯାହା ଫଳରେ ଆଖି କୁଣ୍ଡେଇ ହୋଇ ଯନ୍ତ୍ରଣା ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିଶା ବଳୟରେ ମଣିଷ...

ଦେଶ ବିଦେଶରେ ମାଦକ ଦ୍ରବ୍ୟ କାରବାର ପ୍ରସାର ଲାଭ କରୁଛି ତାହା ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ହେଉଛି । ବିଶେଷ କରି ଯୁବ ପିଢ଼ି ଯେଉଁଭଳି ନିଶାଦ୍ରବ୍ୟ ବ୍ୟବହାର କରୁଛନ୍ତି ଏବଂ ସେମାନଙ୍କ ଭିତରୁ କେତେକ ଅପରାଧ ଘଟାଇବାକୁ ପଛାଉ ନାହାଁନ୍ତି, ତାହା ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଓ ପ୍ରଶାସନ ଲାଗି ମୁଣ୍ଡବ୍ୟଥାର କାରଣ ହେଉଛି । ଭୁଲ୍ ରାସ୍ତାରେ ଯାଉଥିବା ଯୁବକ ଓ ଯୁବତୀ ନିଶା ରାକ୍ଷସ ଦ୍ୱାରା କବଳିତ ହେଉଛନ୍ତି । ମଦ, ସଂଜେଇ, ବ୍ରାଉନ୍ ସୁଗର କାରବାର ବଢ଼ିବା ପଛରେ ମାଫିଆମାନେ ପୂର୍ବାପେକ୍ଷା ସକ୍ରିୟ ହୋଇଉଠିଛନ୍ତି । ଦେଖାଯାଇଛି, ଏପରିକି କରୋନା କାଳରେ ସୁଦ୍ଧା ମାଫିଆମାନଙ୍କୁ କେହି ରୋକି ଦେଇପାରିନାହିଁ । କୋଟି କୋଟି ଟଙ୍କାର ଡ୍ରଗ୍ସ କାରବାର ଚାଲିଥିବା ଏବଂ ସେଥିରୁ କିଛିକାଂଶ ଧରାପଡ଼ିବା ଖବର ଆମେ ପାଉଥାଇଁ ମାତ୍ର ତାହା ଅଥଳ ସମୁଦ୍ର ଭଳି ଥିବା ସାମ୍ରାଜ୍ୟର ଅଳ୍ପ କିଛି ବୋଲି କୁହାଯାଇପାରିବ । ସମୟର ଗତି ସହ ଯେମିତି ବିକାଶର ଚକ୍ର ଘୂରି ଚାଲିଛି, ସେମିତି ଅପରାଧର ମାତ୍ରା ମଧ୍ୟ ବଢ଼ିଚାଲିଥିବାରୁ ତାହା ବିରୋଧରେ ଶକ୍ତ ପଦକ୍ଷେପ ଏକାଧିକ କାରଣ ପାଇଁ ସମ୍ଭବ ହେଉନଥିବାର କୁହାଯାଉଛି । ପାଶ୍ଚାତ୍ୟ ଜଗତରେ ନିଶା କାରବାର ବହୁ ଦିନରୁ ଚାଲିଆସିଛି । ତାହାରି ପ୍ରଭାବ କ୍ରମେ ଏସିଆ ମହାଦେଶକୁ ଆସିଛି । ବ୍ରାଉନ୍ ସୁଗର କୌଣସି ସମୟରେ ଭାରତୀୟ ଉପମହାଦେଶର ଉତ୍ପାଦ ନୁହେଁ କି ? ନଥିଲା। ମଦ, ସଂଜେଇ, ଅଫିମଠାରୁ ଆରମ୍ଭ କରି ବିଭିନ୍ନ କିସମର ନିଶା ବ୍ୟବହାର କରି ଯୁବପିଢ଼ି ଉଦ୍‌ଭ୍ରାନ୍ତ ହେବା ଏବଂ ଯାବତୀୟ ଅପରାଧ ଘଟାଇ ସାମାଜିକ ବିଶୃଙ୍ଖଳାର କାରଣ ହେବା କେଇ ଦଶକର କୁଫଳ। ପୁଲିସ ଓ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଧରାଯାଇ କିଭଳି ଶକ୍ତ କାର୍ଯ୍ୟାନୁଷ୍ଠାନ କରାଯିବ ତାହା ମସ୍ତବଡ଼ ଆହ୍ୱାନ ହୋଇ ଛିଡ଼ା ହୋଇଛି । ଅବକାରୀ ବିଭାଗ ଏମିତିରେ ଚୋରା ଚାଲାଣକାରୀଙ୍କୁ ଧରିଚାଲିଛନ୍ତି । ତାହା ଆଦୌ ଯଥେଷ୍ଟ ନୁହେଁ । ଦେଶର ବିଭିନ୍ନ ସ୍ଥାନରେ ଜବତ କୋଟି କୋଟି ଟଙ୍କାର ସଂଜେଇ ପୋଡ଼ାଯାଉଛି, ଜବତ ବ୍ୟାରେଲ ବ୍ୟାରେଲ ମଦ ନଷ୍ଟ କରାଯାଉଛି । ମାତ୍ର ଯାହା କରାଯାଉଛି, ତାହା ଆଦୌ ପର୍ଯ୍ୟାପ୍ତ ବୋଲି କହିହେବ ନାହିଁ । ଉତ୍ତର-ପୂର୍ବ କ୍ଷେତ୍ରରେ ନିଶାଦ୍ରବ୍ୟ ଚାଲାଣ ବହୁ ବର୍ଷ ତଳେ ବହୁ ମାତ୍ରାରେ ହେଉଥିଲା । ଏବେ ଓଡ଼ିଶା, ବିହାର, ଆନ୍ଧ୍ର ଭଳି ରାଜ୍ୟରେ ତାହା ଅଧିକ ହେବା ଧରପଗଡ଼ ପରେ ଜାଣିହେଉଛି । ଅପରାଧୀମାନେ କେତେବେଳେ ଦୁଧ ଗାଡ଼ିରେ ତ' ଆଉ କେତେବେଳେ କାଠ ଗାଡ଼ିରେ କାଟୁନ୍ କାଟୁନ୍ ଭଉଁ ମାଦକ ଦ୍ରବ୍ୟ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି । ଗତବର୍ଷ ଏକାଧିକ ଅନ୍ତଃରାଜ୍ୟ ଡ୍ରଗ୍ସ ବ୍ୟାକେଟ୍ ଧରାଯାଇଥିଲା ଏବଂ ବହୁ କୋଟି ମୂଲ୍ୟର ବ୍ରାଉନ୍ ସୁଗର ଜବତ କରାଯାଇଥିବାର ରେକର୍ଡ଼ ଅଛି । ଓଡ଼ିଶାରେ ଡ୍ରଗ୍ସ ମାଫିଆଙ୍କ ଉପଦ୍ରବ ବୃଦ୍ଧି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନାର୍କୋଟିକ୍ସ ଏଟିଏଫ୍କୁ ଅଧିକ ବଳ ଯୋଗାଇବା ପାଇଁ ସଂସ୍ଥାର ମୁଖ୍ୟ ରୂପେ ଦକ୍ଷ ପୁଲିସ ଅଧିକାରୀ ଅଭୟଙ୍କୁ ନିଯୁକ୍ତି ଦେଇଛନ୍ତି । ନିକଟରେ ପୁଲିସ ଡିଜି ରୂପେ କାର୍ଯ୍ୟକାଳ ପୂରଣ କରି ଅବସର ନେବାର ତୁରନ୍ତ ବାଦ୍ ଅଭୟଙ୍କୁ ଏହି ନିଯୁକ୍ତି ପ୍ରଦାନ ସୂଚିତ କରୁଛି କି, ଡ୍ରଗ୍ସ ସମ୍ବନ୍ଧୀୟ ବିଭିନ୍ନ ଅପରାଧ ଦମନ ପାଇଁ କର୍ତ୍ତୃପକ୍ଷ କେତେ ସତର୍କଶୀଳ । ଦକ୍ଷତା ଆଧାରରେ ଅଭୟଙ୍କୁ ନିଯୁକ୍ତି ପ୍ରଦାନ ସହ ରାଜ୍ୟକୁ ଡ୍ରଗ୍ସ କାରବାର ମୁକ୍ତ କରିବା ଲକ୍ଷ୍ୟରେ ଏକାଧିକ ପଦକ୍ଷେପ ନେବାକୁ ଯାଉଛନ୍ତି । ଡ୍ରଗ୍ସ ଭଳି ନିଶା ରାକ୍ଷସ କେତେ ପରିବାରକୁ ଉଚ୍ଛନ୍ନ କରିସାରିଲାଣି, ମଦର ଅବାଧ ପ୍ରସାର ସାମାଜିକ ବିଶୃଙ୍ଖଳା ଏବଂ କାରବାରଜନିତ ହିଂସାର ମଂଜି ବୁଣିଚାଲିଛି । ଗୋଷ୍ଠୀ ହିଂସାଠାରୁ ଆରମ୍ଭ କରି ଚୋରି ଡକାୟତି କରି ଅସାଧୁ ଉପାୟରେ ଧନ କମାଇବା ଆଜିକା ଯୁଗରେ ଧାରା ହୋଇସାରିଥିବାରୁ ଜନସଚେତନତା ସୃଷ୍ଟି ଦ୍ୱାରା ସେଭଳି ସମାଜ-ବିରୋଧୀଙ୍କୁ ହଟାଯାଇପାରିବ । ଥରେ କବଳିତ ହୋଇଗଲେ ନିଶାଡ଼ିମାନେ ହିତାହିତ ଜ୍ଞାନ ହରାଇ ବସନ୍ତି । ଯେକୌଣସି ପ୍ରକାର କୁକର୍ମ କରିବାକୁ ସେମାନେ ପଛାଇ ନଥାନ୍ତି ସୁତରାଂ, ସ୍ୱତନ୍ତ୍ର ଟାସ୍କ ଫୋର୍ସ ଆଗରେ ଡ୍ରଗ୍ସ କାରବାର ରୋକାଯିବା ପାଇଁ ଯେମିତି ବଡ଼ ଆହ୍ୱାନ ରହିବ, ସେମିତି ସାମାଜିକ ସଚେତନତା ସୃଷ୍ଟି ପାଇଁ ଅଭିଯାନ ଚଳାଯିବା ପାଇଁ ରହିବ ମାନବିକ ଦାୟିତ୍ । ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରେ ଡ୍ରଗ୍ସ କାରବାର ବିରୋଧରେ କିଭଳି ପଦକ୍ଷେପ ନିଆଯାଉଛି, ସାଇବର କ୍ରାଇମ୍ ଭଳି କ୍ଷୀପ୍ର ବ୍ୟାପିଯାଉଥିବା ଅପରାଧ ଉପରେ କେମିତି ଲଗାମ କଷାଯାଇ ପାରିବ, ସେ ସମ୍ପର୍କରେ ଅନୁଧାନ କରାଯିବା ଅବଶ୍ୟ ଆବଶ୍ୟକ। ସାମଗ୍ରିକ ରୂପରେ ନିଶା ସାମ୍ରାଜ୍ୟର ପ୍ରସାରକୁ ରୋକାଯିବା ପାଇଁ ପ୍ରଶାସନ ଓ ଜନସାଧାରଣ ସକ୍ରିୟ ସହଭାଗିତା ଜରିଆରେ ଅଗ୍ରସର ହେଲେହିଁ ସୁଫଳ ମିଳିପାରିବ।

## ଧର୍ମ ସଂସଦରେ ଗାନ୍ଧୀଙ୍କୁ ଗାଳି



ଗୋପାଳ ମହାପାତ୍ର

ଗାନ୍ଧୀ ଭାରତ ବର୍ଷର ସଂସ୍କୃତିକୁ ରାଜନୈତିକ ଶକ୍ତିରେ ପରିଣଥ କରିବା ସହ ବିବିଧତାକୁ ମଧ୍ୟ ସେଥିରେ ଯୋଡ଼ିବା ଭଳି ଏକ ଦୁରୁହ କାର୍ଯ୍ୟକୁ ସଫଳତାର ସହ କରିପାରିଥିଲେ। ମହାତ୍ମା ଗାନ୍ଧୀ ଭାରତୀୟ ମୂଲ୍ୟବୋଧର ସେହି ଶକ୍ତିକୁ ଜାଣିପାରିଥିଲେ ଯେଉଁ ଶକ୍ତି ହିନ୍ଦୁ ମୁସଲମାନ ଏବଂ ଶିଖମାନଙ୍କୁ ଯୋଡ଼ି ରଖି ପାରିଥିଲା। ଧର୍ମ ଏହି ସମ୍ପର୍କରେ ଶକ୍ତିକୁ ଦୁର୍ବଳ କରିଦେଇଥାଏ। ଭାରତ ବର୍ଷର ବିବିଧତାକୁ ରାଷ୍ଟ୍ରୀୟ ଶକ୍ତି ଏବଂ ମାନବତାର ଅସୀମ ସ୍ରୋତ ଭାବରେ ପ୍ରସ୍ତୁତ କରିବାର କାର୍ଯ୍ୟ କରିଥିଲେ ସ୍ୱାମୀ ବିବେକାନନ୍ଦ।

ଆଧୁନିକ ଭାରତର କଥିତ ଆଧୁନିକ ସାଧୁସନ୍ଥ ମାନଙ୍କର ଆଧୁନିକ ଧର୍ମ ସଂସଦର ଘଟଣା କିଛି ବିଚିତ୍ର ଭଳି ଲାଗେ। ଧର୍ମ ସଂସଦ ଯେଉଁଠି ଧର୍ମର ମହାନ ଏବଂ ଶାନ୍ତିପ୍ରିୟ ମୂଲ୍ୟର କଥା ଆଲୋଚନା କରାଯିବା କଥା ସେଠି ଶାନ୍ତିପ୍ରିୟ ମୂଲ୍ୟବୋଧକୁ ଧୂଳି ଧୂଷରିତ କରିବାର ଉଦ୍ୟମ କରାଯାଉଛି। ଯେଉଁଠି ଧର୍ମ ଏବଂ ଆଧାତ୍ମ ଉପରେ ଚିନ୍ତନ, ମନନ ଏବଂ ମନ୍ଥନ କରାଯିବା କଥା ସେଠି ବିଭିନ୍ନ ବିଶିଷ୍ଟତାରେ ସମାହିତ ଭାରତ ବର୍ଷର ଅସୀମ ଶକ୍ତିକୁ ଦୁର୍ବଳ କରି ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତା ଉପରେ ପ୍ରହାର କରାଯିବା ପାଇଁ ଚେଷ୍ଟା କରାଯାଉଛି। ଧର୍ମ ସଂସଦରେ ନିଜକୁ ସନ୍ଥ ବୋଲି ପରିଚୟ ଦେଉଥିବା ବ୍ୟକ୍ତି ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହିବା ସହ ହତ୍ୟାକାରୀ ନାଥୁରାମ ଗଡ଼ସେଙ୍କର ପ୍ରଶଂସା କରୁଛନ୍ତି। ଧର୍ମ ସଂସଦରେ ସାମିଲ ଜଣେ ମହିଳା ନାଥୁରାମ ଗଡ଼ସେଙ୍କର ପୂଜା କରାଯିବା ପାଇଁ କହୁଛନ୍ତି। ଏସବୁ କଥା ଶୁଣି ଧର୍ମ ସଂସଦରେ ଉପସ୍ଥିତ ଲୋକେ ମଧ୍ୟ କରତାଳି ଦେଉଛନ୍ତି ଏବଂ ଏସବୁ କଥାକୁ ସମର୍ଥନ କରୁଛନ୍ତି। ଏହା ଦୁର୍ଭାଗ୍ୟର କଥା ନିଶ୍ଚୟ। ଭାରତ ବର୍ଷର ବିବିଧତା ଏବଂ ବିଶିଷ୍ଟତାକୁ ସବୁଠାରୁ ଅଧିକ ଯିଏ ଚିହ୍ନି ପାରିଥିଲେ ସେମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀ ଅଗ୍ରଣୀ ଥିଲେ। ଗାନ୍ଧୀ ଭାରତ ବର୍ଷର ସଂସ୍କୃତିକୁ ରାଜନୈତିକ ଶକ୍ତିରେ ପରିଣଥ କରିବା ସହ ବିବିଧତାକୁ ମଧ୍ୟ ସେଥିରେ ଯୋଡ଼ିବା ଭଳି ଏକ ଦୁରୁହ କାର୍ଯ୍ୟକୁ ସଫଳତାର ସହ କରିପାରିଥିଲେ। ମହାତ୍ମା ଗାନ୍ଧୀ ଭାରତୀୟ ମୂଲ୍ୟବୋଧର ସେହି ଶକ୍ତିକୁ ଜାଣିପାରିଥିଲେ ଯେଉଁ ଶକ୍ତି ହିନ୍ଦୁ ମୁସଲମାନ ଏବଂ ଶିଖମାନଙ୍କୁ ଯୋଡ଼ି ରଖି ପାରିଥିଲା। ଧର୍ମ ଏହି ସମ୍ପର୍କରେ ଶକ୍ତିକୁ ଦୁର୍ବଳ କରିଦେଇଥାଏ। ଭାରତ ବର୍ଷର ବିବିଧତାକୁ ରାଷ୍ଟ୍ରୀୟ ଶକ୍ତି ଏବଂ ମାନବତାର ଅସୀମ ସ୍ରୋତ ଭାବରେ ପ୍ରସ୍ତୁତ କରିବାର କାର୍ଯ୍ୟ କରିଥିଲେ ସ୍ୱାମୀ ବିବେକାନନ୍ଦ। ୧୮୯୩ରେ ଚିକାଗୋ ଠାରେ ଅନୁଷ୍ଠିତ ସଭାରେ ସେ ଏହାକୁ ପ୍ରତିପାଦିତ କରିପାରିଥିଲେ। ଏସବୁ ପରେ ଗାନ୍ଧୀଙ୍କୁ ମହାତ୍ମା କାହିଁକି କୁହାଯାଉଛି ଏବଂ ଗାନ୍ଧୀଙ୍କୁ ସମାଲୋଚନା କରୁଥିବା ସାଧୁସନ୍ଥମାନଙ୍କ ବାବଦରେ ବୁଝିବାର ଆବଶ୍ୟକତା ମଧ୍ୟ ରହିଛି। ୧୯ଶ ଶତାବ୍ଦରେ ଭାରତ ବିଭାଜନ ପାଇଁ ଯେଉଁ ସମୟରେ ନକ୍ସା ପ୍ରସ୍ତୁତ କରାଯାଉଥିଲା ସେ ସମୟରେ ଗାନ୍ଧୀ ସ୍ୱାଧୀନତାର ଲଢେଇ ସହ ହିନ୍ଦୁମାନଙ୍କର ବିଖଣ୍ଡନର ଉଦ୍ୟମକୁ ରୋକିବା ପାଇଁ ଜୋରସୋର ଉଦ୍ୟମ କରୁଥିଲେ। ଦଳିତ ଓ ପଛୁଆ ଲୋକଙ୍କ ବସ୍ତିରେ ରହିବା ଘଟଣାକୁ କ୍ରାନ୍ତିକାରୀ ଘଟଣା ବୋଲି କୁହାଯାଇପାରେ। ବିରୋଧ ସତ୍ୱେ ଗାନ୍ଧୀ ତାଙ୍କ ଆଶ୍ରମରେ ଏକ ଦଳିତ ପାରିବାରକୁ ରୋକିବା ପାଇଁ ଅନୁମତି ଦେଇଥିଲେ। ସେ ସମୟରେ ଗାନ୍ଧୀ ଦଳିତ ପରିବାରର ଏକ କନ୍ୟାକୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ। ଇଂରେଜମାନେ କମ୍ୟୁନାଲ୍ ଆୱାର୍ଡ଼ ମାଧ୍ୟମରେ ଦଳିତ ବର୍ଗଙ୍କୁ ଅଲଗା ସଂରକ୍ଷଣ ଦେଇ ହିନ୍ଦୁ ଧର୍ମକୁ ବିଖଣ୍ଡନ କରିବାର ରାସ୍ତା ପ୍ରସ୍ତୁତ କରିଥିଲେ ଏବଂ ଡକ୍ଟର ଭୀମାରାଓ ଆମ୍ବେଦକରଙ୍କ ସହ ଆଲୋଚନା ପରେ ମଧ୍ୟ ଗାନ୍ଧୀ ୟରବଦା (ପୁନା) ଜେଲରେ ଅନଶନ କରିଥିଲେ ଓ ସଂରକ୍ଷଣକୁ କଡ଼ା ବିରୋଧ କରିଥିଲେ। ଗାନ୍ଧୀ ଜାଣିଥିଲେ ଯେ ଦଳିତମାନଙ୍କୁ ସ୍ୱତନ୍ତ୍ର ଭାବେ ସଂରକ୍ଷଣ ଦିଆଗଲେ ମୁସଲମାନ ଏବଂ ଖ୍ରୀଷ୍ଟିଆନଙ୍କ ଭଳି ପୃଥକବାଦର ଭାବନା ବଢିବ। ଏହାଦ୍ୱାରା ସ୍ୱତନ୍ତ୍ର ପରିଚୟ ଏବଂ ଅଲଗା ହେବା ଭଳି ସଙ୍କଟ ମଧ୍ୟ ସୃଷ୍ଟି ହେବ। ଏହା ହିନ୍ଦୁଙ୍କୁ ବିଖଣ୍ଡନ କରିବାର କାରଣ ହେବ। ଗାନ୍ଧୀ କହୁଥିଲେ ଯେ ଅସ୍ପୃଶ୍ୟତା ହେଉଛି ପାପ। ଡକ୍ଟର ଆମ୍ବେଦକର ଏବଂ ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା ପୁନା ପ୍ୟାକ୍ଟ (ପୁନା ଚୁକ୍ତି) ଏକ ମାଇଲଖୁଣ୍ଟ ସଦୃଶ ଯଦ୍ୱାରା ହିନ୍ଦୁମାନଙ୍କର ସମ୍ଭାବିତ ବିଭାଜନକୁ ରୋକାଯାଇ ପାରିଥିଲା। ବିଭାଜନକାରୀ ଆଚରଣ ଭାରତର ବିଖଣ୍ଡନର କାରଣ। ୧୯୪୬ ମସିହା ଅଗଷ୍ଟ ୧୬ରେ ହିନ୍ଦୁ ମୁସଲିମ୍ ଦଙ୍ଗା ଭୟାବହ ରୂପ ନେଇଥିଲା। ଏଥିରେ ହଜାର ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ଗାନ୍ଧୀ ନିଜେ ଦଙ୍ଗା ପ୍ରଭାବିତ ଅଞ୍ଚଳକୁ ଯାଇଥିଲେ ଓ ତାଙ୍କ ପ୍ରୟାସ କାରଣରୁ ସାମ୍ପ୍ରଦାୟିକ ସଂଘର୍ଷକୁ ରୋକାଯାଇ ପାରିଥିଲା। ବାସ୍ତବରେ ଧର୍ମ ସଂସଦ, ରାଜନୈତିକ ମଞ୍ଚ ଅଥବା ସାମାଜିକ ମଞ୍ଚରେ ମହାତ୍ମା ଗାନ୍ଧୀଙ୍କୁ ଟାର୍ଗେଟ କରିବାର ଯେଉଁ ଉଦ୍ୟମ କରାଯାଉଛି ତାହା ଗାନ୍ଧୀଙ୍କୁ ନୁହେଁ ଏହି ଦେଶର ମୂଲ୍ୟବୋଧ, ଏକତା ଏବଂ ଅଖଣ୍ଡତାକୁ ଟାର୍ଗେଟ କରିବାର ଉଦ୍ୟମ। ଗାନ୍ଧୀର ଅର୍ଥ ଦେଶ ପ୍ରତି ନିଷ୍ଠା, ତ୍ୟାଗ, ବଳିଦାନ, ସାଂସ୍କୃତିକ ମୂଲ୍ୟ, ସତ୍ୟ, ଶାକାହାର, ଅହିଂସା ଏବଂ ମାନବତା ପ୍ରତି ଅସୀମ ସମର୍ପଣ। ଗାନ୍ଧୀ ଶବ୍ଦର ଅର୍ଥ ଉଚ୍ଚ ଆଦର୍ଶ ଏବଂ ମାନବୀୟ ମୂଲ୍ୟବୋଧ। ଏଇଥିପାଇଁ ଗାନ୍ଧୀ ପୂଜନୀୟ କିନ୍ତୁ ଗାନ୍ଧୀ କେବେ ନିଜକୁ ପୂଜନୀୟ ବୋଲି କହିନାହାଁନ୍ତି। ଧର୍ମ ସଂସଦ ପାଇଁ ଗାନ୍ଧୀଙ୍କ ଭଳି ବିନମ୍ର ଏବଂ ତ୍ୟାଗୀ ମହାତ୍ମାଙ୍କର ଆବଶ୍ୟକତା ରହିଛି କିନ୍ତୁ ଦୁର୍ଭାଗ୍ୟର କଥା ଯେ ଆଜିର ସମୟରେ ସେମିତି ମହାତ୍ମା ମିଳିବା ମୁସ୍କିଲ। ଧର୍ମସଂସଦ ସାମାଜିକ ଏବଂ ଆର୍ଥିକ ଅସମାନତାକୁ ଦୂର କରିବାର କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବା ଉଚିତ୍। ଏହା କରାଯାଇପାରିଲେ ଧର୍ମ ଏବଂ ରାଷ୍ଟ୍ର ପାଇଁ ଶୁଭଙ୍କର ହେବ। ଯେଉଁମାନେ ନିଜକୁ ସାଧୁସନ୍ଥ କହି ଗାନ୍ଧୀଙ୍କୁ ସମାଲୋଚନା କରୁଛନ୍ତି ସେମାନେ ଗାନ୍ଧୀଙ୍କ ଜୀବନ ଏବଂ କାର୍ଯ୍ୟରୁ ଶିକ୍ଷାଲାଭ କରିବା ଉଚିତ୍। ହରିଦ୍ୱାର ଏବଂ ରାୟପୁରର ଧର୍ମ ସଂସଦରେ କଥିତ ଧର୍ମାଚାର୍ଯ୍ୟମାନଙ୍କ ବିଚାର ଭାରତୀୟ ମୂଲ୍ୟବୋଧର ସମନ୍ୱୟକାରୀ ପରମ୍ପରାକୁ ଚାଲେଞ୍ଜ ନିଶ୍ଚୟ। ଭାରତ ବର୍ଷର ବିଧତାକୁ ଅଣଦେଖା କରି ଯେଉଁଭଳି ମନ୍ତବ୍ୟ କେତେକ କଥିତ ସାଧୁସନ୍ଥ ଦେଇଛନ୍ତି ତାହା ଦେଶର ଏକତା ଏବଂ ଅଖଣ୍ଡତା ଉପରେ ପ୍ରହାର ବୋଲି କୁହାଯାଇପାରେ।

♥ ରାମଚନ୍ଦ୍ରପୁର, ରଣପୁର
(ମୋ)୯୪୩୮୪୮୫୦୯୪

## ଆମ ପାଇଁ, ଆମେ ସଚେତନ କି ?



ଭାଗୀରଥି ସାଗର

ବିଶାଳ ପୃଥିବୀ ସତେ ଲାଗୁଛି ଆଜି କ୍ଷୁଦ୍ର ଭୂଖଣ୍ଡ।ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ତଥା ଅତ୍ୟାଧୁନିକ ଯନ୍ତ୍ର ପୁଣି ନୂଆ ଔଷଧର ଉଦ୍ଭାବନ ଫଳରେ ମାନବର ଜୀବନ ଶୈଳୀ ହେଇଛି ସହଜ, ସରସ ଆଉ ସୁନ୍ଦର।ଯାନବାହାନ, ଗମନାଗମନର ଓ ସୌଖିନ ପଦାର୍ଥ ତାକୁ ଦେଇଛି ସଫଳତା। ଆଜି ଘରର ଅନ୍ଧାର ପ୍ରକୋଷ୍ଠ ଭିତରେ ଶୋଇ ମଧ୍ୟ ସେ ଜାଣି ପାରୁଛି ସକଳ ଘଟଣାର ପୁଙ୍ଖାନୁପୁଙ୍ଖ ବିବରଣୀ।ଜୀବନ ହୋଇଛି ମନୋରଞ୍ଜନ ଧର୍ମୀ।ଶିକ୍ଷାର ସମୃଦ୍ଧି ଘଟିଛି,ସ୍ୱାସ୍ଥ୍ୟର ବିକାଶ ହୋଇଛି ସତ କିନ୍ତୁ ବହୁ ପରିତାପର ବିଷୟ ଯେ ଆଜି ବି କେତେ ମଣିଷ ଅନ୍ଧାର କାଳିମା ଭିତରେ ହନ୍ତସନ୍ତ ହେଉଛନ୍ତି।ସ୍ୱାଧୀନ କଣ, ବିକାଶର ମାନେ କଣ ଆଉ ଅଧିକାର କାହାକୁ କୁହାଯାଏ।ସମ୍ପୂର୍ଣ୍ଣ ଜାଣି ନାହାନ୍ତି। ଅଜ୍ଞ ଓ ନିରକ୍ଷରତା ସତେ ଯେପରି ଏମାନଙ୍କର ଅଧିକାରକୁ ଦୂରକୁ ଖୁବ୍ ଦୂରକୁ ଛଡାଇ ନେଇଛି।

ଏବେବି ଅନେକ ଅଞ୍ଚଳ ଅଛି ବିକାଶର ଅନ୍ତରାଳେ,ଯେଉଁଠି ନାରୀଙ୍କୁ ସ୍ୱାଧୀନତା ଦିଆଯାଇନାହିଁ।ଗୃହିଣୀ ହେଇ ସକଳ କାର୍ଯ୍ୟ କରିବା ପରେ ବି ଶେଷରେ ବଳି ଥିବା ଖାଦ୍ୟକୁ ଖାଏ।ଝିଅଙ୍କ ଶିକ୍ଷାକୁ ବାରଣ କରାଯାଏ,ଯଦି ଝିଅ ପାଠ ପଢେ ତେବେ ଫକୀର ମୋହନ ସେନାପତିଙ୍କ ରେବତୀକୁ କହିଥିବା ସଂଳାପ ସବୁ ପୁଣି ଲେଉଟି ଆସେ ସମାଜରେ।ସେ ଯଦି ପାଠ ପଢିବ ନି ତେବେ ନିଜ ଜୀବନ ପ୍ରତି ଜାଣିବା ତା ପାଇଁ କାଠିକର ପାଠ ହୋଇ ଉଠିବ।ଏହାଛଡା ତାକୁ କମ ବୟସରେ ବିବାହ କରାଇ ଦିଆଯାଇଛି। ଏତେ କମ ବୟସରେ ବିବାହ ବନ୍ଧନରେ ଆବଦ୍ଧ ହେଉଛି ବୋଲି ସେ ଜାଣି ମଧ୍ୟ ପାରେନା। କାହିଁକି ସେ ଶିକ୍ଷିତ ହେଇନି, ତାକୁ ଶିକ୍ଷା ଗ୍ରହଣ କରିବା ଠାରୁ ବଞ୍ଚିତ କରାଯାଇଛି। ସେ ସମାଜରେ ଅବଳା, ଦୁର୍ବଳା ହୋଇଯାଇଛି।କାହା ଆଗରେ ମନ ଖୋଲି କଥା ହେଇ ପାରୁନି।ସେହିପରି ବାଳକ ମାନେ ମଧ୍ୟ ଏବେ ବି ସମାଜରେ ଦେଖିବାକୁ ମିଳେ ଯେ ଶିକ୍ଷା ଓ ଦାରିଦ୍ରତାର ବସବର୍ତ୍ତି ହୋଇ ଶିକ୍ଷା ଗ୍ରହଣ କରିବା ଠାରୁ ବଞ୍ଚିତ ହେଉଛନ୍ତି ଆଉ ଗାଈ ଚାରଣ କରିବା, ମୂଲିଆ ଲାଗିବା, ଦାଦନ ଯିବା ତଥା କୁଲି ମଜୁରୀ କରିବା କାର୍ଯ୍ୟ କରୁଛନ୍ତି। ସହର ମାନଙ୍କରେ ମଧ୍ୟ ଅଧାରୁ ପାଠ ଛାଡ଼ିଥିବା ହଜାର ଯାହାର ପୁଅ ଓ। ଝିଅ ବଡ଼ ବଡ଼ ମଲ୍ ମାନଙ୍କରେ କାମ କରୁଥିବା ଦେଖାଯାଏ।ଯଦିଓ ସରକାରଙ୍କ ଯୋଜନା ଅନୁଯାୟୀ ସ୍ଥାନ ସଂରକ୍ଷଣ ଅଛି ତଥାପି ଏହାର ସୁଯୋଗ ଅନୁସୂଚିତ ଜାତି, ଅନୁସୂଚୀତ ଜନଜାତି ଓ ପଛୁଆ ବର୍ଗର ପୁଅ ଝିଅ ନେଇ ପାରୁ ନାହାଁନ୍ତି।ଅନେକାଂଶରେ ପାଠ ପଢା ଅଧାରୁ ଛାଡ଼ି ଦେଉଛନ୍ତି।ସାଧାରଣ ବର୍ଗର ଛାତ୍ର ଛାତ୍ରୀ ମଧ୍ୟ ଆମକୁ ତ ସରକାରୀ ଚାକିରି ମିଳିବ ନାହିଁ ବୋଲି ପାଠ ଛାଡୁଥିବାରୁ ଦେଖାଯାଏ।ତେବେ ପ୍ରଶ୍ନ ଉଠୁଛି ପାଠ ପଢ଼ାଯାଏ କଣ ଖାଲି ସରକାର ଚାକିରି କରିବାକୁ ?ଉତ୍ତର ଆସିବ ଅଧିକାଂଶ ନା, ଖାଲି ସରକାରୀ ଚାକିରି କରିବାକୁ ପାଠ ପଢା ଯାଏନା, ପାଠ ପଢ଼ିଲେ ବିଭିନ୍ନ ବିକଳ୍ପ ରାସ୍ତା ମିଳେ ବଞ୍ଚିବାକୁ, ଉଚିତ୍ କଣ ଅନୁଚିତ୍ କଣ ଜାଣିହୁଏ ଇତ୍ୟାଦି। ସୁତରାଂ ଶିକ୍ଷା ମଣିଷର ପରମ ବନ୍ଧୁ।ଏହା ପ୍ରତ୍ୟେକ ନାଗରିକ ହୃଦୟଙ୍ଗମ କରିବା ଉଚିତ୍।କେତେକ କ୍ଷେତ୍ରରେ ଲୋକେ ଯାଯାବର ଜୀବନ ଯାପନ କରନ୍ତି,ଏମାନଙ୍କୁ ଦେଖିଲେ ବହୁତ ଦୁଃଖ ଲାଗେ, ଛୋଟ ଛୋଟ ପିଲାମାନଙ୍କୁ ଏମାନେ ଶିକ୍ଷା ଦେଇ ପାରନ୍ତି ନାହିଁ, କେତେବେଳେ ବସଷ୍ଟାଣ୍ଡ ତ ଆଉ କେତେବେଳେ ଖୋଲା ପଡିଆ ଆଉ ବେଳେ ବେଳେ ଦଦରା ସ୍କୁଲ ଗୃହ ଏମାନଙ୍କର ଆଶ୍ରୟସ୍ଥଳୀ ପାଲଟେ।ପିଲାଗୁଡିକ ନିଜ କୌଳିକ ବୃତ୍ତିରେ ପିତାମାତାଙ୍କୁ ସାହାଯ୍ୟ କରନ୍ତି, ଯେପରି ଲୁହା କାମରେ, ବୁଣାବୁଣି ଆଦି ଆଉ ମଧ୍ୟ ଏମାନେ ବିଭିନ୍ନ ପ୍ରକାର ଖେଳନା,ଘର ସଜ୍ଜା ଉପକରଣ ତଥା ବିଭିନ୍ନ ସାମଗ୍ରୀ ଘର ଘର୍ କିମ୍ବା ମେଳା ମହୋତ୍ସବ ଏବଂ ହାଟ ବଜାର କିମ୍ବା ଜନ ଗହଳି ଜାଗା ମାନଙ୍କରେ ବିକ୍ରୟ କରନ୍ତି।ଆଉ କେତେ ଲୋକ ରାଜ୍ୟ ରାଜ୍ୟ ବୁଲି ବୋତଲ ଗୋଟାଇବା,ପଲିଥିନ୍,କାଗଜ,କାଚ ଜିନିଷ ଆଦି ସଂଗ୍ରହ କରି ବିକ୍ରି କରନ୍ତି। ଏମାନେ ତ ନିଜ ଭିଟା ମାଟିରୁ ଦୂରେ ରହନ୍ତି। ଏମାନେ ଯେଉଁଠି ପହଞ୍ଚି ଯାନ୍ତି, ସେଇଟା ତାଙ୍କର ଜାଗା ପାଲଟିଯାଏ।

♥ ଡାଳଗୁମା,
କୋକସରା, କଳାହାଣ୍ଡି
(ମୋ)୯୩୩୭୬୨୪୮୯୯






### ଲାଜକୁଳୀ ଲତା

ଅମରନାଥ ବାରିକ୍

ଲାଜକୁଳୀ ଲତା ହେଲେବି ବୃକ୍ଷଟେ
ଜାଣଇ ନୀତି ସଂସ୍କାର
ଆସିଲେ ତା ଦେହ ସଂସ୍ପର୍ଶରେ କେହି
ଘୋଡ଼ାଏ ଅଙ୍ଗକୁ ତାର ।

ଧର୍ମ ତା ନଇଁବା କଷଣ ସହିବା
ଦଳି ଚକଟି ଦେ ଯେତେ
ଦଣ୍ଡା କି ବାଲୁଙ୍ଗା ନୁହେଁ ତା ସ୍ୱଭା୍ୱ
ସରମୀ ଲତାଟି ସତେ ।

ଜାଣେ ସେ ଦୁନିଆ ବଡ଼ ଅମାନିଆ
କରନ୍ତି ଖାଲି ଶୋଷଣ
ହୋଇ ଭୟଭୀତ ହୁଏ ସଙ୍କୁଚିତ
ଲଜ୍ୟା ଅଟେ ତା ଭୂଷଣ ।

ବନାନୀ ସବୁଜ କ୍ଷେତରେ ଶୋଭିତ
ଥାଏ କୋଣେ ଅନୁକୋଣେ
ପ୍ରକୃତି କୋଳରେ ବଂଶ ତା ବିସ୍ତାରେ
ଘଞ୍ଚ ଅରଣ୍ୟର ବଣେ ।

ନିଦାଘ ଖରାରେ ମାଟିର ଗନ୍ଧରେ
ଶରୀର ବିଛୁଡ଼ି ଥାଏ
ପାଇଲେ ବରଷା ଜଳକୁ ଗ୍ରହଣେ
ବହୁ ଆନନ୍ଦିତ ହୁଏ ।

ସରୁ ସରୁ ପତ୍ର ଚାଦର ବିଛାଇ
ଖେଳି ଯାଉଥାଏ ମନେ
ପବନର ମିଠା ପରଶ ପାଇଲେ
ଜୀବନକୁ ଧନ୍ୟ ମଣେ ।

ସୁରକ୍ଷିତ ହୋଇ ରହିବା ପାଇଁକି
ଦେହରେ ତା କଣ୍ଟା ଭରି
ଗଢ଼ିଛି ବିଧାତା ରୂପ ରେଖ ଦେଇ
ତାକୁ ସୁକୁମାରୀ କରି ।

ନାରୀ ର ଭୂଷଣ ଲଜ୍ୟାଟିକୁ ଜାଣ
ଦେହରେ ସେ ଅଳଙ୍କାର
ଲାଜକୁଳୀ ଲତାଠାରୁ
ଶିକ୍ଷା କରବଞ୍ଚିବାର ସୂତ୍ରଧାର ।

ମାନବ ଜାତି ହେ ଛାଡ଼ କୁସଂସ୍କାର
ହୁଅ ଟିକେ ସ୍ୱାଭିମାନି
ଭାରତୀୟ ପ୍ରଥା ପ୍ରାଚୀନ ସଂସ୍କୃତି
ବଜାୟ ରଖିଥା ମାନି ।

♥ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
(ମୋ) ୯୫୪୦୩୦୮୦୯୫
(ନୂଆଦିଲ୍ଲୀ)

### ଶୀତ ଗୋଟେ ଫୁଲେଇ ଝିଅ

ନିରଞ୍ଜନ ପତି



ଶୀତ ପରା ଗୋଟେ
ଫୁଲେଇ ଝିଅ
ଜଡେଇ ଧରେସେ
ସବୁରି ଦେହ।

ଶୀତଳ ହାତରେ
ପରଶ ଦେଇସେ
କହେ ଏବେ ତ ତମେ
ଖରାକୁ ଯାଅ।

ତାଆ କଥା ମାନି
ଖରାକୁ ଗଲେ
କିଛି ଟା ମୁହୂର୍ତ୍ତ
କଟାଇ ଦେଲେ,
ତାତି ଯାଏ ଦେହ
ସମ୍ଭାଳେନି ମୁହଁ
ପୁଣି ତା ଇଙ୍ଗିତେ
ଛାଇକୁ ଚାଲେ ।

ସଞ୍ଜ ହେଲେ ଶୁଭେ
ଫିକ୍ ଫିକ୍ ହସ
କହେ ପାରିଦେଇ
କମ୍ବଳେ ପଶ,
ରଙ୍ଗିନ ସପନେ
ମଜାଇ ଦେଇସେ
ନରମ ଓଠରେ
ଦିଏ ପରଶ ।

ଫୁଲେଇ ଝିଅର
ଦୁଇଟି ମନ,
ଗୋଟେ ଚାହେଁ ପ୍ରେମ
ଗୋଟିଏ ଧନ,
ବିରହ ବିଚ୍ଛେଦ
ଦେବନାହିଁ କିଛି,
ଖାଲି ଚାହେଁ ସିଏ
ମିଳନ ଦାନ ।

କୁଆଁରୀ ଦେହରେ
ମାଦକ ଭରି,
ପିଆଇ, ଉଠିବା
ହୁଅଇ ଡେରି
ଚାରିମାସ ଯାଏ
ସାଥୀ ହୋଇ ରହେ
ଗୋପନ ହୃଦର
ସପନ ପରୀ ।

♥ ଗାନ୍ଧୀ ମାର୍ଗ, ଅନୁଗୋଳ
(ମୋ)୯୯୩୮୧୩୩୫୫୯



### ମହାମନ୍ତ୍ର ଥାଉ ତୁଣ୍ଡେ

ପ୍ରଣତି ମହାପାତ୍ର



ତୋ ଶ୍ରୀମୁଖ ଦେଖେ ଅବା ମୁଁ ନ ଦେଖେ
ତୁଣ୍ଡରେ ଥାଏ ତୋ ନାମ,
ଶେଯରୁ ବସି ମୁଁ ହାତ ଯୋଡି ଦେଇ
ଦେଖେ ଜଗନ୍ନାଥ ଧାମ,
ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ
ବାଙ୍କଚୁଳିଆ ମୋ ଏଇଠୁ ତୋ ପାଦେ
କରୁଛି ଘେନ ପ୍ରଣାମ ॥

ମାଆ କୋଳୁ ଉଠି ସୂରୁଜ ଦେବତା
ହସିଣ ମୂରୁଜ ବୁଣି,
କାଳିଆ ସୁନା ମୋ ଅଗରୁ ଚନ୍ଦନେ
ମହମହ ବାସିଲାଣି,
ଉଠ ଉଠ ଭୂଆସୁଣୀ
ବାସିକାମ ସାରି ମଲ୍ଲୀ ମାଳ ଦିଅ
କାଳିଆ ଅଳି କଲାଣି ॥

ସଅଳ ସଅଳ ଚଷା ପୁଅ ପରା
ଛୁଟିଛି କ୍ଷେତକୁ ତା'ର,
କୋଡାକୋଡି କରି ପାଣି ମଡେଇବ
ନାହିଁ ଜମା ତା'କୁ ଡର,
ଯୋଗାଇବ ତ ଆହାର
ବଡ଼ ଶରଧାରେ ଫସଲ ଅମଳ
କରି ପୋଷେ ପରିବାର ॥

ସକାଳୁ ସକାଳୁ କରେ ମୁଁ ଗୁହାରୀ
ବଡ଼ଠାକୁରଙ୍କ ପାଦେ,
ସଭିଙ୍କୁ ସୁଖରେ ସୁସ୍ଥରେ ବି ରଖ
ନ ପଡୁ କେହି ପ୍ରମାଦେ,
ଜୟ ଜୟ ଜଗନ୍ନାଥେ
ହରେକୃଷ୍ଣ ହରେ ରାମ ମହାମନ୍ତ୍ର
ଥାଉ ସଭିଙ୍କର ତୁଣ୍ଡେ ॥

♥ ବାଲେଶ୍ୱର,ଓଡ଼ିଶା

# ଦୋଦୁଲ୍ୟମାନ ଏର୍ଦୋଗାନ

ସୌମେନ୍ଦ୍ର ଜେନା

କୋରୋନା ଲହର ଯୋଗୁ ପୃଥିବୀର ଅନେକ ଦେଶରେ ଜନଜୀବନର ଯେ କ୍ଷତି ହୋଇଛି ତା ନୁହେଁ ବିକାଶ ହୋଇଛି ବାଧାପ୍ରାପ୍ତ ଓ ଅର୍ଥନୀତି ହୋଇଛି ସଂକୁଚିତ । ବ୍ୟାଙ୍କର କାରବାର, ଖାଉଟୀ ବଜାରର ଦର ସବୁଠି ସୃଷ୍ଟି ହୋଇଛି ସଙ୍କଟ । ତେଣୁ ଗୋଟିଏ ପଟେ ସଟଡାଉନ ଓ ଲକ୍‌ଡାଉନର ଧାରା ଜାରି ରହିଥିବା ସମୟରେ ଅନ୍ୟପଟେ ଆର୍ଥିକ ପରିସ୍ଥିତିକୁ କେମିତି ସମ୍ଭାଳି ହେବ ତାହା ଏକ ବଡ ପ୍ରଶ୍ନ ହୋଇଛି । ଏହି ସବୁ ଆହ୍ୱାନ ମଧ୍ୟରେ ଅନେକ ଦେଶରେ ଶାସନରେ ଥିବା ଲୋକେ ପାଗଳାମୀ ଦ୍ୱାରା କିପରି ବ୍ୟବସ୍ଥାକୁ ଭାଙ୍ଗିବାର କାରଣ ହୋଇଥାନ୍ତି ତାର ଜ୍ୱଳନ୍ତ ଉଦାହରଣ ହେଲେ ତୁର୍କୀର ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ । ତାଙ୍କର ସଂକୀର୍ଣ୍ଣ ଦୃଷ୍ଟିକୋଣ, କ୍ଷମତା କୈନ୍ଦ୍ରିକ ବିଚାରଧାରା କିପରି ତୁର୍କୀର ଅର୍ଥ ବ୍ୟବସ୍ଥାକୁ ଏବେ ସଙ୍କଟାପନ୍ନ କରିଛି ତାହା ବେଶ୍ ସ୍ପଷ୍ଟ । କୋରୋନା ଯୋଗୁ ଉତ୍ପାଦନ, ଯୋଗାଣରେ ସବୁଠି ସମସ୍ୟା ସୃଷ୍ଟି ହୋଇଛି । ଶ୍ରମିକଙ୍କ ଅଭାବ, କଳକାରଖାନା ବନ୍ଦ ରହିବା, ଯାନବାହନ ଚଳାଚଳ ନକରିବା ଫଳରେ ସବୁ ଦେଶରେ ବାଣିଜ୍ୟ ହ୍ରାସ ହୋଇଛି । ଏହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମେରିକା ଡଲାରର ସୁଧହାର ବୃଦ୍ଧି କରିବା ସହ ଅଧିକ ନୋଟ ଛାପିଲା, ଭାରତ ଓ ଚୀନ ନିଜର ବିଦେଶୀ ମୁଦ୍ରା ଭଣ୍ଡାର ଖୋଲି ଖର୍ଚ୍ଚ କରିବାକୁ ଉଦ୍ୟମ କଲେ । ଅଥଚ ତୁର୍କୀର ରାଷ୍ଟ୍ରପତି ଏଠାର ଠିକ୍ ଓଲଟା ମାର୍ଗରେ ଯାଇ ନିଜ ଦେଶର ମୁଦ୍ରା ଲିରାକୁ ଇସଲାମ ଧର୍ମସହ ଯୋଡିଲେ । ସୁଧହାର ବୃଦ୍ଧିପାଇଁ ଇସ୍‌ଲାମ ଅନୁମତି ଦେଇନାହିଁ ବୋଲି କହି ସୁଧହାର ହ୍ରାସ କଲେ । ଆର୍ଥିକ ବଜାରରେ ସନ୍ତୁଳନ ଆଣିବା ପରିବର୍ତ୍ତେ ସେ ବଜାରକୁ ଭାଙ୍ଗିବା ଠିକ ମନେ କଲେ । କେବଳ ଏତିକି ନୁହେଁ ଗତ ଦୁଇବର୍ଷ ମଧ୍ୟରେ ସଙ୍କଟ କାଳରେ ସଂଯମତା ନରଖି ୧୬୫ ବିଲିଅନ ଡଲାର ହାତଖୋଲା ଖର୍ଚ୍ଚ କଲେ । ସିରିଆ ଠାରୁ ନାଗାର୍ଣ୍ଣୋ-କାରାବାଖ, କାଶ୍ମିରଠାରୁ କାବୁଲ ପର୍ଯ୍ୟନ୍ତ ସବୁଠି ତୁର୍କୀର ଜବରଦସ୍ତ ଭୂମିକା ରଖିବା ପାଇଁ ଉଦ୍ୟମ କଲେ଼। ନିଜକୁ ବର୍ତ୍ତମାନର ଅଟୋମନ ସାମ୍ରାଜ୍ୟର ଖଲିଫା ମନେକରି ବିଶ୍ୱବିଜୟୀ ହେବାକୁ ଚାହିଁଲେ । ଫଳରେ ଭାରତର ସବ୍‌ମେରିନ୍ ନିର୍ମାଣ ଦୌଡରୁ ତୁର୍କୀକୁ ବାଦ କରାଗଲା । ଲିବିୟା, ୟୁକ୍ରେନରେ ତୁର୍କୀର ଡ୍ରୋନ୍ ଯୋଗାଣକୁ ରୁଷିଆ ଭିନ୍ନ ଦୃଷ୍ଟିରେ ଦେଖି ବିରୋଧ କଲା । ସିରିଆରେ ତୁର୍କୀର ଆଭିମୁଖ୍ୟକୁ ଆମେରିକା ସରକାର ବିରୋଧ କଲେ । ନାଟୋର ସଦସ୍ୟ ରହିଥିବା ତୁର୍କୀକୁ ଆମେରିକା ସହାୟତାର ସମୀକ୍ଷା କରିବାକୁ କହିଲା । ମଧ୍ୟପ୍ରାଚ୍ୟର ସାଉଦି ଆରବ, ୟୁଏଇ, କାତାର ଆଦି ରାଷ୍ଟ୍ର ତୁର୍କୀର ଗୈଁଧୁରୀପଣିଆକୁ ବିରୋଧ କରିବାକୁ ଲାଗିଲେ । ଆର୍ମେନିଆ, ପର୍ତ୍ତୁଗାଲ ଓ ଗ୍ରୀସ ପରି ତୁର୍କୀର ଶତ୍ରୁ ରାଷ୍ଟ୍ରଗୁଡିକ ସହ ଭାରତର ମିତ୍ରତା ବୃଦ୍ଧି ଓ କ୍ଷେପଣାସ୍ତ୍ର ବିକ୍ରିନେଇ ଆଲୋଚନା ହେଲା । ଏସିଆ-ଇଉରୋପର ପ୍ରବେଶ ଦ୍ୱାର ଭାବେ ପରିଚିତ ତୁର୍କୀ ମଧ୍ୟ ଦେଇ ସଂଖ୍ୟାଧିକ ଶରଣାର୍ଥୀ ଇଉରୋପକୁ ପ୍ରବେଶ କରିବା ଉଦ୍ୟମକୁ ଇଉରୋପୀୟ ୟୁନିଅନ୍ ସମେତ ଅନେକ ରାଷ୍ଟ୍ରରେ ବିରୋଧ କରାଯିବା ଯୋଗୁ ଏର୍ଦୋଗାନଙ୍କ ବିଦେଶରେ ବନ୍ଧୁ ରାଷ୍ଟ୍ରଙ୍କ ସଂଖ୍ୟା ହ୍ରାସ ପାଇଲା ।

ଦେଶ ଭିତରେ ଏବେ ଏର୍ଦୋଗାନଙ୍କ ସପକ୍ଷରେ ସମର୍ଥନ ନାହିଁ । ତାର କାରଣ ହେଲା ୨୦୧୯ରେ ସହରାଞ୍ଚଳ ନିର୍ବାଚନରେ ଏର୍ଦୋଗାନଙ୍କ ଦଳ ଏକେପିର ପରାଜୟ । ପ୍ରମୁଖ ସହର ଆଙ୍କରା ଏବଂ ଇସ୍ତାନବୁଲରେ ଏର୍ଦୋଗାନଙ୍କ ମେଣ୍ଟ ପିପୁଲ୍ସ ଆଲାଏନ୍ସ ପରାଜିତ ହୋଇଥିଲା । ଦୁଇଟିଯାକ ସହରରେ ବିରୋଧୀ ନେସନାଲ ଏଲାଏନ୍ସର ପ୍ରାର୍ଥୀ ବିଜୟୀ ହୋଇଥିଲେ । ଏର୍ଦୋଗାନଙ୍କ ସହଯୋଗୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅହମତ ଡାଭୁଟୋଗ୍ଲୁ ନିଜର ଏକ ଦଳ ଫ୍ୟୁଚର ପାର୍ଟି ୨୦୧୯ ଡିସେମ୍ବରରେ ଗଢିଲେ । ସେମିତି ଏର୍ଦୋଗାନଙ୍କ ସହଯୋଗୀ ଥିବା ଅଲି ବାବାକାନ ଦେବାପାର୍ଟି ଗଢିଛନ୍ତି । ତୁର୍କୀର ଆର୍ଥିକ ଜଗତରେ ବାବାକାନଙ୍କୁ ସବୁଠୁ ବଡ ବ୍ୟକ୍ତିତ୍ୱ ଭାବେ ଗଣାଯାଇଥାଏ । ବାବାକାନ୍‌ଙ୍କ ଦଳରେ ୩୦ ପ୍ରତିଶତ ସଂରକ୍ଷଣ ମହିଳାଙ୍କ ପାଇଁ ରଖିବା ସପକ୍ଷରେ ତୁର୍କୀ ମହିଳା ଉଦ୍ୟୋଗୀ ସଂଗଠନର ପ୍ରତିଷ୍ଠାତ୍ରୀ ସାନେମ୍ ଓକ୍‌ତାର ଯୁକ୍ତି ବାଢିଛନ୍ତି । ଗଣତନ୍ତ୍ର, ସ୍ୱାଧୀନତା, ସମାନତା ଆଦି ଆଭିମୁଖ୍ୟ ନେଇ ଦଳ ତୁର୍କୀର ଜନତାଙ୍କୁ ଆକୃଷ୍ଟ କରିବ ଏବଂ ଏର୍ଦୋଗାନଙ୍କ ଶାସନର ଅନ୍ତ ଘଟିବ ବୋଲି ସେ କହନ୍ତି । ତୁର୍କୀର ଶାସକଦଳ ଏକେପି ଗତ ଦୁଇଦଶନ୍ଧି ହେଲା କ୍ଷମତାରେ ରହିବା ଫଳରେ ଏର୍ଦୋଗାନ କ୍ଷମତାର କେନ୍ଦ୍ରୀକରଣ କରି ନିଜ ପରିବାର ଲୋକଙ୍କୁ ଥଇଥାନ କରିଛନ୍ତି ବୋଲି ଅନ୍ୟମାନେ ଅଭିଯୋଗ କରୁଛନ୍ତି । ସେହିପରି ଦୁର୍ନୀତି ଅଭିଯୋଗ ଆଣି ଏର୍ଦୋଗାନଙ୍କ ସହଯୋଗୀ ଅବଡୁଲ୍ଲାତିଫ ସେନେର ପୂର୍ବରୁ ଦଳ ଛାଡି ଅନ୍ୟ ଏକ ଦଳ ତୁର୍କୀ ପାର୍ଟି ଗଠନ କରିଥିଲେ । ଏର୍ଦୋଗାନଙ୍କ ଗଡଭାବେ ପରିଚିତ ଇସ୍ତାନବୁଲର ଉସ୍କୁଦାର ଜିଲ୍ଲା ମଧ୍ୟ ଏକେପି ହାତରୁ ଖସିବାରେ ଲାଗିଛି । ଦେଶରେ ୨୦୨୩ରେ ନିର୍ବାଚନ ହେବାକୁ ରହିଛି । ୨୦୦୩ରୁ ପ୍ରଧାନମନ୍ତ୍ରୀ ଏବଂ ପରେ ରାଷ୍ଟ୍ରପତି ପଦରେ ଏର୍ଦୋଗାନ ରହିଆସିଛନ୍ତି । ଏର୍ଦୋଗାନଙ୍କ ଜଷ୍ଟିସ ଏଣ୍ଡ ଡେଭଲପମେଣ୍ଟ ପାର୍ଟି ଏବେ ସବୁଆଡୁ ସମାଲୋଚନାର ସମ୍ମୁଖୀନ ହେବାରେ ଲାଗିଛି । କାରଣ ଗତ ୧୦ ବର୍ଷରେ ଡଲାର ତୁଳନାରେ ତୁର୍କୀର ମୁଦ୍ରା ଲିରା ୭୫ଭାଗ ମୂଲ୍ୟ ହରାଇଛି । ଦେଶରେ ମୂଲ୍ୟ ବୃଦ୍ଧି ୫୦ ପ୍ରତିଶତ ବଢିଛି । ଗତ ଏକବର୍ଷ ମଧ୍ୟରେ ଲିରା ୪୫ ପ୍ରତିଶତ ମୂଲ୍ୟ ହରାଇଛି । ଦେଶରେ ମୁଦ୍ରାସ୍ଫିତି ୨୧.୩ ପ୍ରତିଶତ ବଢିଛି । ଏର୍ଦୋଗାନଙ୍କ ଚାପରେ ତୁର୍କୀର ବ୍ୟାଙ୍କ ସୁଧହାର ୧୯ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରିଛି । ଫଳରେ ଡଲାର ପିଛା ଲିରା ୧୪ରେ ପହଞ୍ଚିଛି । ତେଣୁ ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ଦାୟିତ୍ୱରେ ଥିବା ନାସି ଅଗବଲଙ୍କ ସ୍ଥାନରେ ସାହାପ କାଭାସିଏଗ୍ଲୁଙ୍କୁ ନିଯୁକ୍ତ କରାଯାଇଛି ।

କହିବାକୁ ଗଲେ ୨୦୦୨ ନିର୍ବାଚନ ଠାରୁ ଆଜି ପର୍ଯ୍ୟନ୍ତ ଏକେପି ଦଳର ଆର୍ଥିକ ନୀତିକୁ ଏର୍ଦୋଗାନ ହିଁ ପରିଚାଳନା କରି ଆସୁଛନ୍ତି । ଦେଶର କମ୍ ସଞ୍ଚୟ ଯୋଗୁ ସମସ୍ୟା ବଢିଛି । ତୁର୍କୀର ଚଳନ୍ତି ଜମାଖାତାର ନିଅଣ୍ଟ ପରିମାଣ ୨୦୧୬ରେ ୩୩.୧ ବିଲିଅନ ଡଲାର, ୨୦୧୭ରେ ୪୭.୩ ବିଲିଅନ ଡଲାର, ୨୦୧୮ରେ ୫୧.୬ ବିଲିଅନ ଡଲାର ଥିଲା । ପ୍ରତିବର୍ଷ ଏହି ନିଅଣ୍ଟ ପରିମାଣର ଭରଣା ପାଇଁ ତୁର୍କୀକୁ ୨୦୦ ବିଲିଅନ ଡଲାର ଆବଶ୍ୟକ ହୋଇଥାଏ । କିନ୍ତୁ ବିଦେଶୀ ମୁଦ୍ରା ଭଣ୍ଡାର ମାତ୍ର ୮୫ ବିଲିଅନ ଡଲାରରେ ସୀମିତ ରହିଛି । ବାହାର ଦେଶ ଜର୍ମାନୀ, ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡରୁ ତୁର୍କୀକୁ ଆସୁଥିବା ଅର୍ଥ ହ୍ରାସ ପାଇଛି ।ଏହାର କାରଣ ପଛରେ ନିଜେ ଏର୍ଦୋଗାନ ରହିଛନ୍ତି । ତାଙ୍କର ଏକାଧିପତ୍ୟ ମନୋଭାବ ଯୋଗୁ ୨୦୧୬ରେ ତଥାକଥିତ ସେନା ବିଦ୍ରୋହକୁ ଆଳକରି ସେ ଅନେକ ସଂପତ୍ତିକୁ ଜବତ କରିଦେଲେ, ଯାହାର ସେହି ଘଟଣାସହ କୌଣସି ସଂପର୍କ ନଥିଲା । ତୁର୍କୀର ଏହି ରାଜନୈତିକ ଅସ୍ଥିରତା ଯୋଗୁ ଅନେକ ବିଦେଶୀ କମ୍ପାନୀ ସେଠାରେ ପୁଞ୍ଜିନିବେଶ କରିବାକୁ ଚାହୁଁନାହାନ୍ତି । ଜାନୁଆରୀ -ମଇ ୨୦୧୭ରେ ବିଦେଶୀ ନିବେଶକମାନେ ତୁର୍କୀର ମୋଟ ୧୭.୫ ବିଲିଅନ ଜମା ନିଅଣ୍ଟରେ ୧୩.୨ ବିଲିଅନ ନିବେଶ କରିଥିଲେ । କିନ୍ତୁ ଠିକ୍ ସେହି ସମୟରେ ପରବର୍ଷ ୨୭.୩ ବିଲିଅନ ଡଲାର ନିଅଣ୍ଟିଆ କ୍ଷେତ୍ରରେ ମାତ୍ର ୭୩୬ ମିଲିଅନ ଡଲାର ନିବେଶ କରିଥିଲେ । ସେମିତି ୨୦୧୭ ବେଳକୁ ଦେଶର ବିଦେଶୀ ମୁଦ୍ରା ଋଣ ୨୧୪ ବିଲିଅନ ଡଲାରରେ ପହଞ୍ଚ ଯାଇଥିଲା । ୨୦୧୭ ଶେଷ ବେଳକୁ ତୁର୍କୀର ସରକାରୀ ଏବଂ ବେସରକାରୀ ଋଣ ମିଶି ୪୫୩.୨ ବିଲିଅନ ଡଲାର ହୋଇଥିଲା । ବିଦେଶୀ ଅଂଶଧନଧାରକଙ୍କ ଅଂଶ ଅଗଷ୍ଟ ୨୦୧୭ରେ ୯୨ ବିଲିଅନ ଡଲାର ଥିଲା ଯାହା ଜୁଲାଇ ୨୦୧୭ ବେଳକୁ ହ୍ରାସ ପାଇ ୫୩ ବିଲିଅନ ଡଲାରକୁ ଖସିଆସିଲା । ତୁର୍କୀର ମୋଟ ୨୨୪ ବିଲିଅନ ବିଦେଶୀ ଋଣ ମଧ୍ୟରେ ୮୩ ବିଲିଅନ ସ୍ପେନର, ୩୫ ବିଲିଅନ ଫ୍ରାନ୍ସର, ୧୮ ବିଲିଅନ ଇଟାଲୀର, ୧୭ବିଲିଅନ ବ୍ରିଟେନର, ୧୩ବିଲିଅନ ଜର୍ମାନୀ ବ୍ୟାଙ୍କର ରହିଛି । ଏବେ ଡଲାରର ମୂଲ୍ୟ ବୃଦ୍ଧି ପରେ ଏହି ଋଣର ପରିମାଣ ଢେର ବଢିଯିବ । ୩୧ମଇ ୨୦୧୮ରେ ଇନଷ୍ଟିଚ୍ୟୁଟ ଅଫ୍ ଫାଇନାନ୍‌ସିଆଲ ରିସର୍ଚ୍ଚ କର୍ତ୍ତୃପକ୍ଷ ଲିରାର ସମସ୍ୟା କିପରି ଲେବାନନ, କଲମ୍ବିଆ, ଦକ୍ଷିଣ ଆଫ୍ରିକା ଏବଂ ଉତ୍ତର ସିରିଆକୁ ପ୍ରଭାବିତ କରିଛି ସେ ସଂପର୍କରେ ସୂଚନା ଦେଇଥିଲେ । କ୍ରେଡିଟ ରେଟିଂ ଏଜେନ୍ସୀଗୁଡିକ ବିରୋଧରେ ଏର୍ଦୋଗାନଙ୍କ ବାରମ୍ବାର ସମାଲୋଚନା ଯୋଗୁ ୧୯ ଜାନୁଆରୀ ୨୦୧୮ରେ ଫିଚ୍ ରେଟିଂସ ନିଜର ଇସ୍ତାନବୁଲରେ ଥିବା କାର୍ଯ୍ୟାଳୟ ବନ୍ଦ କରିଥିଲା । ସେହି ବର୍ଷ ୭ମାର୍ଚ୍ଚରେ ମୁଡି ସଂସ୍ଥା ମଧ୍ୟ ତୁର୍କୀକୁ ବିଦେଶୀ ଋଣ ପ୍ରଭାବିତ କରିବ ବୋଲି କହିଥିଲା । ଏପ୍ରିଲରେ ତୁର୍କୀସେନାର କାର୍ଯ୍ୟାନୁଷ୍ଠାନ ଆମେରିକା ସଂପର୍କକୁ ଖରାପ କରିବ ବୋଲି କହିଥିଲା । ହେଲେ ଏର୍ଦୋଗାନ ସେ ସବୁ ଚେତାବନୀକୁ ଗୁରୁତ୍ୱ ଦେଲେ ନାହିଁ । ଚଳିତବର୍ଷ ୧୧ ସେପ୍ଟେମ୍ବର ୨୦୨୧ରେ ରେଟିଂ ସଂସ୍ଥା ମୁଡି ତୁର୍କୀକୁ ବି -୨ ଶ୍ରେଣୀକୁ ଖସାଇଦେଲା । ୧୦ ଡିସେମ୍ବର ୨୦୨୧ରେ ଷ୍ଟାଣ୍ଡାର୍ଡ ଏଣ୍ଡ ପୁଅର୍ସ ସଂସ୍ଥା ତୁର୍କୀର ଆର୍ଥିକ ସ୍ଥିତି ଅଧିକ ଖରାପ ହେବ ବୋଲି କହିସାରିଛି । ୧୪ ଡିସେମ୍ବରରେ ସ୍ୱିଜରଲାଣ୍ଡର ବ୍ୟାଙ୍କ ୟୁବିଏସ୍ ନିଜ ଗ୍ରାହକଙ୍କ ପାଇଁ ଡଲାର - ଲିରାର ସୁବିଧାକୁ ବନ୍ଦ କଲା ।

ଏର୍ଦୋଗାନ କ୍ଷମତାକୁ ଆସିବା ବେଳେ ଲିରାର ମୂଲ୍ୟ ସହ ଡଲାରର ମୂଲ୍ୟ ସମାନ ଥିଲାବେଳେ ଏବେ ତାହା ହ୍ରାସ ପାଇ ଡଲାର ପିଛା ୧୨ ଲିରାକୁ ପହଞ୍ଚିଛି । ଡିସେମ୍ବର ୨୦୨୧ତୃତୀୟ ସପ୍ତାହରେ ଏହା ୧୮.୪ ଲିରାକୁ ଖସିଯାଇଥିଲା । ଏହି ସ୍ଥିତିରେ ଲୋକେ ଲିରାକୁ ଡଲାରରେ ବଦଳାଇବା ଆରମ୍ଭ କରିଛନ୍ତି । କାରଣ ଲିରାର ମୂଲ୍ୟ ଅସ୍ଥିର ରହୁଛି । ଲୋକେ ବ୍ୟାଙ୍କଗୁଡିକ ଉପରେ ଭରସା କରିପାରୁନାହାନ୍ତି । ଏର୍ଦୋଗାନଙ୍କ ଭୁଲ ନୀତି ଯୋଗୁ ଏବେ ତାଙ୍କର ସ୍ଥିତି ଦୋଦୁଲ୍ୟମାନ ହୋଇଛି । ତୁର୍କୀରେ ଏର୍ଦୋଗାନଙ୍କ ଲୋକପ୍ରିୟତା ଇତି ମଧ୍ୟରେ ୩୦ପ୍ରତିଶତ ହ୍ରାସ ପାଇଛି । ଏହି ସ୍ଥିତି ଜାରି ରହିଲେ ତୁର୍କୀର ଆର୍ଥିକ ଭବିଷ୍ୟତ ସଙ୍କଟରେ ପଡିବ ।



ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


## ଚାଲିବା ଶୈଳୀରେ ପରିବର୍ତ୍ତନ ଆଣିଲେ ମେଦ କମେ



ଶରୀରର ମୋଟା କମେଇବା କିମ୍ବା ମେଦ କମ କରିବାର ଭଲ ଉପାୟ ହେଉଛି ଚାଲିବା । ଯଦି ଚାଲିବା ଗତିରେ ଆପଣ ପରିବର୍ତ୍ତନ ଆଣନ୍ତି, ତେବେ ଶରୀର ମେଦ ଶୀଘ୍ର ହ୍ରାସ ହେବ ବୋଲି ଓହିହୋ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି । ଏହି ଅଧ୍ୟନ ଅନୁସାରେ, ଚାଲୁଥିବା ସମୟରେ ଚାଲିବାର ଗତି ସମୟେ ସମୟେ ପରିବର୍ତ୍ତନ କରାଇଲେ ଭଲ ଫଳପ୍ରଦ ମିଳିଥାଏ । ଏହାଛଡ଼ା ଦିନ ସମୟରେ ୧୦ରୁ ୧୫ ମିନିଟ୍ ଚାଲିଲେ ୨୦ ପ୍ରତିଶତ ଚର୍ମି ଶରୀରରୁ ହ୍ରାସ ହୁଏ । ଚାଲିବା ସମୟରେ ଦୌଡ଼ିବା କିମ୍ବା ହେଇଁଲେ ମେଦ କମିଥାଏ । ଏହି ଅଧ୍ୟୟନର ଜଣେ ଗଗବେଷକଙ୍କ ମତରେ ଉଚ୍ଚା ସ୍ଥାନରେ କିମ୍ବା ସିଡ଼ିରେ ଚଢ଼ିବା ଶରୀର ୩୦ ପ୍ରତିଶତ ଚର୍ବି କମିଥାଏ । ଏହା ସହ ମନରେ ସକାରତ୍ମକ ଚିନ୍ତାଧାରା ରହିଲେ ଶରୀରର ଚର୍ବି କମିଥାଏ ।

## ସୁସ୍ଥ ହୃଦୟ ପାଇଁ ଅର୍ଦ୍ଧ ମତ୍ସ୍ୟେନ୍ଦ୍ରାସନ



ପ୍ରଥମେ ଦୁଇ ପାଦକୁ ଲମ୍ବାଇ ବସନ୍ତୁ । ବାମ ପାଦ ମୋଡ଼ି ତାର ଗୋଇଠିକୁ ଜନନେନ୍ଦ୍ରିୟ ମଧ୍ୟଭାଗରେ ରଖନ୍ତୁ । ଡାହାଣ ପାଦ ବାମ ପାଦର ଜଙ୍ଘ ପାଖରେ ଭୂମି ଉପରେ ସିଧା ଭାବେ ରଖନ୍ତୁ । ଡାହାଣ ଆଣ୍ଠୁ ପଛକୁ ମୋଡ଼ନ୍ତୁ । ଯେପରି ଆଣ୍ଠୁ ବାମ ହାତ କାଖ ତଳେ ରହିବ । ବାମ ହାତରେ ବାମ ଗୋଡ଼ର ଆଣ୍ଠୁକୁ ଧରନ୍ତୁ। ଶରୀରକୁ ଯେତେ ସମ୍ଭବ ଡାହାଣକୁ ମୋଡ଼ି ରଖନ୍ତୁ । ଡାହାଣ ହାତ ପଛ ଆଡ଼କୁ ଧୀରେଧୀରେ ବୁଲାଇ ଡାହାଣ ଗୋଡ଼ର ଗୋଇଠିକୁ ଧରନ୍ତୁ । ମୁହଁ ଡାହାଣକୁ ରଖନ୍ତୁ । ସିଧା ହୋଇ ବସନ୍ତୁ । ଏଇ ଅବସ୍ଥାରେ ୫/୧୦ ସେକେଣ୍ଡ ବସିବା ପରେ ବିଶ୍ରାମ କରି ପୁଣି ବିପରୀତ ଦିଗରେ ଏହି ଆସନଟିକୁ କରନ୍ତୁ । ମେରୁଦଣ୍ଡ ସିଧାରଖି ଓ ଶ୍ୱାସ କ୍ରିୟା ସ୍ୱାଭାବିକ କରନ୍ତୁ । ମୁଖମଣ୍ଡଳ ପୂର୍ବ ଦିଗକୁ ରହିବ । ନିୟମିତ ଆସନ କରିବା ଦ୍ୱାରା ମେରୁଦଣ୍ଡ ସିଧା ଓ ମଜଭୁତ ରହିବ । କୁଣ୍ଡଳିନୀକୁ ଶକ୍ତି ଜାଗ୍ରତ ହୁଏ । ଫୁସଫୁସ ଓ ହୃଦୟ ସବଳ ହୁଏ । ଯକୃତ ଦୋଷ ଦୂରହୁଏ । ରକ୍ତ ସଞ୍ଚାଳନ ଠିକ୍ ହୁଏ ।

## ଗଛର ବାସ୍ତୁବିଚାର

**ବାସ୍ତୁରାଜବଲ୍ଲଭ ନାମକ ପ୍ରାଚୀନ ବାସ୍ତୁଗ୍ରନ୍ଥ ଅନୁସାରେ ତୁଳସୀ, କଦଳୀ, ଚମ୍ପା, କେତକୀ, ଅଶୋକ ପ୍ରଭୃତି ବୃକ୍ଷ ଗୃହ ଓ ପରିବାର ପାଇଁ ଅତ୍ୟନ୍ତ ମଙ୍ଗଳାରୀ ଏବଂ ଶୁଭଦାୟୀ । ଘର ନିକଟରେ ଏସବୁ ରହିଲେ ଏଗୁଡ଼ିକ ଗୃହ ଏବଂ ବାତାବରଣକୁ ସକାରାତ୍ମକ ଶକ୍ତିରେ ଭରି ଦିଅନ୍ତି ଏବଂ ଗୃହସ୍ୱାମୀ ତଥା ପରିବାର ପାଇଁ ସୁଖ, ସମୃଦ୍ଧି ଓ ଶାନ୍ତିର ବାଟ ଫିଟାଇ ଦିଅନ୍ତି ।**



♦ ଉକ୍ତ ଗ୍ରନ୍ଥ ଅନୁସାରେ ଇଶାଣ କୋଣରେ କଦଳୀଗଛ ରହିଲେ ଧନବୃଦ୍ଧି ହୁଏ । ତା ପାଖରେ ତୁଳସୀ ଗଛ ରହିବା ଆହୁରି ମଙ୍ଗଳଦାୟକ । ଏହାର ଶୁଭ ପ୍ରଭାବ ଘର ଉପରେ ପଡୁଥିବା ସମସ୍ତ ନକରାତ୍ମକ ପ୍ରଭାବକୁ ନାଶ କରେ । ଭଗବାନ ବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କ କୃପା ସଦାସର୍ବଦା ପରିବାର ଉପରେ ରହିଥାଏ ।

♦ ହିନ୍ଦୁ ଶାସ୍ତ୍ରରେ ନାରିକେଳ ବା ନଡ଼ିଆକୁ ଶ୍ରେଷ୍ଠ ଫଳ ଭାବରେ ଅଭିହିତ କରାଯାଇଛି । ସମସ୍ତ ଶୁଭକାର୍ଯ୍ୟରେ ଏହାର ବ୍ୟବହାର କରାଯାଏ । କୌଣସି କାର୍ଯ୍ୟ ଆରମ୍ଭ କରାଯିବା ପୂର୍ବରୁ ନଡ଼ିଆ ଭାଙ୍ଗିବାର ବିଧି ରହିଛି । ଏହା ବିନା କୌଣସି ଶୁଭ ବା ମାଙ୍ଗଳିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ । ସେହିପରି ଅଶୋକ ଗଛକୁ ମଧ୍ୟ ପବିତ୍ର ବୃକ୍ଷ ଭାବନ୍ତେ ଗଣାଯାଏ । ତେଣୁ ଘର ନିକଟରେ ଏଇ ଦୁଇ ଗଛ ରହିଲେ ଦୁଃଖ, କଳହ, ଅସଫଳତା ପ୍ରଭୃତି ଦୂର ହୁଏ । ଅଶୋକ ଗଛ ଗୃହରେ ପ୍ରସନ୍ନତା ଭରି ଦିଏ ଏବଂ ନଡ଼ିଆ ଗଛ ପରିବାର ସଦସ୍ୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି କରେ ।



♦ ଫେଙ୍ଗସୁଇ ଅନୁସାରେ ଘର ପାଖରେ ବାଉଁଶ ଗଛ କିମ୍ବା ଘର ଭିତରେ ବାଉଁଶ ବୋନସାଇ ରଖିବା ଉଚିତ୍ । ଏହାଦ୍ୱାରା ନକାରାତ୍ମକ ଶକ୍ତି ଘର ଭିତରେ ପ୍ରବେଶ କରିପାରେ ନାହିଁ ।


♦ କ୍ଷୀରଯୁକ୍ତ ଗଛ ଧନବୃଦ୍ଧି କାରକ ବୋଲି ବୃହତ୍ ସଂହିତାରେ କୁହାଯାଇଛି । କ୍ଷୀରଯୁକ୍ତ ଗଛ, ଅର୍ଥାତ୍ ଯେଉଁ ଗଛର ପତ୍ର ଛିଣ୍ଡାଇଲେ ବା ଡାଳ ଭାଙ୍ଗିଲେ କ୍ଷୀର ଯୁକ୍ତ ଗଛ କୁହାଯାଏ । ତେଣୁ ଘରେ ଯଦି ବାଡ଼ି ବା ବଗିଚା ଥାଏ, ତା ହେଲେ ଅରଖ ଗଛ ଲଗାଇଯାଇପାରେ ।

ଘର ଭିତରକୁ ।ସୂର୍ଯ୍ୟାଲୋକ ପ୍ରବେଶ କରିବ, କିନ୍ତୁ ଉତ୍ତାପ ପ୍ରବେଶ କରିପାରିବନାହିଁ । ଅର୍ଥାତ୍, ବାହାରେ ପ୍ରବଳ ଗରମ ବେଳେ ସୂର୍ଯ୍ୟାଲୋକ ପଡୁଥିବା ଘର ଭିତର ଥଣ୍ଡା ରହିବ । ଏଥିପାଇଁ ଝରକାରେ ଏକ ଅତ୍ୟାଧୁନିକ ଯନ୍ତ୍ର ଖଞ୍ଜିବାକୁ ପଡ଼ିବ; ଯାହାକୁ ସ୍ମାର୍ଟ ଝରକା କହାଯାଉଛି । ସିଡନି ବିଶ୍ୱବିଦ୍ୟାଳୟର ଦଳେ ଗବେଷକ ଯନ୍ତ୍ରୀ ଏହି ଯନ୍ତ୍ର ବିକଶିତ କରିଛନ୍ତି । ଇଲେକଟ୍ରୋକ୍ରୋମିକ୍ ଯନ୍ତ୍ରଟି ପ୍ରାୟ ନବେ ପ୍ରତିଶତ ଆଲୋକ ଓ ଉତ୍ତାପ ନିୟନ୍ତ୍ରଣ କରିବାକୁ ସକ୍ଷମ । ଏହା ଦ୍ୱାରା ଶୀତତାପ ନିୟନ୍ତ୍ରିତ ଯନ୍ତ୍ରର ବ୍ୟବହାର କମିପାରିବ । ବିଦ୍ୟୁତ୍ ଶକ୍ତି କ୍ଷୟ ମଧ୍ୟ ରୋକିହେବ ।

## ସୁରା ଅବଶେଷରୁ ଜୈବ ଇନ୍ଧନ

ସୁରା ପ୍ରସ୍ତୁତିରେ ବ୍ୟହୃତ ପଦାର୍ଥର ଅବଶେଷରୁ ଏକ ପ୍ରକାର ଜୈବ ଇନ୍ଧନ ମିଳିପାରିବ । ମୋଟର କାର ଭଳି ଯାନବାହାଦନରେ ଇନ୍ଧନ ଭାବେ ଏହାକୁ ବ୍ୟବହାର କରାଯାଇପାରିବ । ସ୍କଟ୍ଲାଣ୍ଡର ଏଡିନବରାସ୍ଥିତ ଏକ ଜୈବ ଇନ୍ଧନ ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ଏହାର ଉତ୍ପାଦନ ପାଇଁ ପଦକ୍ଷେପ ନିଆଯାଉଛି । ଏହାର ନମୁନା ପ୍ରସ୍ତୁତି ସରିଛି । ଏହା ପରିବେଶ ଅନୁକୂଳ । ପେଟ୍ରୋଲ, ଡିଜେଲ ଭଳି ଖନିଜ ଇନ୍ଧନ ତୁଳନାରେ ଏଥିରୁ ଷାଠିଏ ପ୍ରତିଶତ କମ କ୍ଷତିକାରକ ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହେବ ।

## ମୁରୈନା ଚଉଷଠି ଯୋଗନୀ ମନ୍ଦିର



ମଧ୍ୟପ୍ରଦେଶ ଅନ୍ତର୍ଗତ ମୁରୈନା ଜିଲ୍ଲାର ମିତାଓ୍ୱଲୀରେ ଭାରତର ଅନ୍ୟତମ ଚଉଷଠି ଯୋଗିନୀ ମନ୍ଦିର ଅବସ୍ଥିତ । ଏହି ମନ୍ଦିରକୁ ବହୁ ଲୋକ ଇକଂତେଶ୍ୱର ମହାଦେବ ମନ୍ଦିର ମଧ୍ୟ କୁହନ୍ତି । ମନ୍ଦିର ମଧ୍ୟରେ ମୋଟ ଚଉଷଠିଟି କକ୍ଷ ରହିଛି । ପ୍ରତି କକ୍ଷରେ ଗୋଟିଏ ଗୋଟିଏ ଶିବଲିଙ୍ଗ ରହିଛି । ମଧ୍ୟ ଭାଗରେ ଏକ ଖୋଲା ମଣ୍ଡପ ଅବସ୍ଥିତ । ତେବେ ଏହି ମନ୍ଦିର ବହୁ ପୁରାତନ ହୋଇଥିବାରୁ ମନ୍ଦିରରେ ଥିବା ଚଉଷଠି ଯୋଗିନୀଙ୍କ ପ୍ରତିମା କିଛି ଚୋରି ହୋଇଯାଇଛି । ଏହିପରି କି ସେହି ମନ୍ଦିର ମଧ୍ୟରେ ଥିବା କିଛି ପ୍ରତିମା ସଂଗ୍ରହାଳୟରେ ମଧ୍ୟ ରହିଛି । ଗବେଷକଙ୍କ ମତରେ ମିତାଓ୍ୱଲୀ ଭୂକମ୍ପ ସ୍ଥାନ ହୋଇଥିବା କାରଣରୁ ମନ୍ଦିରକୁ ଗୋଲାକାର ଭାବେ ନିର୍ମିତ କରାଯାଇଛି । ଏକଦା ଏହି ମନ୍ଦିର ତନ୍ତ୍ର ବିଦ୍ୟା, ଗଣିତ ବିଦ୍ୟା ଓ ଜ୍ୟୋତିଷ ଶାସ୍ତ୍ର ଶିକ୍ଷାର ଏକ କେନ୍ଦ୍ରସ୍ଥଳ ଥିଲା । ଭାରତର ସଂସଦ ଭବନ ଏହି ମନ୍ଦିର ଢ଼ାଞ୍ଚାରେ ଗଢ଼ାହୋଇଥିବା ଅନୁମାନ କରାଯାଏ । ଏକାଦଶ ଶତାବ୍ଦୀରେ ନିର୍ମିତ ବୃତ୍ତାକାର ମନ୍ଦିରଟିକୁ 'ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାନ' ଦ୍ୱାରା ପ୍ରାଚୀନ ଐତିହ୍ୟ ସଂସ୍କାରକ ଭାବେ ଘୋଷିତ କରାଯାଇଛି ।





## ପଂଚାୟତ ନିର୍ବାଚନ ନୂତନ ସଂରକ୍ଷଣ ତାଲିକାରେ ଆଦିବାସୀମାନଙ୍କୁ ଉପେକ୍ଷା କରାଯାଇଛି - ସି.ପି.ଆଇ.(ଏମ୍)

ଭୁବନେଶ୍ୱର,୪/୧ (ନି.ପ୍ର): ରାଜ୍ୟର ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ସଂରକ୍ଷଣ ତାଲିକା ତ୍ରୁଟିପୂର୍ଣ୍ଣ ଦର୍ଶାଇବା ଯୋଗୁଁ ରାଜ୍ୟ ସରକାର ଯେଉଁ ସଂଶୋଧନ ପ୍ରସ୍ତାବ ପ୍ରକାଶ କରିଛନ୍ତି ତାହା ମଧ୍ୟ ଘୋର ତ୍ରୁଟି ପୂର୍ଣ୍ଣ ବୋଲି ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ କହିଛନ୍ତି । ଏକ ପ୍ରେସ ବିବୃତିରେ ସେ ରାଜ୍ୟର ୨୩ଟି ଜିଲ୍ଲାରେ ଆଦିବାସୀ ସଂପ୍ରଦାୟ ନିମନ୍ତେ ସଂରକ୍ଷଣ ନାହିଁ ବୋଲି ଦର୍ଶାଯାଇଛି । ଆଦିବାସୀ ଓ ଦଳିତମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଏକ ସାମ୍ବିଧାନିକ ନିର୍ଦ୍ଦେଶ । ତଦନୁଯାୟୀ ଓଡିଶା ଗ୍ରାମ ପଂଚାୟତ ଆଇନ ୧୯୬୪ ଓ ଓଡିଶା ପଂଚାୟତ ସମିତି ଆଇନ, ୧୯୫୯ରେ ସଂରକ୍ଷଣ ପାଇଁ ଉଲ୍ଲେଖ ରହିଛି । ପ୍ରତ୍ୟେକ ଗ୍ରାମ ପଂଚାୟତ ଓ ପଂଚାୟତ ସମିତିରେ ଆଦିବାସୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ସହିତ ଅଧ୍ୟକ୍ଷ ପଦ ପାଇଁ ମଧ୍ୟ ଗ୍ରାମ ପଂଚାୟତ ଆଇନ, ୧୯୬୪ ଧାରା ୧୦ ଓ ପଂଚାୟତ ସମିତ ଆଇନ ଧାରା ୧୬ରେ ସ୍ପଷ୍ଟ ଉଲ୍ଲେଖ ସତ୍ତ୍ୱେ ୨୩ଟି ଜିଲ୍ଲାରେ ଏହାକୁ ଅନୁସରଣ ନ କରିବା ଆଦିବାସୀମାନଙ୍କ ସାମ୍ବିଧାନିକ ଅଧିକାର ପ୍ରତି କୁଠାରଘାତ ଏବଂ ଅସାମ୍ବିଧାନିକ । ଓଡିଶା ହାଇକୋର୍ଟଙ୍କ ଦ୍ୱାରା ଦର୍ଶାଇଯାଇଥିବା ତୃଟି ସଂଶୋଧନ କରିବାକୁ ଯାଇ ରାଜ୍ୟ ସରକାର ଆଉ ଏକ ଗୁରୁତର ତୃଟି କରିଛନ୍ତି ।

ରାଜ୍ୟ ସରକାରଙ୍କ ଏହିପରି ଇଚ୍ଛାକୃତ ତୃଟି କୁ ଘୋର ନିନ୍ଦା କରିବା ସଙ୍ଗେ ସଙ୍ଗେ ତୁରନ୍ତ ଆବଶ୍ୟକୀୟ ସଂଶୋଧନ କରି ଆଦିବାସୀମାନଙ୍କ ଅଧିକାରକୁ ସ୍ୱିକୃତି ଦେଇ ନିର୍ବାଚନ କରିବାକୁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଦାବି କରାଯାଇଛି ।

## ଜୟପୁର ଗଣଦୁଷ୍କର୍ମ ଘଟଣାରେ ଅପରାଧୀଙ୍କୁ ସୁରକ୍ଷା ଦେଉଛନ୍ତି ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର,୪/୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ରାହ୍ମଣୀ ଗ୍ରାମରେ ବନ୍ଧୁକ ମୁନରେ ଗଣଦୁଷ୍କର୍ମ ଘଟଣା ଏବଂ ଅପରାଧୀଙ୍କୁ ସୁରକ୍ଷା ଦେଉଥିବାର ରାଜ୍ୟ ସରକାର ପ୍ରମାଣିତ କରିଛନ୍ତି ବୋଲି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକା ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ବିଶ୍ୱାଳ କହିଛନ୍ତି ଯେ,ଗତ ଡିସେମ୍ବର ମାସ ୨୪ ତାରିଖରେ ବନ୍ଧୁକ ମୁନରେ ଭୟଭୀତ କରାଯାଇ ମହିଳାଙ୍କ ସହ ଯେଉଁ ଭଳି ଭାବେ ଗଣଦୁଷ୍କର୍ମ କରାଯାଇଛି, ତାହା ଅବର୍ଣ୍ଣନୀୟ ଏବଂ ଅତ୍ୟନ୍ତ ଲଜ୍ଜାଜନକ । ଅଭିଯୋଗ ଅନୁଯାୟୀ ମୁଖ୍ୟ ଅଭିଯୁକ୍ତ ଲାଲ୍ ବାହାଦୁର ଦର୍ଜୀ ଏବଂ ମୀନ ବାରିକଙ୍କୁ ଶାସକ ଦଳର ସୁରକ୍ଷା କାରଣରୁ ବର୍ତମାନ ସୁଦ୍ଧା ଗିରଫ କରାଯାଇ ନାହିଁ । ଜୟପୁର ବ୍ରାହ୍ମଣୀ ଗାଁ ମହିଳା ଗଣଦୁଷ୍କର୍ମ ଘଟଣାରେ ରାଜ୍ୟ ସରକାରଙ୍କ ମହିଳା ସୁରକ୍ଷା ନୀତିର ମିଛ ବାହାସ୍ଫୋଟ ଆଜି ପୁଣି ପଦାରେ ପଡିଛି । ବିଜେଡି ଶାସନରେ, ମହିଳା ଓ ଶିଶୁ ବିପଦରେ । ପ୍ରତ୍ୟେକ ଦିନ ରାଜ୍ୟରେ ହାରାହାରି ୪ ଦୁଷ୍କର୍ମ ଓ ୬ ଅପହରଣ ଘଟଣା ଘଟୁଛି । ରାଜ୍ୟରେ ମହିଳା ହିଂସା ଓ ଦୁଷ୍କର୍ମ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି । ୨୦୧୯-୨୦୨୦ ବର୍ଷରେ ମହିଳା ହିଂସା ୯.୯୫ ପ୍ରତିଶତ ବୃଦ୍ଧି ପାଇଛି । ଗତ ୫ ବର୍ଷରେ ୨୭ ହଜାର ଶିଶୁ ନିଖୋଜ ଅଛନ୍ତି । ୨୦୨୦ ମସିହା ସୁଦ୍ଧା ପାଖାପାଖି ୧ ଲକ୍ଷ ୩୫ ହଜାର ମହିଳା ହିଂସା ଓ ନିର୍ଯାତନା ମାମଲା ବିଚାରଧିନ ସ୍ଥିତିରେ ଅଛି ବୋଲି ତଥ୍ୟ ପ୍ରକାଶ ପାଇଛି । ବିଭିନ୍ନ ଅପରାଧିକ ମାମଲରେ ସଂପୃକ୍ତ ଥିବା ଶାସକ ବିଜେଡିର ମନ୍ତ୍ରୀ ଓ ନେତାଙ୍କୁ ମୁଖ୍ୟମନ୍ତ୍ରୀ ସୁରକ୍ଷା ପ୍ରଦାନ କରୁଛନ୍ତି । 'କ୍ରିମିନାଲାଇଜେସନ୍ ଇନ୍ ପଲିଟିକ୍ସ'କୁ ବନ୍ଦ ନକରିବା ଯାଏଁ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ବୋଲି ଡ.ବିଶ୍ୱାଳ କ୍ଷୋଭ ପ୍ରକାଶ କରି କହିଛନ୍ତି । ଜୟପୁର ବ୍ରାହ୍ମଣୀ ଗାଁ ପ୍ରସଙ୍ଗକୁ ନେଇ ବିଜେପି ଜୟପୁରରେ ରାଜରାସ୍ତାକୁ ଓହ୍ଲାଇଛି । ଅପରାଧୀମାନେ ତୁରନ୍ତ ଗିରଫ କରାଯିବା ସହିତ ଜୟପୁର ପୀଡିତାକୁ ତୁରନ୍ତ ନ୍ୟାୟ ମିଳୁ । ନଚେତ୍ ଆଗାମୀ ଦିନରେ ଏହି ଲଢେଇକୁ ରାଜ୍ୟବ୍ୟାପୀ ଆହୁରି ଶାଣିତ କରାଯିବ ବୋଲି ଡ.ବିଶ୍ୱାଳ କହିଛନ୍ତି । ଡ.ବିଶ୍ୱାଳଙ୍କ ନେତୃତ୍ୱରେ ବିଜେପି ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ କୋରାପୁଟ ଜିଲ୍ଲା ବ୍ରାହ୍ମଣୀ ଗାଁକୁ ଗତ ଡିସେମ୍ବର ୩୧ ତାରିଖରେ ଗସ୍ତ କରିଥିଲେ । ଏହି ପ୍ରତିନିଧି ଦଳରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ରାଜ୍ୟ ସଂପାଦିକା ରଶ୍ମୀରେଖା ଦାସ ଏବଂ ବ୍ଲକ ଅଧ୍ୟକ୍ଷା ସରୋଜିନୀ ଦାସ ସାମିଲ ଥିଲେ ।

## ୭ରେ ନବୀନ ନିବାସ ଘେରିବେ ସବୁଜ ପତ୍ରିକାଧାରୀ

ଭୁବନେଶ୍ୱର,୪/୧ (ନି.ପ୍ର): ଆସନ୍ତା ୭ ତାରିଖରେ ସବୁଜ ପତ୍ରିକାଧାରୀମାନେ ନବୀନ ନିବାସ ଘେରାଉ କରିବେ । ପରିଚୟପତ୍ର ପ୍ରଦାନ ଦାବିରେ ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ରାଜ୍ୟ କମିଟି ସଭାପତି ସୁର ଜେନା ସୂଚନା ଦେଇଛନ୍ତି । ଏଆଇଟିୟୁସି ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘର ରାଜ୍ୟ କମିଟି ବୈଠକ ସୋମବାର ଅଶୋକ ନଗରସ୍ଥିତ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସବୁଜ ପତ୍ରିକାଧାରୀ ମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ୨୦୧୨ ମସିହା ପରଠାରୁ ସବୁଜ ପତ୍ରିକାଧାରୀ ମାନଙ୍କୁ ଆଉ ପରିଚୟପତ୍ର ଦିଆଯାଇ ନାହିଁ । ଅନ୍ୟପକ୍ଷରେ ରାଜ୍ୟ ସରକାର ପଂଚାୟତ ନିର୍ବାଚନ ପୂର୍ବରୁ ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ସାହାଯ୍ୟ ଓ ପ୍ୟାକେଜ ଘୋଷଣା କରି ଚାଲିଥିବାବେଳେ ରାଜ୍ୟର ୨୬ଲକ୍ଷ ସବୁଜ ପତ୍ରିକାଧାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ଏହି ବୈଠକରେ ତାହାର ଘୋର ନିନ୍ଦା କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ମାର୍ଥା, କୈଳାସ ପୁହାଣ, ଦୈତାରି ସାହୁ, ମାନସୀ ମାଝୀ, ରେଣୁବାଳା ମହାରଣା, ରଞ୍ଜିତା ସାହୁ, ଦେବସ୍ମିତା ସାହୁ ଓ ପ୍ରତିମା ବରାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥଲେ ।

## ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୬୮୦ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୪/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬୮୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩୯୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୮୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୧୧୯ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୬୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୫୬ ହଜାର ୬୬୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ଭିତରୁ ୧୦ ଲକ୍ଷ ୪୫ ହଜାର ୨୫୫ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୨ ହଜାର ୮୮୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

## ବିଧାନସଭାରେ ଜାନକୀ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିଷ୍ଠା ପାଇଁ କଂଗ୍ରେସ ସେବାଦଳର ପ୍ରସ୍ତାବ

ଭୁବନେଶ୍ୱର,୪/୧ (ନି.ପ୍ର): ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୫ତମ ଜୟନ୍ତୀ ଉତ୍ସବ ସୋମବାର ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ସେବାଦଳ ପକ୍ଷରୁ ପାଳିତ ହୋଇଯାଇଛି ।

ରାଜ୍ୟ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଷ୍ଟି ଦେଇଥିଲେ । ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଶିଳ୍ପ, କୃଷି, ଜଳସେଚନ ପ୍ରଭୃତି କ୍ଷେତ୍ରରେ ଓଡ଼ିଶା ଉନ୍ନତିର ଶିର୍ଷରେ ପଂହଚିଥିଲା । ଓଡ଼ିଶାକୁ ଭାରତବର୍ଷର ଏକ ନମ୍ବର ରାଜ୍ୟରେ ପ୍ରତିଷ୍ଠା କରିବାପାଇଁ ସେ ତାଙ୍କର ସମସ୍ତ ଶକ୍ତି ଖଟାଇ ଦେଇଥିଲେ । ଏଭଳି ଜଣେ ଜଶସ୍ୱୀ ଜନନେତାଙ୍କ ଜୀବନୀ ବିଷୟରେ ଆଜିର ଯୁବପୀଢ଼ି ଅବଗତ ହେବାର ଆବଶ୍ୟକତା ରହିଛି ।

ଅନ୍ୟତମ ଅତିଥି ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ କହିଲେଯେ, ସ୍ୱର୍ଗତ ପଟ୍ଟନାୟକ କେବଳ ଜଣେ ରାଜନେତା ନଥିଲେ ଶ୍ରୀ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ସାହିତ୍ୟକୁ ସାରା ବିଶ୍ୱରେ ପଂହଚାଇବା ପାଇଁ ତାଙ୍କର ଉଦ୍ୟମର ପଟାନ୍ତର ନାହିଁ । ସେ ଆହୁରି କହିଲେ ଯେ ଏଭଳି ଜଣେ ମହାନ ଜନନେତାଙ୍କର ପ୍ରତିମୂର୍ତି ଆଜି ପର୍ଯ୍ୟନ୍ତ ରାଜଧାନୀରେ ପ୍ରତିଷ୍ଠା ନହେବା ଅତ୍ୟନ୍ତ ଲଜ୍ଜାର ବିଷୟ । ଓଡ଼ିଶା ବିଧାନସଭାରେ ସ୍ୱର୍ଗତ ପଟ୍ଟନାୟକଙ୍କର ଏକ ପ୍ରତିମୂର୍ତି ପ୍ରତିଷ୍ଠା ପାଇଁ ସେ ମାନ୍ୟବର ବାଚସ୍ପତିଙ୍କୁ ପ୍ରସ୍ତାବ ରଖିବେ ବୋଲି ମତଦେଇଥିଲେ । ପୂର୍ବତନ ମନ୍ତ୍ରୀ ତଥା ବିଧାୟକୁରେଶ କୁମାର ରାଉତରାୟ କହିଲେ ଯେ ହଜାର ଦିନରେ ହଜାର କୋଟିରେ ହଜାର ଶିଳ୍ପ ଆହ୍ୱାନ ଦେଇ ସ୍ୱର୍ଗତ ପଟ୍ଟନାୟକ ଏହାକୁ କାର୍ଯ୍ୟକାରୀ କରିଥିଲେ । ଶିକ୍ଷାବିତ୍ ଡଃ ବଦ୍ରିନାଥ ପଟ୍ଟନାୟକ କହିଲେ ଯେ, ସାଧାରଣ ଓଡ଼ିଆ ବୋଧଗମ୍ୟ ଭାଷାରେ ସ୍ୱର୍ଗତ ପଟ୍ଟନାୟକ ଭାଗବତ, ମହାଭାରତ ଓ ରାମାୟଣକୁ କଥା ଆକାରରେ ଲୋକମାନଙ୍କ ପାଖରେ ପଂହଚାଇବା ତାଙ୍କର ଅନବଦ୍ୟ କୃତି ବୋଲି କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଚିନ୍ମୟ ସୁନ୍ଦର ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ବିଶ୍ୱଜିତ ଦାଶ, ପଦ୍ମାକର ଗୁରୁ ଓ ପ୍ରଶନ୍ନ ପାଇକରାୟ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ହାଇସ୍କୁଲରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ ପାଇଁ ରାଜ୍ୟପାଳଙ୍କ ପ୍ରସ୍ତାବ

ଭୁବନେଶ୍ୱର,୪/୧ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓଡ଼ିଶାର ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି । ଓଡ଼ିଶାକୁ ଏକ ଦିବ୍ୟଭୂମି ଭାବରେ ଅଭିହିତ କରି ଓଡ଼ିଶାର ଅପ୍ରମେୟ ଭୌତିକ ଓ ଆଧ୍ୟାତ୍ମିକ ଶକ୍ତି ସାମର୍ଥ୍ୟ ରହିଛି ବୋଲି ସେ କହିଛନ୍ତି ଏବଂ ଆଗାମୀ ଦିନରେ ଓଡ଼ିଶା ସମଗ୍ର ବିଶ୍ୱର ନେତୃତ୍ୱ ନେଇ ପାରିବ ବୋଲି ଆଶାପ୍ରକାଶ କରିଛନ୍ତି । ଏଥିପାଇଁ ଅନ୍ତର୍ନିହିତ ଶକ୍ତିର ସଫଳ ପ୍ରକାଶ ଓ ବିକାଶ ନିମନ୍ତେ ଅନୁକୂଳ ପରିବେଶ ନିର୍ମାଣ ଏକାନ୍ତ ଜରୁରୀ । ଏହି ପ୍ରତିଯୋଗିତା ସେ ଦିଗରେ ଏକ ପ୍ରୟାସ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି । ଏହି ପ୍ରତିଯୋଗିତା ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ହେବ । ଓଡ଼ିଶାକୁ ନେଇ ସ୍ୱପ୍ନ ଓ ନିଜର ସଂପୃକ୍ତି ସମ୍ପର୍କିତ ବିଷୟରେ ପ୍ରତିଯୋଗିତା ହେବ ଏବଂ ନିର୍ଦ୍ଦିଷ୍ଟ ରୂପେ ପ୍ରତିଯୋଗିତାର ୪୫ ମିନିଟ୍ ପୂର୍ବରୁ ବିଷୟବସ୍ତୁ ଜଣାଇଦିଆଯିବ । ଏହାର ଆୟୋଜନ ନିମନ୍ତେ ରାଜ୍ୟପାଳ ପ୍ରଫେସର ଲାଲ 'ସମ୍ବାଦ' ଓ 'ଆମ ଓଡ଼ିଶା'କୁ ପ୍ରସ୍ତାବ ଦେଇଥିଲେ ଏବଂ ଏହାକୁ ଗ୍ରହଣ କରି ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବାକୁ 'ଆମ ଓଡ଼ିଶା'ର ଅଧ୍ୟକ୍ଷ ତଥା 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି । ଏହାର ପ୍ରାରମ୍ଭିକ ପ୍ରସ୍ତୁତି କାର୍ଯ୍ୟ ସରିଛି ଏବଂ କରୋନା କଟକଣା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି ପ୍ରତିଯୋଗିତା ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରରେ ଅନୁଷ୍ଠିତ ହେବ ଏବଂ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ଏହି ପ୍ରତିଯୋଗିତାରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ରାଜଭବନ ପକ୍ଷରୁ ଅନୁରୋଧ କରାଯାଇଛି ।

## ଏମ୍‌ଏସ୍‌ଏମ୍‌ଇ ବିଭାଗର ଷ୍ଟାର୍ଟଅପ୍ କନେକ୍ଟ କାର୍ଯ୍ୟକ୍ରମ

### ପାରମ୍ପରିକ ଶିଳ୍ପ ସଂସ୍ଥା କାରବାର ବୃଦ୍ଧି ପାଇଁ ଷ୍ଟାର୍ଟଅପ୍ ସହାୟତା ଦିଆଯିବ

ଭୁବନେଶ୍ୱର,୪/୧ (ନି.ପ୍ର): ଷ୍ଟାର୍ଟଅପ୍ ଓ ସ୍ଫୁର୍ତି କ୍ଲଷ୍ଟରକୁ ଯୋଡ଼ି ପାରମ୍ପରିକ ଶିଳ୍ପକୁ ଏକ ନୂତନ ସଂଜ୍ଞା ଦେବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଷ୍ଟାର୍ଟଅପ୍ କନେକ୍ଟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିରେ ସମସ୍ୟା ସମାଧାନର ସର୍ବାଧୁନିକ ବ୍ୟବସ୍ଥା ରହିଛି । ଏ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ପଟିଆସ୍ଥିତ ଓ-ହବ୍ ଠାରେ ଏକ ବୈଠକ ଆହୂତ ହୋଇ ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରାଯାଉଛି । ସ୍ଫୁର୍ତି ଅଧୀନରେ କାର୍ଯ୍ୟରତ ବିଭିନ୍ନ କ୍ରିୟାନ୍ୱୟନ ସଂସ୍ଥା, ବୈଷୟିକ ସଂସ୍ଥା ଏବଂ ନୋଡ଼ାଲ୍ ଏଜେନ୍ସିଗୁଡ଼ିକ ଏହି ବୈଠକରେ ଅଂଶଗ୍ରହଣ କରି ପାରମ୍ପରିକ ଶିଳ୍ପ କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକୁ କିପରି ନୂତନ ଜ୍ଞାନକୌଶଳ ମାଧ୍ୟମରେ ସମାଧାନ କରାଯାଇପାରିବ ତାହା ପ୍ରଦର୍ଶନ କରିଥିଲେ । ବିଶେଷ ଭାବେ ହାଇପର ଡେଲିଭରୀ, ଇ-କମର୍ସ, ଜୈବଖାଦ୍ୟ ଏବଂ ସୁପରଫୁଡ୍, କୃଷି ଉତ୍ପାଦ ଓ ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ, ହସ୍ତତନ୍ତ ଓ ହସ୍ତକାରିଗରୀ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଏଥିରେ ପ୍ରଦର୍ଶିତ କରାଯାଇଥିଲା । ସଚିବ ଶ୍ରୀ ସାହୁ ଏସବୁ ପ୍ରଦର୍ଶନ ଦେଖିବା ପରେ ହୋମ୍ ଡେଲିଭରୀ କରୁଥିବା ସଂସ୍ଥା, ଆଧୁନିକ ଜୀବନଶୈଳୀ ନିମନ୍ତେ ହସ୍ତତନ୍ତ ଓ ହସ୍ତକାରିଗରୀ କ୍ଷେତ୍ରରେ ଡିଜାଇନ୍ କରୁଥିବା ସଂସ୍ଥା, ଶତପ୍ରତିଶତ ଜୈବିକ ଖାଦ୍ୟ ପ୍ରସ୍ତୁତି ଓ ଉତ୍ପାଦନ କରୁଥିବା ସଂସ୍ଥା ଏବଂ ସୁପର୍ ଫୁଡ୍ ସଂସ୍ଥାଗୁଡ଼ିକ ସ୍ଫୁର୍ତି କ୍ଲଷ୍ଟର ସହ ସଂପର୍କ ରଖି ନିଜ କାରବାର ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଗ୍ରୋଜିପ୍, ସ୍ୱାବଲମ୍ବୀ ଓଡ୍ରା ଗ୍ରୀନ୍ ଫାରମର୍ସ ପ୍ରଡ୍ୟୁସର କମ୍ପାନୀ ଲିଃ, କୁକାବୁରା ନ୍ୟାଚୁରାଲସ୍, ଫାଷ୍ଟଟେକ୍ ଫେସନ୍ସ ନିଓ ସଂଜୀବନୀ, ଟ୍ରାଇବ ଷ୍ଟୋର, ସିଗ୍ମା ସ୍କଟ୍ ଭଳି ସଂସ୍ଥା ସମୂହ ଯୋଗଦେଇ ବିଭାଗୀୟ ଅଧିକାରୀମାନଙ୍କ ସହ ବାର୍ତା ବିନିମୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ସଚିବ ଉଦୟ ନାରାୟଣ ଦାସ, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ୍ ଆଲାମ୍, ଷ୍ଟାର୍ଟଅପ୍ ର ଇଭାନ୍‌ଜେଲିଷ୍ଟ ଡ.ସଂଯୁକ୍ତା ବଡ଼ାଇ ପ୍ରମୁଖ ଯୋଗଦେଇଥିଲେ ।

## ଖୋର୍ଦ୍ଧାରେ ଖବରକାଗଜ ହକରମାନଙ୍କୁ ପରିଚୟପତ୍ର ବଣ୍ଟନ

ଭୁବନେଶ୍ୱର,୪/୧ (ନି.ପ୍ର): ଖବରକାଗଜ ହକରମାନଙ୍କୁ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଓ ଲୋକସଂପର୍କ ଉପଦେଷ୍ଟା ମାନସ ରଂଜନ ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଖବରକାଗଜ ହକରମାନଙ୍କୁ କୋଭିଡ୍ ସହାୟତା ପ୍ରଦାନ ଓ ପରିଚୟପତ୍ର ପ୍ରଦାନ ମୁଖ୍ୟମନ୍ତ୍ରୀଙ୍କ ଅଭିନବ ପଦକ୍ଷେପ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ମଙ୍ଗରାଜ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଗତ ଡିସେମ୍ବର ମାସ ୨୩ ତାରିଖରେ ଖବରକାଗଜ ହକରମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଥିଲେ । ରାଜ୍ୟର ପ୍ରାୟ ୭୩୦୦ ହକରମାନଙ୍କୁ ତାଲିକା ଭୁକ୍ତ କରି ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରାଯାଇଛି । ସେଥି ମଧ୍ୟରୁ ଖୋର୍ଦ୍ଧା ଉପଖଣ୍ଡର ୬ଟି ବ୍ଲକର ୧୬୭ ଜଣ ହକରଙ୍କୁ ପଂଜୀକୃତ କରାଯାଇଛି । ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମ୍ମାନିତ ଅତିଥି ଭାବେ କହିଥିଲେ ଯେ, ଖବରକାଗଜ ହକରମାନେ ସେମାନଙ୍କର ସେବା ପାଇଁ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ମାନ୍ୟତା ଦିଆଯାଇଛି । ରାଜ୍ୟରେ ୭ ହଜାରରୁ ଊର୍ଦ୍ଧ୍ୱ ହକରମାନଙ୍କର ଡାଟାବେସ ପ୍ରସ୍ତୁତ କରାଯାଇଛି । ସେମାନଙ୍କୁ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ପଂଜୀକୃତ ହକରମାନଙ୍କୁ ଆକସ୍ମିକ ଦୁର୍ଘଟଣା ଜନିତ ମୃତ୍ୟୁ, ପ୍ରାକୃତିକ ମୃତ୍ୟୁ , ଦୁର୍ଘଟଣା ଯୋଗୁଁ ସଂପୂର୍ଣ୍ଣ ଶାରୀରିକ ଅକ୍ଷମ, ଶରୀରର ଅଙ୍ଗ ଅକ୍ଷମ କ୍ଷେତ୍ରରେ ସେମାନଙ୍କୁ ବା ସେମାନଙ୍କର ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପରିଚୟ ପତ୍ର ପାଇବା ଦ୍ୱାରା ଗ୍ରାମାଂଚଳ ଓ ସହରାଂଚଳରେ କାର୍ଯ୍ୟକରୁଥିବା ହକରମାନଙ୍କର ବିଶେଷ ସୁବିଧା ହେବ । ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ କହିଲେ ଯେ, ଖବରକାଗଜ ହକରମାନଙ୍କୁ କୋଭିଡ୍ ସହାୟତା ଓ ପରିଚୟ ପତ୍ର ପ୍ରଦାନ କରାଯାଇ ସେମାନଙ୍କର ଶ୍ରମର ମର୍ଯ୍ୟାଦା ଦିଆଯାଇଛି । ଆଜି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଉପଖଣ୍ଡର ବିଭିନ୍ନ ବ୍ଲକର ୭୦ ଜଣ ହକରଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିବା ବେଳେ ଦିନେ ୨ ଦିନ ଭିତରେ ସମସ୍ତ ହିତାଧିକାରୀଙ୍କୁ ଏସବୁ ପରିଚୟ ପତ୍ର ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟକୁ ଗ୍ରହଣ କରିବେ । ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମାନସ ରଂଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ମନୋଜ କୁମାର ପାଢୀ, ସୂଚନା ଓ ଲୋକସଂପର୍କବିଭାଗ ଯୁଗ୍ମନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଭୁବନେଶ୍ୱର ପଠାଣି ରାଉତ ପ୍ରମୁଖ ଯୋଗଦେଇଥିଲେ ।

## ନିଟ୍ ୩.୦ ଓ ଆଞ୍ଚଳିକ ଭାଷାରେ ଏଆଇସିଟିଇର ବୈଷୟିକ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୪/୧ (ନି.ପ୍ର): ଦେଶରେ ଶୁଭାରମ୍ଭ ହୋଇଥିବା ନିଟ୍ ୩.୦ ଅନ୍ତର୍ଗତ ୧୨ ଲକ୍ଷ ସାମାଜିକ-ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ୨୫୩ କୋଟି ମୂଲ୍ୟର ମାଗଣା ନିଟ୍ ଏଡି-ଟେକ୍ କୋର୍ସ ବଣ୍ଟନ ଛାତ୍ର ସମାଜ ପାଇଁ ପ୍ରଧାନମନ୍ତ୍ରୀଙ୍କ ୨୦୨୨ର ସବୁଠୁ ବଡ଼ ଉପହାର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀଠାରେ ଆଜି ନିଟ୍ ୩.୦ ଏବଂ ଆଞ୍ଚଳିକ ଭାଷାରେ ଏଆଇସିଟିଇ ପ୍ରାପ୍ତ ବୈଷୟିକ ପୁସ୍ତକର ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ୧୨ ଲକ୍ଷ ସାମାଜିକ-ଆର୍ଥିକ ଦୃଷ୍ଟିରୁ ପଛୁଆ ଛାତ୍ରଛାତ୍ରୀଙ୍କୁ ନିଟ୍ ଏଡି-ଟେକ୍ କୋର୍ସ କୁପନ ବଣ୍ଟନ କରାଯାଇଛି । ସେଥି ମଧ୍ୟରୁ ଓଡ଼ିଶାରେ ୩୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ୧୦ କୋଟି ମୂଲ୍ୟର ମାଗଣା ନିଟ୍ ଏଡି-ଟେକ୍ କୋର୍ସ କୁପନ ବିତରଣ କରାଯାଇଛି । ଭାଷା ହେଉଛି ଭାରତର ମୂଳଶକ୍ତି । ଭାଷାକୁ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ୨୦୨୦ରେ ମାତୃଭାଷା ଏବଂ ଆଂଚଳିକ ଭାଷାରେ ଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଆଜି ଶୁଭାରମ୍ଭ ହୋଇଥିବା ନିଟ୍ ୩.୦ ଭାରତୀୟ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ । ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ଦ୍ୱାରା ଦେଶର ଛାତ୍ରଛାତ୍ରୀଙ୍କୁ ସର୍ବୋତ୍ତମ ବିକଶିତ ଶିକ୍ଷା ଏବଂ ବୈଷୟିକ ସମାଧାନ, ପାଠ୍ୟକ୍ରମ ତଥା ଆଞ୍ଚଳିକ ଭାଷାରେ ପ୍ରସ୍ତୁତ କରାଯାଇଥିବା ବୈଷୟିକ ପୁସ୍ତକ ପାଇଁ ଏକକ ପ୍ଲାଟଫର୍ମ ଯୋଗାଇବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଡିଜିଟାଲ ରୂପାନ୍ତରୀକରଣ ଆଜି 'ନ୍ୟୁ ନର୍ମାଲ୍' ହୋଇଛି । ତେଣୁ ଆମକୁ ଶିକ୍ଷାର କ୍ଷତିକୁ ଭରଣା କରିବା ପାଇଁ ସାମୂହିକ ଉଦ୍ୟମ କରିବାକୁ ହେବ । ଶିକ୍ଷା କ୍ଷତିକୁ ହ୍ରାସ କରିବା ପାଇଁ ଇ-କଣ୍ଟେଣ୍ଟ୍ ଏବଂ ନିଟ୍ ଭଳି ବଳିଷ୍ଠ ପଦକ୍ଷେପ ନିଆଯାଇଛି । ଭାରତ ଏବଂ ବିଶ୍ୱର ୫୮ଟି ଷ୍ଟାର୍ଟଅପ୍ ଏଡ୍-ଟେକ୍ କମ୍ପାନି ନିଟ୍ ସହ ସଂଶ୍ଲିଷ୍ଟ ଅଛନ୍ତି । ୧୦୦ଟି ପାଠ୍ୟକ୍ରମ, ଶିକ୍ଷାର ଗୁଣବତାକୁ ବଜାୟ ରଖିବା ପାଇଁ ଇ-ରିସୋର୍ସ, ରୋଜଗାର ପାଇଁ ଆବଶ୍ୟକୀୟ ଦକ୍ଷତାର ବିକାଶ ତଥା ଶିକ୍ଷାର କ୍ଷତିକୁ ଭରଣ କରିବା ଦିଗରେ ଏହି କମ୍ପାନି କାର୍ଯ୍ୟ କରୁଛନ୍ତି । ଛାତ୍ର ସମାଜ ବିଶେଷ ଭାବରେ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିଜିଟାଲ ଡିଭାଇଡ୍‌କୁ ସମାଧାନ କରିବା ଦିଗରେ ନିଟ୍ ଏକ ଗେମ୍ ଚେଞ୍ଜର ହେବ ।

## ଓଡ଼ିଶା ବିଧାନସଭାକୁ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ଇ-ଗଭର୍ଣ୍ଣାନସ୍ ପୁରସ୍କାର

ଭୁବନେଶ୍ୱର,୪/୧ (ନି.ପ୍ର): ଓଡ଼ିଶା ବିଧାନସଭାକୁ ସମ୍ମାନଜନକ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ଇ-ଗଭର୍ଣ୍ଣାନସ୍ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି । ବିନା କାଗଜରେ ଡିଜିଟାଲ୍ ମୋଡରେ ସୁଚାରୁ ରୂପେ ବିଧାନସଭା କାର୍ଯ୍ୟ ପରିଚାଳନାରେ ଓଡ଼ିଶା ବିଧାନସଭା ସମଗ୍ର ଦେଶରେ ଅଗ୍ରଣୀ ଏବଂ ପଥପ୍ରଦର୍ଶକ ଭୂମିକା ଗ୍ରହଣ କରିଛି । ଏହି ନିରବଚ୍ଛିନ୍ନ ଯାତ୍ରାକୁ ସ୍ୱୀକୃତି ପ୍ରଦାନ କରି ସମ୍ମାନଜନକ ଜାତୀୟ ପୁରସ୍କାର ପ୍ରଦାନ କରିବା ପାଇଁ ନିଷ୍ପତି ନିଆଯାଇଛି । ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବଳିଷ୍ଠ ନେତୃତ୍ୱ ଏବଂ ପ୍ରବଳ ଇଚ୍ଛାଶକ୍ତି ବଳରେ ଏବଂ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ଦଳଗତ ନେତୃତ୍ୱ ଓ ପ୍ରୋତ୍ସାହନରେ ଏହା ସମ୍ଭବ ହୋଇପାରିଥିବାରୁ ସବୁ ମହଲରେ ଏହାକୁ ସ୍ୱାଗତ କରାଯାଇଛି । କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ୧୯ ତମ ସମ୍ମାନଜନକ ପୁସ୍କାର ସମାରୋହ ଏମ୍.ଏନ୍.ଏନ୍.ଆଇ.ଟି. ଆଲାହାବାଦ ପ୍ରୟାଗରାଜ ଠାରେ ଆସନ୍ତା ଜାନୁଆରୀ ୨୩ ତାରିଖରେ ଅନୁଷ୍ଠିତ ହେବ ଏବଂ ଏହି ପୁରସ୍କାର ସମାରୋହରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସହ ରାଜ୍ୟ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ରର କବିତା ରାୟ ଦାଶ, ଜାତୀୟ ପ୍ରଯୁକ୍ତି ବିଦ୍ୟା ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ସରିତା ସାହୁ, ଦିଲ୍ଲୀପ କୁମାର ମାନ୍ଧତା, ସୁଦୀପ୍ତ ସାମନ୍ତ, ଅଶୋକ କୁମାର ବେହେରା ପ୍ରମୁଖ ଯୋଗ ଦେବେ ।

## ସହରାଂଚଳ ବସ୍ତିବାସିନ୍ଦା ମାନଙ୍କ ପାଇଁ ବାସଯୋଗ୍ୟ ବସତି ବିକାଶ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର,୪/୧ (ନି.ପ୍ର): ସହରାଂଚଳ ବସ୍ତି ବାସିନ୍ଦାମାନଙ୍କ ପାଇଁ ନିର୍ଭରଶୀଳ ଓ ବାସଯୋଗ୍ୟ ବସତିସ୍ଥାନ ବିକଶିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ଥିବା ବସ୍ତିମାନଙ୍କ ବିକାଶ ସମ୍ବନ୍ଧିତ କର୍ମଶାଳାକୁ ଉଦ୍ଘାଟନ କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ କହିଥିଲେ ଯେ ବସ୍ତି ବାସିନ୍ଦାମାନେ ଏକ ସହରର ଅବିଚ୍ଛେଦ୍ୟ ଅଂଗ । ସେମାନଙ୍କ ପାଇଁ ଉତମ ବାସଗୃହ ଏବଂ ମୌଳିକ ସେବା ଯୋଗାଣ ନିର୍ଣ୍ଣିତ କରାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଯାଗା ମିଶନ ଅଭିଯାନ ଆରମ୍ଭ କରିଛନ୍ତି । ଏହି ମିଶନର ପ୍ରଥମ ପର୍ଯ୍ୟାୟରେ ଜମି ଅଧିକାର ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ୨ୟ ପର୍ଯ୍ୟାୟରେ ବସ୍ତିଗୁଡ଼ିକର ବିକାଶ କରି ସେସବୁକୁ ସହର ମୁଖ୍ୟ ଜୀବନଧାରା ସହ ସଂଯୁକ୍ତ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଚଳିତ ବର୍ଷ ଶେଷସୁଦ୍ଧା 'ଉଷା' ସର୍ଭେ ମାଧ୍ୟମରେ ଚିହ୍ନିତ ସମସ୍ତ ବସ୍ତିର ବିକାଶ ସାଧନ କରିବା ପାଇଁ ଶ୍ରୀ ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କର୍ମଶାଳାରେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମା କହିଥିଲେ ଯେ ସହର ଅନ୍ତର୍ଗତ ଜଙ୍ଗଲ ଜମିରେ ରହିଥିବା ପୁରୁଣା ବସ୍ତିଗୁଡ଼ିକରେ ଜମି ଅଧିକାର ଏବଂ ଉନ୍ନୟନ ମୂଳକ କାର୍ଯ୍ୟନିମନ୍ତେ ଥିବା ଆଇନଗତ ଆବଶ୍ୟକତା ଆଦିକୁ ବିଚାର କରି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାନ୍ୱୟନ ପଦ୍ଧତି (ଏସ୍.ଓ.ପି.) ସ୍ଥିର କରାଯାଇଛି । ମୁଖ୍ୟ ଶାସନ ସଚିବଙ୍କ ପ୍ରଦର୍ଶିତ ମାର୍ଗରେ ଉଭୟ ନଗର ଓ ଗୃହ ଉନ୍ନୟନ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ମିଳିତ ଭାବେ ଏହି ଏସ୍.ଓ.ପି. ପ୍ରସ୍ତୁତ କରିଛନ୍ତି । ଏହା ମାଧ୍ୟମରେ ସହର ମଧ୍ୟ ଜଙ୍ଗଲ ଜମିରେ ଥିବା ବସ୍ତିବାସିନ୍ଦାମାନଙ୍କ ସମସ୍ୟାର ସମାଧାନ ହୋଇପାରୁଛି । ନଗର ଓ ଗୃହ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ କହିଥିଲେ ଯେ ଓଡ଼ିଶାର ଯାଗା ମିଶନ୍ ଆନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିଛି । ଏଥିପାଇଁ ଓଡ଼ିଶାକୁ ବିଶ୍ୱ ବସତି ପୁରସ୍କାର-୨୦୧୮, ଏବଂ ଏସିଆ-ପ୍ରଶାନ୍ତ ଆବାସିକ ପୁରସ୍କାର-୨୦୨୧ ରେ ସମ୍ମାନିତ କରାଯାଇଛି ।

# ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ : ଜୋର ଧରିଲା ମିଶ୍ରଣ ଚୁକ୍ତିପତ୍ର ସାର୍ବଜନୀନ କରିବା ଦାବି



ବାରିପଦା, ୦୪/୦୧ (ନି.ପ୍ର): ସ୍ୱାଧିନତା ପୂର୍ବରୁ ମୟୂରଭଞ୍ଜ ଏକ ସମୃଦ୍ଧ ଗଡଜାତ ରାଜ୍ୟ ଭାବରେ ସାଶିତ ହୋଇ ଆସୁଥିଲା । ଭାରତ ସ୍ୱାଧିନତା ସମୟରେ ମୟୂରଭଞ୍ଜରେ ଇଂଲଣ୍ଡ ଢାଂଚାରେ ଗଣତନ୍ତ୍ର ସାଶନ ଚାଲିଥିଲା । ମହାରାଜା ରାଷ୍ଟ୍ରମୁଖ୍ୟ ଥିବାବେଳେ, ମୟୂରଭଞ୍ଜ ଗାନ୍ଧୀ କୁହା ଯାଉଥିବା ପ୍ରଜାମଣ୍ଡଳ ଆନ୍ଦୋଳନର ସର୍ବୋଚ୍ଚ ନେତା ଶରତ ଚନ୍ଦ୍ର ଦାସ ଥିଲେ ପ୍ରଧାନମନ୍ତ୍ରୀ ଓ ସ୍ୱତନ୍ତ୍ର ମନ୍ତ୍ରୀମଣ୍ଡଳ ମଧ ରହିଥିଲା । ମୟୂରଭଞ୍ଜ କୌଣଷି ରାଜ୍ୟ ସହ ନମିଶି ଏକ ସ୍ୱତନ୍ତ୍ର ରାଜ୍ୟ ବା କେନ୍ଦ୍ର ସାଶିତ ଅଂଚଳ ହୋଇ ରହିବାକୁ ଚାହିଁଥିଲା । ତେବେ ବହୁ ପାରିପର୍ଶିକ କାରଣରୁ ୧୯୪୮ ମସିହା ଅକ୍ଟୋବର ୧୭ ତାରିଖରେ ଭାରତ ସରକାରଙ୍କ ସହ ତତ୍କାଳୀନ ମୟୂରଭଞ୍ଜ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଓ ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ ମିଶ୍ରଣ ଚୁକ୍ତିରେ ଦସ୍ତଖତ କଲେ । ଏହାପରେ ସମ ଭାଷାଭାଷୀ ଅଞ୍ଚଳ ଭାବରେ ୧୯୪୯ ମସିହା ଜାନୁୟାରୀ ୧ ତାରିଖ ଦିନ ମୟୁରଭଞ୍ଜ ଓଡ଼ିଶାରେ ସାମିଲ ହେଲା । ଏବଂ ମୟୂରଭଞ୍ଜ ଜିଲ୍ଲା ଓଡିଶାର ଏକ ଜିଲ୍ଲା ଭାବରେ ପରିଗଣିତ ହେଲା । ସେହିଦିନ ଠାରୁ ପ୍ରତ୍ୟେକ ବର୍ଷ ଜାନୁୟାରୀ ୧ ତାରିଖକୁ ମୟୁରଭଞ୍ଜ ମିଶ୍ରଣ ଦିବସ ଭାବରେ ପାଳିତ କରାଯାଇଆସୁଛି । ଚଳିତ ବର୍ଷ କରୋନା କଟକଣାକୁ ନେଇ ଆଜି ମୟୂରଭଞ୍ଜ ସିଟିଜେନ ଫରୋମ ପକ୍ଷରୁ ଡିଭାଇନ ବୈଷୟିକ ପ୍ରତିଷ୍ଠାନ ପରିସରରେ ମୟୂରଭଞ୍ଜ ସିଟିଜେନ ଫରୋମର ପ୍ରତିଷ୍ଠାତା ସଭାପତି ପୂର୍ଣ୍ଣ ଚନ୍ଦ୍ର ବୁଗୁଡେଇଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ମୁଖ୍ୟ ବକ୍ତା ଭାବରେ ଅବସର ପ୍ରାପ୍ତ ଅଧକ୍ଷ ତଥା ବରିଷ୍ଠ ସାହିତ୍ୟିକ ଡ. ଜଗତବନ୍ଧୁ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲା, ପୂର୍ବତନ ସାଂସଦ ବୀରଭଦ୍ର ସିଂ, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କୈଳାଶ ଚନ୍ଦ୍ର ମହାନ୍ତି, ଇଂ ହେମନ୍ତ କୁମାର ବେହେରା, ଫରୋମର ସମ୍ପାଦକ ଡ. ଆଦିତ୍ୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିପତ୍ରକୁ ସରକାର ସାର୍ବଜନୀନ କରିବା ଦରକାର ବୋଲି କହିଥିଲେ । ଆଗାମୀ ଦିନରେ ଏହି ଦାବୀ ନେଇ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରାଯିବା ସହିତ ଦରକାର ପଡିଲେ ଆଇନ ଅଦାଲତର ଆଶ୍ରୟ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀତ ବକ୍ତା ଭାବରେ ବରିଷ୍ଠ ନାଗରୀକ ମଂଚର ଯୋଗେଶ୍ୱର ପଣ୍ଡା, ଆମେ ମୟୂରଭଞ୍ଜିଆର ସଂଜୟ ଚୌଧୁରୀ, ରମାକାନ୍ତ ସିଂହ, ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର ପ୍ରଧାନ, ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ପରିତୋଷ ଦାଶ ପ୍ରମୁଖ ବକ୍ତା ନିଜନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସର ରେ ଅତିଥି ଭାବେ ଯୋଗ ଦେଇଥିବା ପଦ୍ମଶ୍ରୀ ଦମୟନ୍ତି ବେଶ୍ରା, ଡ. ବିଜୟ ଅଗ୍ରୱାଲା, ଡ. ଜଗତବନ୍ଧୁ ଆଚାର୍ଯ୍ୟ, ବୀରଭଦ୍ର ସିଂ, ଡା. କୈଳାଶ ଚନ୍ଦ୍ର ମହାନ୍ତି, ଇଂ ହେମନ୍ତ କୁମାର ବେହେରା ଙ୍କୁ ଫରୋମ ତରଫରୁ ସ୍ୱତନ୍ତ୍ର ଭାବରେ ମାନପତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନୀତ କରାଯିବା ସହ ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ପ୍ରତିନିଧି ଯଥା ବଳାଙ୍ଗୀ ମହୋତ୍ସବ ଏବଂ ଓଡିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ଗାଳ୍ପିକ ପଦ୍ମନାଭ ସାହୁ, ପ୍ରତିଶୃତି ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡା, ବାଣୀପୀଠର ସମ୍ପାଦକ ଡ. କୁମାର ବାବୁଲି, ବେତନଟୀ ମୟୂର ସାହିତ୍ୟ ସଂସଦର ମୀନତୀ ସିଂହ, ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର, ତୁଳସୀ ଅନୁଷ୍ଠାନର ସମ୍ପାଦକ ଡ. ଆଦିତ୍ୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସର ରେ ପ୍ରଥମେ ପୂଜ୍ୟପୂଜାର ପ୍ରତିଷ୍ଠାତା ଦିବଂଗତ ସାହିତ୍ୟିକ ବିଜୟ କୁମାର ବାରିକଙ୍କର ଅମର ଆତ୍ମାର ସଦଗତି କାମନା ପୂର୍ବକ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୧୦ ଦିନରେ କୋଭିଡ ହସ୍‌ପିଟାଲ....

ଅକ୍‌ସିଜେନ ପରିଚାଳନା, ସୂଚନା ଅଭିଯାନ, ଟ୍ରେନିଂ ମଡ୍ୟୁଲ ଆଦି ବ୍ୟବସ୍ଥା କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବର୍ତମାନ ପୁଣି ଅଧିକାରୀ ମାନଙ୍କର ବିଭିନ୍ନ ମନିଟରିଂ ଗ୍ରୁପ ଓ ଜିଲ୍ଲାସ୍ତରୀୟ ଅବ୍‌ଜରଭର ବ୍ୟବସ୍ଥା କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯେହେତୁ ଏହି ଲହରୀରେ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାର ସମ୍ଭାବନା ରହିଛି, ତେଣୁ ସବୁ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସତର୍କ ରହିବା ସହିତ ସମସ୍ତ କୋଭିଡ ନିୟମକୁ ପାଳନ କରିବା ଏବଂ ଦାୟିତ୍ୱରେ ଥିବ ଅଧିକାରୀ ମାନଙ୍କୁ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣ ଙ୍କୁ ନିବେଦନ କରିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନେବା ପାଇଁ ସମସ୍ତ ସଂପୃକ୍ତ ପଦାଧିକାରୀ ଓ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ବରିଷ୍ଠ ଅଧିକାରୀମାନେ ଜିଲ୍ଲାକୁ ଗସ୍ତ କରି ଜିଲ୍ଲାସ୍ତରରେ ପରିସ୍ଥିତିର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ବ୍ୟବସ୍ଥା କରିବେ ବୋଲି ସେ କହିଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସଂପର୍କରେ ଏକ ଉପସ୍ଥାପନା ରଖିଥିଲେ । ସେ କହିଥିଲେ ଯେ ଓଡିଶାରେ ଓମିକ୍ରନର ସଂକ୍ରମଣ ସଂପର୍କରେ ସତର୍କ ଦୃଷ୍ଟି ରଖାଯାଇଛି ଏବଂ ବିଦେଶାଗତ ଲୋକମାନଙ୍କର ନିୟମିତ ପରୀକ୍ଷା କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବଶୀଘ୍ର ଚିକିତ୍ସା ପ୍ରୋଟୋକଲ ପ୍ରସ୍ତୁତ କରାଯିବ। ରାଜ୍ୟର ବିଭିନ୍ନ ଜିଲ୍ଲାଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ଶଯ୍ୟା ଓ ଅକ୍‌ସିଜେନ ମହଜୁଦ ରହିଛି ବୋଲି ସେ କହିଥିଲେ। ପୋଲିସ ଡିଜି ସୁନୀଲ ବଂଶଲ ରାଜ୍ୟରେ ଲୋକଙ୍କ ସହଯୋଗରେ କଟକଣା ଗୁଡିକର ଅନୁପାଳନ କରାଯାଉଛି ଓ ଆଗାମୀ ଦିନରେ ଏହାକୁ ଆହୁରି ଜୋରଦାର କରାଯିବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଆଲୋଚନାରେ ଅଂଶଗ୍ରହଣ କରି କୋଭିଡ କଟକଣା ପାଳନ ସମୟରେ ଘର ଭିତର ଓ ବାହାରେ ଲୋକଙ୍କ ଭିଡ ଉପରେ ନଜର ରଖିବା ପାଇଁ ମତ ଦେଇଥିଲେ।

### କଂଗ୍ରେସର 'ଲଡକୀ ହୁଁ....

ଝିଅ ସାମିଲ ଥିଲେ। ସେହିପରି କେହି ମାସ୍କ ପିନ୍ଧି ନଥିଲେ। କଂଗ୍ରେସ ନେତା ତଥା ବରେଲୀର ପୂର୍ବତନ ମେୟର ସୁପ୍ରିୟା ଅରୁଣ କହିଛନ୍ତି, "କୌଣସି ବ୍ୟସ୍ତ ହେବା ଭଳି ଅଘଟଣ ଘଟିନି। ହଜାର ହଜାର ଲୋକ ବୈଷ୍ଣୋଦେବୀ ଯାଉଛନ୍ତି। ତା' ବିରୋଧରେ କାହିଁକି କିଏ ମୁହଁ ଖୋଲୁ ନାହାନ୍ତି ? ସେଠାରେ ମଧ ଦଳାଚକଟା ହୋଇଥିଲା। କଂଗ୍ରେସର ମାରାଥନରେ ସ୍କୁଲ ଝିଅମାନେ ସାମିଲ ହୋଇଛନ୍ତି। ଏହାକୁ ନେଇ ପ୍ରସଙ୍ଗ କରିବାର ଆବଶ୍ୟକ ନାହିଁ। ଯଦି ବି କେହି କୌଣସି କାରଣରୁ ଆଘାତ ପାଇଛନ୍ତି, ତା'ହେଲେ ସେମାନଙ୍କୁ ମୁଁ କଂଗ୍ରେସ ପକ୍ଷରୁ କ୍ଷମା ମାଗି ନେଉଛି।" କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା ୟୁପିରେ ପ୍ରଚାର ବେଳେ 'ଲଡକୀ ହୁଁ, ଲଡ୍ ସକ୍‌ତୀ ହୁଁ' ନାରା ଆରମ୍ଭ କରିଥିଲେ। ଏହି ନାରାକୁ ଆଧାର କରି କଂଗ୍ରେସ ୟୁପିରେ ସ୍କୁଲ ପିଲାମାନଙ୍କୁ ନେଇ ମାରାଥନ କରୁଛି।

### ସୁମିତଙ୍କ ଘରେ ରହିବେ....

ଦେବେ ସୁମିତ । ପ୍ରତିମାସ ୧୦ ତାରିଖ ସୁଦ୍ଧା ଟଙ୍କା ଦେବାକୁ କୋର୍ଟ କହିଛନ୍ତି । କୋର୍ଟଙ୍କ ରାୟ ଆସିବା ପରେ ଖୁସି ପ୍ରକାଶ କରିଛନ୍ତି ତପସ୍ୱିନୀ । ତପସ୍ୱିନୀ ପ୍ରାୟ ଦେଢ଼ ମାସ ହେଲା ଶ୍ୱଶୁର ଘର ଆଗରେ ଧାରଣାରେ ବସିଛନ୍ତି । ତଳ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମଝିରେ ସାତ ଦିନ ସୁମିତଙ୍କ ସହ ରହିଥିଲେ । କିନ୍ତୁ ସୁମିତ ତାଙ୍କ ଗେଷ୍ଟହାଉସରେ ଛାଡି ଚାଲିଯିବା ପରେ ସେ ପୁଣି ଆସି ସେଠାରେ ଧାରଣାରେ ବସିଥିଲେ । ଆଉ ଶ୍ୱଶୁର ଘରେ ରହିବା ପାଇଁ ଦିଆଯାଉ ବୋଲି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ତଳକୋର୍ଟ ତପସ୍ୱିନୀଙ୍କ ଆବେଦନକୁ ଖାରଜ କରିବା ପରେ ସେ ଜିଲ୍ଲାକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲା କୋର୍ଟଙ୍କ ରାୟ ଆସିବା ପରେ ଉପରକୋର୍ଟକୁ ଯିବେ ବୋଲି ସୂଚନା ଦେଇଛନ୍ତି ସୁମିତଙ୍କ ଓକିଲ । ଅସୁସ୍ଥ ଥିବା ଦର୍ଶାଇ କିଛି ଦିନ ହେବ ତାଙ୍କ ବନ୍ଧୁଙ୍କ ଘରେ ରହି ଆସୁଛନ୍ତି ସୁମିତ ।

### ଆଜିଠୁ ମାଟ୍ରିକ୍ ସମେଟିଭ୍-୧ ....

ଅଧିକାରୀମାନଙ୍କୁ ସୁପରଭିଜନ୍ ରେ ପଠାଇବାକୁ କହିଛୁ। ସୂଚନା ଅନୁଯାୟୀ ସକାଳ ସାଢ଼େ ୮ଟା ବେଳେ ନୋଡାଲ ସେଂଟରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ର ଗୁଡିକରେ ପହଂଚିବ । କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପରୀକ୍ଷା କେନ୍ଦ୍ରକୁ ସାନିଟାଇଜ କରାଯାଇଛି । ସାମାଜିକ ଦୂରତା ଓ ମାସ୍କ ପରିଧାନ ଉପରେ ଗରୁତ୍ୱ ଦିଆଯାଇଛି । ପ୍ରତିଟି ଶ୍ରେଣୀରେ ୨୪ ଜଣ ପରୀକ୍ଷାର୍ଥୀ ବସି ପରୀକ୍ଷା ଦେବା ନେଇ ନିଷ୍ପତି ହୋଇଛି । ସେହିପରି ପରୀକ୍ଷା କେନ୍ଦ୍ରଗୁଡ଼ିକୁ ମୋବାଇଲ ନେବାକୁ ମନା କରାଯାଇଛି । ପରୀକ୍ଷା କେନ୍ଦ୍ରର ସୁପରଟେଣ୍ଡମାନେ ମଧ ପରୀକ୍ଷା ହଲକୁ ଯିବା ପୂର୍ବରୁ ନିଜ ମୋବାଇଲକୁ ଲକରରେ ରଖି ଯିବା ନେଇ ନିର୍ଦ୍ଦେଶ ଦିଆଯାଇଛି ।

### ନାଇଜରରେ ୩୧ ଛାତ୍ରଛାତ୍ରୀ ....

ପରୀକ୍ଷା କରାଯାଇଥିଲା। ଆଜି ସେମାନଙ୍କର ରିପୋର୍ଟ ବି ପଜିଟିଭ୍ ଆସିଛି। ଏବେ ସୁଦ୍ଧା ମୋଟ ୩୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜଟଣୀ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରର ଅଧୀକ୍ଷକ ଡାକ୍ତର ଜିତେନ୍ଦ୍ର କୁମାର ପଣ୍ଡା କହିଛନ୍ତି ଯେ ଆକ୍ରାନ୍ତଙ୍କୁ ନାଇଜର୍ ପରିସରରେ ସଙ୍ଗରୋଧରେ ରଖାଯାଇ ଚିକିତ୍ସା କରାଯାଉଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କର ପର୍ଯ୍ୟବେକ୍ଷଣ ଚାଲୁରହିଛି। ନାଇଜର୍ କର୍ତ୍ତୃପକ୍ଷଙ୍କ ସହଯୋଗରେ ନମୁନା ପରୀକ୍ଷା ପାଇଁ ପଠାଯିବ ବୋଲି ସୂଚନା ଦେଇଛନ୍ତି। ନାଇଜର୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପିଲାମାନେ ହଷ୍ଟେଲରେ ଥିବା ସମୟରେ କରୋନା ଆକ୍ରାନ୍ତ ହୋଇଛନ୍ତି। ତେଣୁ କ୍ୟାମ୍ପସକୁ ବନ୍ଦ କରାଯାଇ ନାହିଁ। ନିୟମିତ ଭାବେ ବାକି ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଗବେଷଣା ଜାରି ରହିଛି।

### ମାର୍କେଟ ବିଲ୍ଡିଂ ....

ହେବା ପରେ ଉତେଜନା ଦେଖାଦେଇଥିଲା। ବ୍ୟବସାୟୀ ସଂଘ ତରଫରୁ କୁହାଯାଇଛି ଯେ, ମାର୍କେଟ ବିଲ୍ଡିଂରେ ଦିନକୁ ଦିନ ଉଠାଦୋକାନୀଙ୍କ ଦୌରାତ୍ମ୍ୟ ବଢ଼ି ବଢ଼ି ଚାଲିଛି। ଉଠାଦୋକାନୀ ମାନଙ୍କ ପାଇଁ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ମାର୍କେଟ ବିଲ୍ଡିଂ ପରିସରରେ ଉତେଜନା ବୃଦ୍ଧି ପାଇବା ପରେ ଘଟଣାସ୍ଥଳରେ କ୍ୟାପିଟାଲ ଥାନା ଆଇଆଇସି ଏବଂ ବିଏମସି କର୍ତୃପକ୍ଷ ପହଂଚି ବୁଝାସୁଝା କରିଥିଲେ ।

## ସ୍ୱର୍ଗଦ୍ୱାରରେ ଭାଇସ୍ ଆଡ଼ମିରାଲ ହରଲାଲଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ,୦୪/୦୧ (ନି.ପ୍ର): ସ୍ୱର୍ଗଦ୍ୱାର ଶଶ୍ମାନରେ ସମ୍ପୂର୍ଣ୍ଣ ରାଷ୍ଟିୟ ମର୍ଯ୍ୟଦା ସହ ଭାଇସ୍ ଆଡ଼ମିରାଲ ହରିଲାଲ ଶର୍ମାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ଶତାୟୁ ଭାଇସ୍ ଆଡ୍‌ମିରାଲ ସ୍ୱର୍ଗତ ଶର୍ମାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାରଶ୍ମଶାନରେ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ଶର୍ମାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜ୍ୟେଷ୍ଠପୁତ୍ର କ୍ୟାପ୍‌ଟେନ୍ ନବୀନ ଚନ୍ଦ୍ର ଶର୍ମା ମୁଖାଗ୍ନି ଦେଇଥିଲେ। ନୌସେନା ପକ୍ଷରୁ ସ୍ୱର୍ଗତ ଶର୍ମାଙ୍କ ପରିବାରକୁ ମେଡ଼ାଲ ଓ ୟୁନିଫର୍ମ ପ୍ରଦାନ କରାଯାଇଥିଲା। ଅନ୍ତିମ ସଂସ୍କାର ସମୟରେ ନୌସେନାର ବରିଷ୍ଠ ଅଧିକାରୀମାନଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ରନାଥ ଶର୍ମା,ଅତିରିକ୍ତ ଏସ୍‌ପି ସୁବାଷ ଚନ୍ଦ୍ର ପ୍ରଧାନ ଓ ସିଟି ଡ଼ିଏସ୍‌ପି ଜନାର୍ଦ୍ଦନ ପାଢୀ ପ୍ରମୁଖ ଉପସ୍ଥିତଥିଲେ।

## ବସ୍ତା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରେଳ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ଦାବିପତ୍ର




ବସ୍ତା, ୦୪/୦୧ (ନି.ପ୍ର): ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ବସ୍ତା ବରିଷ୍ଠ ନାଗରୀକ ମଞ୍ଚ ତରଫରୁ ବସ୍ତା ରେଳ ଷ୍ଟେସନମାଷ୍ଟର ଙ୍କ ଜରିଆରେ ବିଭାଗିୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରା ଯାଇଛି ଛ ସୂଚନା ମୁତାବକ ବସ୍ତା ଛକ ଠାରୁ ରେଲ ଷଟ୍ଟସନ ଅଭିମୁଖେ ଏକ ରାଲି ବାହାରି ଷ୍ଟେସନ ନିକଟରେ ପହଞ୍ଚିଥିଲେ ଛସେଠାରେ ଏକ ପଥପ୍ରାନ୍ତ ସଭାରେ ଯାତ୍ରିମାନଙ୍କର ମୌଳିକ ସୁବିଧା.ରେଳ ଟିକେଟବୃଦ୍ଧି ଯାତ୍ରି ନିବାସ.ଭଳି ବିଭିନ୍ନ ସମସ୍ୟା ଦିଗରେ କତୃପକ୍ଷ ଯଥାଶିଘ୍ର ପଦକ୍ଷେପ ନିଅନ୍ତୁ ବୋଲି ଅଭିଯୋଗ କରିବା ସହିତ ବିଭାଗୀୟ ଉଚ୍ଚଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଷ୍ଟେସନ ମାଷ୍ଟରଙ୍କୁ ଦେଇଥିଲେ । ସେମାନଙ୍କୁ ପୂର୍ବଭଳି ରେଳଯାତ୍ରାର ସମସ୍ତ ସୁବିଧା ପ୍ରଦାନ କରାଯିବାକୁ ଅନୁରୋଧ କରିଛନ୍ତି। ନାଗରୀକ ମଞ୍ଚର ସଭାପତି କୁମୁଦ ରଞ୍ଜନ ଗିରିଙ୍କ ତତ୍ୱାବ ଧାନରେ ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଡ.ପ୍ରଦୀପ କୁମାର ମିଶ୍ର, ପ୍ରଦ୍ୟୋତ କୁମାର ମହାନ୍ତି, ରଜନୀ କାନ୍ତ ବାରିକ, ଜୟକୃଷ୍ଣ ଗିରି, ଜ୍ଞାନରଞ୍ଜନ ପରିଡା, କଲ୍ୟାଣ ଦାସ, ବାସୁବେହେରା, ପୁଲିନ ସେଠି, ଯୁବ ସମାଜ ସେବୀ ବିରାଜ ସିଂଦେଓ, ସାମ୍ବାଦିକ ସୁଶାନ୍ତ ପ୍ରଧାନ ସମେତ ଯୁବକ ସମାଜସେବି ସ୍ୱେଚ୍ଛାସେବି ସଂଗଠନ କର୍ମକର୍ତ୍ତା ଉପସ୍ଥିତଥିଲେ।

## ପୁରୀକୁ ଫେରିଲା ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ପୁରୀ,୦୪/୦୧ (ନି.ପ୍ର): ପୁରୀର ସ୍ୱର୍ଣ୍ଣାଭ ବେଳାମାର୍ଗରେ ଥିବା ସୋନା ଇଣ୍ଟର ନ୍ୟାସନାଲ ହୋଟେଲରୁ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ପୁଣି ପୁରୀକୁ ଫେରିଛି ମାଇକ୍ରୋ କଣ୍ଟେନ ମେଣ୍ଟ ଜୋନ୍। ସମ୍ପୃକ୍ତ ହୋଟେଲର ପର୍ଯ୍ୟଟକ, ଆଟେଣ୍ଡାଣ୍ଟ ଓ ହୋଟେଲ ବୟଙ୍କୁ ମିଶାଇ ତିନିଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟହେବା ପରେ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଓମିକ୍ରନ୍ ଚିହ୍ନଟ ହୋଇଥିବା ପର୍ଯ୍ୟଟକ ଏଠାରୁ ପଳାଇ ଯାଇଛନ୍ତି। ତେବେ ତାଙ୍କ ସଂସ୍ପର୍ଷରେ ଅସିଥିବା ଆଟେଣ୍ଡାଣ୍ଟ ଓ ହୋଟେଲ ବୟଙ୍କୁ ଆସୋଲେସ୍‌ନରେ ରଖି ଚିକିତ୍ସା କରାଯାଉଛି। ସେମାନଙ୍କ କଣ୍ଟ୍ରାକ୍ଟ ଟ୍ରେସିଙ୍ଗ କରାଯାଉଛି। ଅନ୍ୟପକ୍ଷରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ରାତି ୧୦ରୁ ଭୋର ୫ଟା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସହରାଞ୍ଚଳରେ ସାନ୍ଧ୍ୟ ଆଇନ୍ ଜାରି କରାଯାଇଛି । ଦୋକାନ ମାଲିକ,କର୍ମଚାରୀ ଓ ଗ୍ରାହକମାନେ କୋଭିଡ଼ି ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର ବେଳାଭୂମୀ ଓ ପାର୍କ ମାନଙ୍କରେ ବଣଭୋଜିରେ ରୋକ୍ ଲାଗାଯାଇଛି । ସରକାରୀ ବୈଠକରେ ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି।

## ବ୍ରାଉନ୍‌ସୁଗର କାରବାରରେ ଲିପ୍ତ ୨ ଯୁବକଙ୍କୁ ଧରିଲା ପୋଲିସ୍

ଜଳେଶ୍ୱର, ୦୪/୧(ନିପ୍ର): ପଶ୍ଚିମବଂଗରୁ ଓଡିଶାର ଜଳେଶ୍ୱରକୁ ବ୍ୟାପକ ବ୍ରାଉନ୍‌ସୁଗର ଆସୁଥିବାର ଆଉ ଏକ ଜ୍ୱଳନ୍ତ ନିଦର୍ଶନର ପ୍ରମାଣ ଆଜି ମିଳିଛି। ଏବେ ବ୍ରାଉନ୍‌ସୁଗର ବ୍ୟବସାୟୀ ସହର ଛାଡି ଗ୍ରାମାଂଚଳକୁ ଅଧିକ ଆଦରି ନେଇଛନ୍ତି । ତେଣୁ ଗ୍ରାମାଂଚଳର ଯୁବକମାନଙ୍କୁ ଏହି କାର୍ଯ୍ୟରେ ବଡବଡ ବ୍ୟବସାୟୀମାନେ ଲଗାଉଥିବାର ଦେଖିବାକୁ ମିଳିଛି। ଜଳେଶ୍ୱର ଥାନା ଅନ୍ତର୍ଗତ ମହିଷାମୁଣ୍ଡା ଗାଁର ଦିଲ୍ଲିପ କୁମାର ହୁଇ ଏପରି କାର୍ଯ୍ୟରେ ଲିପ୍ତଥିବା ଆଜି ଅଭିଯୋଗ ହୋଇଛି । ପଶ୍ଚିମବଂଗର ମୁର୍ଷିଦାବଦ ଅଂଚଳର ଜନୈକ ଯୁବକ ଜଳେଶ୍ୱର ଥାନା ଅନ୍ତର୍ଗତ ଆରୁହା ଗାଁରେ ଘରଭଡାରେ ରହୁଥିଲା । ସେ ମୁର୍ଷିଦାବାଦ ଅଂଚଳରୁ ଏପରି ମାଦକଦ୍ରବ୍ୟ ଆଣି ଭଲ ବେପାର କରୁଥିଲା । ଆଜି ଏହି ପଶ୍ଚିମବଂଗୀୟ ଯୁବକ ମହିଁସାମୁଣ୍ଡାସ୍ଥିତ ଦିଲ୍ଲିପ ହୁଇଙ୍କ ଘରକୁ ଆସି ବ୍ରାଉନ୍‌ସୁଗର ଦେବାବେଳେ କେତେକ ଗ୍ରାମବାସୀ ଦିଲ୍ଲିପ କୁ ଅଟକ ରଖି ପଚରାଉଚରା କରିଥିଲେ । ପରେ ଆରୁହା ଗ୍ରାମରୁ ବଂଗୀୟ ଯୁବକକୁ ପଚରା ଉଚରା କରିବା ସହ ଜଳେଶ୍ୱର ପୁଲିସକୁ ଜିମା ଦେଇଛନ୍ତି। ଅଟକ ଦୁଇ ଯୁବକଙ୍କ ବୟାନ ଅନୁଯାୟୀ ଆଜି ଅପରାହ୍ନରେ ଜଳେଶ୍ୱର ଷ୍ଟେସନବଜାରରସ୍ଥିତ ମିଲ କଲୋନୀରେ ଏକ ନିର୍ଦ୍ଦିଷ୍ଟ ଘର ଉପରେ ପୁଲିସ୍ ଚଢାଉ କରିଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଚଢାଉ ଜାରି ରହିଥିଲା ।

## ଗୁରୁପାଦ ବିଜୟାନନ୍ଦ ଗୋସ୍ୱାମୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ଉଦଳା, ୦୪/୦୧ (ନି.ପ୍ର): ଗୁରୁପାଦ ବିଜୟାନନ୍ଦ ଗୋସ୍ୱାମୀ ଓରଫ ବିଜୟ କୁମାର ବାରିକଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଆଜି ଜାନୁଆରୀ ୪ ତାରିଖ ମଙ୍ଗଳବାର ଦିନ କପ୍ତିପଦା ବ୍ଲକ ଅନ୍ତର୍ଗତ ପିଙ୍ଗୁଗ୍ରାମସ୍ଥିତ ପୂଜ୍ୟପୂଜା ପାଠାଗାର ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ବିଜୟାନନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ ଅର୍ପଣ କରାଯାଇଥିଲା । ଏହାପରେ ଶମିବୃକ୍ଷ ସାହିତ୍ୟ ପରିଷଦର ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ଖିଲାରଙ୍କ ଅଧକ୍ଷତାରେ ସ୍ମୃତିଚାରଣ ସଭା ଆରମ୍ଭ ହୋଇଥିଲା । ଏଥିରେ ଆରଣ୍ୟକ ସାହିତ୍ୟ ସଂସଦର ସଭାପତି ବସନ୍ତ କୁମାର ରାଉଳ ଯୋଗ ଦେଇ ବିଜୟ ସାରଙ୍କର ଆରଣ୍ୟକ ସାହିତ୍ୟ ସଂସଦ ସହିତ ଥିବା ସମ୍ପର୍କ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା ବିଜୟ ସାରଙ୍କର ସାହିତ୍ୟକୃତି ଓ ଆଧାତ୍ମିକ ଜଗତକୁ ପ୍ରବେଶ ସମ୍ପର୍କରେ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମାତୃବିହାର କପ୍ତିପଦାର ସଭାପତି ପ୍ରଫୁଲ୍ଲ ମହାଳିକ, କବି ଇନ୍ଦ୍ରମଣି ବିନ୍ଧାଣୀ, ସଂଗଠକ ମନୋରଂଜନ ମଲ୍ଲିକ, ସାମାଜିକ କର୍ମୀ ହରେକୃଷ୍ଣ ମହାନ୍ତି, କରୁଣାକର ଦାସ, ପବିତ୍ର ମୋହନ ବେହେରା, ପିଙ୍ଗୁସ୍ଥିତ ପାଠାଗାରର ପ୍ରତିଷ୍ଠାତା ସର୍ବେଶ୍ୱର ବାରିକ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଅଞ୍ଜଳି ବାରିକ, କାଞ୍ଚନବାଳା ଖିଲାର, ଆଶିଷ ଖିଲାର, କ୍ଷଣପ୍ରଭା ଜେନା, ରଙ୍ଗଲତା ବେହେରା, ବବିସ୍ମିତା ଗାଁଣ ପ୍ରମୁଖ ଅଂଶ ଗ୍ରହଣ କରି ତାଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୁର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ ।

# ଓଡ଼ିଶାର ଗଜପତି ଜିଲ୍ଲା ମଧୁରମ୍ଭା ଗ୍ରାମବାସୀଙ୍କ ପାଇଁ ଆଶାର କିରଣ ନେଇ ଆସିଛି ଜଳ ଜୀବନ ମିଶନ



ଭୁବନେଶ୍ୱର,୦୪/୦୧(ନି.ପ୍ର): ଓଡ଼ିଶାର ଗଜପତି ଜିଲ୍ଲା ଅଧୀନ ମଧୁରମ୍ଭା ଗ୍ରାମବାସୀଙ୍କ ପାଇଁ ବହୁ ଦଶନ୍ଧି ଧରି ପାଣି ସମସ୍ୟା ଲାଗି ରହିଥିଲା। ଖରା ଦିନେ ଏହି ସମସ୍ୟା ଅଧିକ ଉତ୍କଟ ହେଉଥିଲା। ୨୦୧୮ ପର୍ଯ୍ୟନ୍ତ ଗାଁର ଲୋକମାନେ ସେମାନଙ୍କର ଦୈନନ୍ଦିନ ପାନୀୟ ଜଳ ଆବଶ୍ୟକତା ପୂରଣ କରିବା ପାଇଁ ସଂଘର୍ଷ କରୁଥିଲେ। ଗାଁ ନିକଟରେ ଜଳ ଉତ୍ସର ଅଭାବ ସେମାନଙ୍କ ଜୀବନକୁ ଦୁର୍ବିସହ କରି ଦେଇଥିଲା। ସମସ୍ତ ଗ୍ରାମବାସୀ ପାନୀୟ ଜଳ ଆବଶ୍ୟକତା ମେଣ୍ଟାଇବା ଲାଗି ଗାଁରେ ଥିବା ମାତ୍ର ୪ଟି ନଳକୂପ ଉପରେ ନିର୍ଭର କରୁଥିଲେ। ମାତ୍ର ଖରା ଦିନେ ଭୂତଳ ଜଳସ୍ତର ହ୍ରାସ ପାଇବା କାରଣରୁ ନଳକୂପରୁ ପାଣି ବାହାରୁନଥିଲା। ଫଳରେ ଗାଁ ଲୋକମାନେ ପାଣି ସନ୍ଧାନରେ ବହୁ ଦୂର ପର୍ଯ୍ୟନ୍ତ ଯାତ୍ରା କରିବାକୁ ବାଧ ହେଉଥିଲେ। ଅଗଷ୍ଟ ୨୦୧୯ରେ ଜଳ ଜୀବନ ମିଶନର ଶୁଭାରମ୍ଭ ହେବା ପରେ, ମଧୁରମ୍ଭ ଗ୍ରାମବାସୀଙ୍କ ପାଇଁ ଆଶାର ଏକ କିରଣ ଦେଖାଦେଇଥିଲା। ପୂର୍ବରୁ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗ୍ରାମବିକାଶ ନାମକ ଏକ ସଂଗଠନ ଏହି ସୁଯୋଗର ସଦୁପଯୋଗ କରି ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ଲାଗି ସେମାନଙ୍କୁ ଏକ ପ୍ରସ୍ତାବ ଦେଇଥିଲା। ଗାଁରେ ଏକ ବୈଠକ ଆୟୋଜନ କରାଗଲା ଯେଉଁଠି ଗ୍ରାମବାସୀଙ୍କୁ କେନ୍ଦ୍ର ସରକାରଙ୍କ 'ହର ଘର ଜଳ' କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇଥିଲା, ଏହି ଯୋଜନା ଅଧୀନରେ ୨୦୨୪ ସୁଦ୍ଧା ଦେଶର ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଟ୍ୟାପ ଯୋଗେ ଜଳଯୋଗାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଏହି ବୈଠକରେ ସୂଚନା ଦିଆଗଲା ଯେ, ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଫଳରେ ଗାଁର ପ୍ରତ୍ୟେକ ପରିବାର ଟ୍ୟାପ ଜଳ ସଂଯୋଗ ପାଇପାରିବେ। ଏହାପରେ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ ସହାୟତାରେ ଏକ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଗଲା। ଗ୍ରାମସଭା ଏହି ଯୋଜନାକୁ ମଞ୍ଜୁର କରିବା ପରେ ଏହାକୁ ବିଚାର ଏବଂ କାର୍ଯ୍ୟକାରୀ କରିବା ଲାଗି ଜିଲ୍ଲା ପ୍ରଶାସନ ନିକଟକୁ ପଠାଗଲା। ଏହି ମିଶନରେ ସାମିଲ ହେବା ଲାଗି ସ୍ଥାନୀୟ ସମୁଦାୟ ଅଧିକ ବ୍ୟଗ୍ର ଥିଲେ ଏବଂ ସେମାନଙ୍କ ଘରେ ତିନୋଟି ଟ୍ୟାପ ସଂଯୋଗ ପାଇଁ ଅନୁରୋଧ କରିଥିଲେ। କାରଣ ସେମାନେ ଜାଣିଥିଲେ ଯେ ଏହି ସୁବିଧା କେବଳ ସେମାନଙ୍କ ଜୀବନ ଧାରଣକୁ ସହଜ କରିବ ନାହିଁ ବରଂ ପରିବାର ପାଇଁ ମୁଖ୍ୟତଃ ପାଣି ସଂଗ୍ରହ କରିବା ଦାୟିତ୍ୱରେ ଥିବା ଝିଅ ଓ ମହିଳାମାନଙ୍କର କଷ୍ଟ ଦୂର କରିପାରିବ। ଅଧିକାଂଶ କ୍ଷେତ୍ରରେ ପରିବାରର ବରିଷ୍ଠ ସଦସ୍ୟମାନଙ୍କର ଯତ୍ନ ନେବା ଏବଂ ଗୃହପାଳିତ ପ୍ରାଣୀଙ୍କୁ ପାଳିବାର ଦାୟିତ୍ୱ ମା'ମାନଙ୍କ ଉପରେ ନ୍ୟସ୍ତ ରହୁଥିଲା। ତେଣୁ ଝିଅମାନଙ୍କୁ ପାଣି ସଂଗ୍ରହ କରିବା ଲାଗି ଦୂରକୁ ଯିବାକୁ ପଡୁଥିଲା, ଫଳରେ ସେମାନେ ସ୍କୁଲ ଛାଡ଼ିବାକୁ ବାଧ ହେଉଥିଲେ। ତିନୋଟି ଟ୍ୟାପ ସଂଯୋଗ ପାଇଁ ଯେଉଁ ଅନୁରୋଧ କରାଯାଇଥିଲା ସେଥି ମଧ୍ୟରୁ ଗୋଟିଏ ରୋଷେଇ ଘରକୁ ପାନୀୟ ଜଳ ଓ ଖାଦ୍ୟ ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ଥିଲା, ଅନ୍ୟଟି ଗାଧୁଆ ଘରକୁ ଗାଧୋଇବା ଓ କପଡ଼ା ସଫା କରିବା ଏବଂ ତୃତୀୟଟି ଶୌଚାଳୟରେ ବ୍ୟବହାର ପାଇଁ ଆବଶ୍ୟକ ଥିଲା। ସହଜରେ ଟ୍ୟାପ ପାଣି ସଂଯୋଗ ସୁନିଶ୍ଚିତ କରାଯିବା ସହିତ ଲୋକମାନେ ଯେପରି ଜଳ ଅପଚୟ ନକରନ୍ତି ସେଥିପ୍ରତି ମଧ ଧ୍ୟାନ ଦିଆଗଲା, ପ୍ରତି ପରିବାରରେ ପାଣି ମିଟର ସଂଯୋଗ କରାଗଲା। ଜଳ ଉପଯୋଗକୁ ଆଧାର କରି ଉପଯୋଗ ଶୁଳ୍କ ବା ୟୁଜର ଫି' ଆଦାୟ କରାଗଲା। ପାଣି ମିଟର ଲଗାଯିବା ଫଳରେ ଜଳ ଅପଚୟର ନିରାକରଣ ହେଲା କାରଣ ଲୋକମାନଙ୍କୁ କୁହାଗଲା ଯେ ଯଦି ସେମାନେ ବ୍ୟବହାର ହେଉନଥିବା ସମୟରେ ଟ୍ୟାପକୁ ଖୋଲା ଛାଡ଼ିଦେବେ ଏବଂ ପାଣି ଅଧିକ ବୋହିଯିବ ତା'ହେଲେ ସେମାନଙ୍କୁ ଅଧିକ ୟୁଜର ଫି' ଦେବାକୁ ପଡ଼ିବ।

## ହାଇୱା ଧକ୍କାରେ ଭାଣିଜୀ ମୃତ ଓ ମାମୁଁ ସମେତ ଦୁଇ ଗୁରୁତର

ରାଇରଙ୍ଗପୁର, ୦୪/୦୧ (ନି.ପ୍ର): ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ମୟୂରଭଂଜ ଜିଲ୍ଲାର ବହଳଦା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୨୦ ନମ୍ବର ବାଗଡେଗା ବୁଲାଣି ଛକରେ ଏକ ହାଇୱା ନଂ- ଓଡି ୧୧ ? ଜେ ୫୫୪୦ ନମ୍ବର ସହ ଏକ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ ପୋଡା ଚାକୁଳି ଗାଁର ଗୋପାଳ ମୁର୍ମୁ (୩୯) ତିରିଂ ଥାନା ଅଂଚଳର ପୋଖରିଆ ଗ୍ରାମର ନିଜର ଦୁଇ ଭାଣିଜୀ ଦିଗିମଣି ବାସ୍କେ (୧୯) ଓ ରାଖି ବାସ୍କେ (୧୭) ଙ୍କୁ ମଟର ସାଇକେଲରେ ବସାଇ ଆସୁଥିବା ବେଳେ ବାଗଡେଗା ଛକରେ ହାଇୱା ସହ ଧକ୍କା ହୋଇଥିଲା । ଭାଣିଜି ଦିଗି ମଣିର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ମାମୁଁ ଗୋପାଳ ଏବଂ ରାକ୍ଷୀ ଗୁରୁତର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିଲେ । ଖବର ପାଇ ବହଳଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକ ଦିଗିମଣିର ଶବକୁ ବ୍ୟବଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଥିଲେ । ଅନ୍ୟ ଦୁଇ ଗୁରୁତରଙ୍କୁ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶୁ ଚିକିତ୍ସା କରାଇ ରାଇରଙ୍ଗପୁର ହସ୍ପିଟାଲକୁ ସ୍ଥାନାନ୍ତରିତ କରିଛି । ପୋଲିସ ହାଇୱା ଗାଡି ଓ ବାଇକକୁ ଜବତ କରିବା ସହ ହାଇୱା ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି ।

## ଜଳେଶ୍ୱର ବ୍ଳକରେ ୧୧ ପଂଚାୟତ ଆଦିବାସୀ ଅଧ୍ୟୁସିତ

ଜଳେଶ୍ୱର, ୦୪/୧(ନିପ୍ର): ବାଲେଶ୍ୱର ଜିଲାରେ ଜଳେଶ୍ୱର ବ୍ଳକ ଆଦିବାସୀ ଜନସଂଖ୍ୟାରେ ୨ୟ ବୃହତ୍ ବ୍ଳକ ହୋଇଥିବା ବେଳେ ଏହାର ୧୧ଟି ପଂଚାୟତରେ ଆଦିବାସୀଙ୍କ ସଂଖ୍ୟା ଅଧିକ । କିନ୍ତୁ ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ସରପଂଚ ଓ ସମିତି ସଦସ୍ୟ ପଦବୀ ସଂରକ୍ଷଣ ନଥିବାରୁ ଆଜି ବିଜେପି ବିକ୍ଷୋଦ୍‌ଗାର କରିଛି । ସେମାନଙ୍କୁ ନ୍ୟାୟ ନ ମିଳିଲେ ବିଜେପି ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ଓ ଜନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛି । ୧୯୯୨ ମସିହା ବିଜୁବାବୁ ତ୍ରୀସ୍ତରୀୟ ପଂଚାୟତରାଜ ବ୍ୟବସ୍ଥା ଆରମ୍ଭ କରିଥିବା ବେଳେ ସରପଂଚ ଓ ସଦସ୍ୟ ପଦବି ଲାଗି ସଂରକ୍ଷଣର ବ୍ୟବସ୍ଥା ରହିଛି । କିନ୍ତୁ ୨୦୨୨ରେ ହେବାକୁ ଯାଉଥିବା ପଂଚାୟତ ନିର୍ବାଚନରେ ଜଳେଶ୍ୱର ବ୍ଳକ ସହିତ ଅନ୍ୟ କେତେକ ବ୍ଳକରେ ଅନୁସୂଚିତ ଜନଜାତିଙ୍କ ଲାଗି ସଂରକ୍ଷଣ ନ ରହିବା ଦୁର୍ଭାଗ୍ୟର ବିଷୟ । ଜଳେଶ୍ୱର ବ୍ଳକର ମୋଟ ୩୫ଟି ପଂଚାୟତ ମଧ୍ୟରୁ ୧୧ଟି ଆଦିବାସୀ ବହୁଳ । ତେଣୁ ସେଠାରେ କେନ୍ଦ୍ର ସରକାରଙ୍କ ରୁରବାନ, ମାଡା ଭଳି ଯୋଜନା କାର୍ଯ୍ୟକାରୀ ହୋଇ ଆସୁଛି । ସାମାଜିକ ସ୍ତରରେ ସେମାନଙ୍କୁ ଅନ୍ୟମାନଙ୍କ ସହ ସମକକ୍ଷ କରିବାଲାଗି ବ୍ୟବସ୍ଥା ଚାଲିଥିବା ବେଳେ ୨୦୨୨ ନିର୍ବାଚନରେ ସେମାନଙ୍କ ଲାଗି ସଂରକ୍ଷଣ ନ ରହିବାକୁ ବିଜେପି ବରଦାସ୍ତ କରିବନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛି । ସମଗ୍ର ବ୍ଳକର ୨୫ ପ୍ରତିଶତରୁ ଅଧିକ ଜନଜାତି ଲୋକେ ବାସ କରୁଥିବାରୁ ପଂଚାୟତ ସମିତି ଅଧ୍ୟକ୍ଷ ପଦ ସଂରକ୍ଷଣ ନ ହେବା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି । ଗତ ୫ଟି ନିର୍ବାଚନରେ ସଂରକ୍ଷଣ ଥିବା ବେଳେ ଉଚ୍ଛେଦ କାହା ସ୍ୱାର୍ଥରେ । ଏପରି ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ବ୍ୟବସ୍ଥା ବିରୋଧରେ ବିଜେପି ଆଇନ୍‌ରେ ଆଶ୍ରୟ ନେବ ଓ ଆନ୍ଦୋଳନ ଅବ୍ୟାହତ ରଖିବ ବୋଲି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ଗଦାଧର ସିଂ, ଗଣେଶ ସରେନ୍, ଅଜିତ୍ ସିଂ ଓ ଜତିନ୍ ସିଂ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

# ବିଜୁ ପଟ୍ଟନାୟକ କଲେଜରେ ତାଲା ପକାଇଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୦୪/୦୧ (ନି.ପ୍ର): କଲେଜ ଅଧ୍ୟାପକ ଛାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗରେ ଭୁବନେଶ୍ୱର ଜୟଦେବ ବିହାର ସ୍ଥିତ ବିଜୁ ପଟ୍ଟନାୟକ କଲେଜରେ ଛାତ୍ର ଉତେଜନା ଦେଖିବାକୁ ମିଳିଛି । ମଙ୍ଗଳବାର ଦିନ ଶତାଧିକ ଛାତ୍ରଛାତ୍ରୀ କଲେଜ ପରିସରରେ ହୋହାଲ୍ଲା କରିଥିଲେ । ସମ୍ପୃକ୍ତ ଅଧ୍ୟାପକଙ୍କୁ ତୁରନ୍ତ ଟ୍ରାନ୍ସଫର କରିବା ଦାବି କରି ଛାତ୍ରଛାତ୍ରୀ କଲେଜ ଗେଟ୍ ରେ ତାଲା ପକାଇ ଧାରଣା ଦେଇଥିଲେ । ଖବର ପାଇ ପୋଲିସ୍ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ । ପରେ କଲେଜର ଅଧ୍ୟକ୍ଷ ଏକ ବୈଠକ ଡାକିଥିବା ଜଣାପଡିଛି । ଆନ୍ଦୋଳନକାରୀ ଛାତ୍ରୀ ଜଣକ କହିଛନ୍ତି ପାଠ ପଢାଇବା ନାଁରେ ସମ୍ପୃକ୍ତ ଅଧ୍ୟାପକ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିଲେ । ଅଶାଳୀନ ମନ୍ତବ୍ୟ ଦେବା ସହ ଆପତିଜନକ କଥା କହୁଥିଲେ । ଆଜି ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟର ଯୁକ୍ତ ୨ ଏବଂ ଯୁକ୍ତି ୩ ର ଛାତ୍ରଛାତ୍ରୀମାନେ କଲେଜର ବିଭିନ୍ନ ସମସ୍ୟାର ସମାଧାନ ଏବଂ ଛାତ୍ରୀଙ୍କୁ ଦୁର୍ବ୍ୟବାର କରିଥିବା ଦୁଇଜଣଙ୍କ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ତିନି ଘଂଟା ଧରି କଲେଜର ମୁଖ୍ୟ ଫାଟକ ନିକଟରେ ଧାରଣା ଦେବା ସହ ରାସ୍ତା ଅବରୋଧ କରିଥିଲେ । ସେହି କଲେଜର ଦୁଇଜଣ ଅଧ୍ୟାପକଙ୍କ ଦୁର୍ବ୍ୟବାର ବିରୋଧରେ ଛାତ୍ରୀମାନେ ବାରମ୍ବାର ଅଧ୍ୟକ୍ଷକଙ୍କ ଦୃଷ୍ଟିକୁ ଆଣିବା ସତ୍ୱେ ଅଧ୍ୟକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାର ଛାତ୍ରମାନଙ୍କ ଭିତରେ ଅଶାନ୍ତି ଦେଖାଦେଇଛି । ଏଣୁ ତୁରନ୍ତ ଏହି ଦୁଇଜଣ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଏମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବି କରାଯାଇଛି । ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଟୟଲେଟ୍, ମହାବିଦ୍ୟାଳୟରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ବାର୍ଷିକଉତ୍ସବ, ପାନୀୟଜଳ ବ୍ୟବସ୍ଥା, ସାଇକେଲ ଓ ମୋଟରସାଇକେଲ ଷ୍ଟାଣ୍ଡ, କ୍ୟାଂଟିନ ଓ କ୍ୟାମ୍ପସର ପରିଷ୍କାର ନିମନ୍ତେ ଦାବି କରାଯାଇଛି ।

## ଶିକ୍ଷକ ସୋମନାଥ ସିଂହ ଉତ୍କଳ ଗୌରବ ସେବା ସମ୍ମାନରେ ସମ୍ମାନିତ



ବାରିପଦା, ୦୪/୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର କୃତୀ ଶିକ୍ଷକ ତଥା ସମାଜସେବୀ ସୋମନାଥ ସିଂହଙ୍କୁ କେନ୍ଦୁଝର ଜିଲ୍ଲାର ହାଟଡିହିରେ ଶୈଳବାଳା ଫାଉଣ୍ଡେସନର ପ୍ରଥମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହରେ ଉତ୍କଳ ଗୌରବ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି ଓ ଗତ କୋରନା କାଳରେ ନିଜ ଉଦ୍ୟମରେ ବୁଲା କୁକୁର, ଷଣ୍ଢ, ପାରା ତଥା ଅସହାୟବ୍ୟକ୍ତି ମାନଙ୍କୁ ଖାଦ୍ୟ ବଣ୍ଟନ କରିବା ସହ ପରବର୍ତ୍ତୀ ସମୟରେ ଭଂଜପୁର ଅଞ୍ଚଳର ଯୁବକମାନଙ୍କୁ ନେଇ ପଶୁ, ପକ୍ଷୀ ଓ ପ୍ରକୃତି ପ୍ରେମୀ ଅନୁଷ୍ଠାନ କରି କ୍ଷତାକ୍ତ ଷଣ୍ଡ, କୁକୁର ମାନଙ୍କର ଚିକିତ୍ସା କରି ବେଶ ପ୍ରସଂଶିତ ହୋଇଛନ୍ତି । ଏଥି ସହିତ ନିଜ ବିଦ୍ୟାଳୟ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତଥା ସହରର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରି ପ୍ରକୃତି ମିତ୍ର ପୁରସ୍କାର ପାଇଛନ୍ତି । ବହୁବାର ରକ୍ତଦାନ କରି ମଧ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇ ସାରିଛନ୍ତି । ଉକ୍ତ ଉତ୍ସବରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠି, ଜାତୀୟ ମାନବ ଅଧିକାର ସଂଗଠନର ରାଜ୍ୟ ଅଧ୍ୟକ୍ଷ ନରୋତମ ଦାସ, ସମାଜସେବୀ ନିରୋଜ କୁମାର ପୋଥାଳ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସିଂହଙ୍କୁ ସମ୍ମାନୀତ କରିଥିଲେ ।

# ଯୌତୁକ ଜନିତ ବଧୂହତ୍ୟା ଅଭିଯୋଗ : ନ୍ୟାୟ ପାଇଁ ବାପାର ଗୁହାରି

ନୀଳଗିରି, ୦୪/୦୧ (ନି.ପ୍ର): ଝିଅକୁ ବହୁ କଷ୍ଟ କରି ପାଠ ପଢ଼ାଇ ବଡ଼ କରିଥିଲି । ଭାବିଥିଲି ଭଲ ଘର ଦେଖି ବିବାହ ଦେବି । ଝିଅ, ଜ୍ୱାଇଁ, ନାତି, ନାତୁଣି ଆସିବେ । ହେଲେ ସବୁ ସ୍ୱପ୍ନ ମୋର ଅଧୁରା ରହିଲା । ଯୌତୁକ ପାଇଁ ମୋ ଝିଅକୁ ବାରମ୍ବାର ନିର୍ଯ୍ୟାତନା ଦେଉଥିବା ବେଳେ ଶେଷରେ ମୋ ଝିଅର ମଲା ମୁହଁ ଦେଖିଲି । ପୋଲିସ ମୋତେ ନ୍ୟାୟ ଦେଉ । ଏଭଳି କାନ୍ଦି କାନ୍ଦି ଜଣେ ଝିଅର ବାପା ନ୍ୟାୟ ମାଗୁଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ.ଏସି. ଅଧିନ ବାଲିଗୋହିରୀ ଅଂଚଳର ଗଜେନ୍ଦ୍ର ମହାପାତ୍ର ଙ୍କ କନ୍ୟା ଗୀତାଂଜଳି ମୟୂରଭଂଜ ଜିଲ୍ଲା କପ୍ତିପଦା ଥାନା ନୂଆସାହି ଗ୍ରାମର ସନ୍ତୋଷ ଶତପଥି ଙ୍କ ପୁତ୍ର ଦିବ୍ୟଜୀବନ କୁ ବୈଦିକ ରୀତିରେ ୨୦୧୮ ମସିହା ଜୁଲାଇ ମାସରେ ବିବାହ କରିଥିଲେ । ବିବାହ ପରେ ଗୀତାଂଜଳି କୁ ମିଳିଥିଲା ଅକଥନୀୟ ନିର୍ଯ୍ୟାତନା । ଶେଷରେ ସେ କପ୍ତିପଦାରେ ଘରଭଡ଼ା ନେଇ ରହିଆସୁଥିଲେ । ଗତ ୧ତାରିଖ ଦିନ ହଠାତ୍ ଗୀତାଂଜଳି ର ବାପାଙ୍କ ପାଖକୁ ଖବର ଆସିଲା କି ତମ ଝିଅର ଦେହ ଖରାପ ହୋଇଛି । ଶୀଘ୍ର ଆସ । ପରିବାର ଲୋକଙ୍କ ସହିତ କପ୍ତିପଦା ଗଲା ପରେ ସ୍ଥାନୀୟ ହସପିଟାଲ ଉଦଳା ହସପିଟାଲକୁ ସ୍ଥାନାନ୍ତର କରିସାରିଥିଲା । ସେଠାରେ ପହଂଚିଲା ବେଳକୁ ପାଦ ତଳୁ ମାଟି ଖସି ଯାଇଥିଲା । ଝିଅର ମୃତ ଶରୀର ପୋଷ୍ଟମୋର୍ଟମ ପାଇଁ ଯାଇଥିବା ସମୟରେ ବାପା ମଲା ମୁହଁ ଦେଖି ଧର୍ଯ୍ୟ ହରା ହୋଇଯାଇଥିଲେ । ଶାଶୁ, ଶ୍ୱଶୁର, ସ୍ୱାମୀଙ୍କ ପାଇଁ ଝିଅ ମୃତ୍ୟୁବରଣ କରିଥିବା ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶ୍ୱଶୁର, ସ୍ୱାମୀଙ୍କୁ ପୋଲିସ ଅଟକ ରଖିଲା ସତ ହେଲେ ଶାଶୁଙ୍କୁ ନ ଆଣିବା ତାଙ୍କର ସନ୍ଦେହ ଘନିଭୁତ ହୋଇଥିଲା । ଶବ ସତ୍କାର ପାଇଁ ସେ ଘରକୁ ଆଣିଲା ବେଳକୁ ତାଙ୍କ ପରିବାର ସଂପର୍କୀୟ ମାନେ ସତ୍କାର କରିବେ କହିବାରୁ ସେ ରାଜି ହୋଇ ନ୍ୟାୟ ପାଇଁ ପୋଲିସ ଉପରେ ଆସ୍ଥା ରଖିଥିଲେ । ହେଲେ ଶୁଣିବା ବେଳକୁ ଶ୍ୱଶୁରଙ୍କୁ ପୋଲିସ ଛାଡ଼ି ଦେଇ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାରୁ ଗଜେନ୍ଦ୍ର ଅସନ୍ତୋଷ ପ୍ରକାଶ କରିଛି । ପୋଲିସ ୪୯୮(ଏ), ୩୦୫ (କ), ୨୦୪, ୩୪ ଆଇ.ପି.ସି.ରେ ୧ନମ୍ବର ମାମଲା ରୁଜୁ କରିଛି ସତ ହେଲେ ପ୍ରକୃତରେ ଯିଏ ଦୋଷୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଛନ୍ତି । ଛୋଟ ପିଲାଟିଏ ଥିବାରୁ ତାର କିପରି ଲାଳନ ପାଳନ ହେବ ଏଥିପାଇଁ ସେ ବିବ୍ରତ ହୋଇପଡ଼ିଥିବା ବେଳେ ନ୍ୟାୟିକ ବ୍ୟବସ୍ଥା ଉପରେ ଭରସା ରଖି ଅନାଇ ବସିଛନ୍ତି । ସେପଟେ କପ୍ତିପଦା ଆଇ.ଆଇ.ସି. ମିନତୀ ବିଶ୍ୱାଳଙ୍କ ମତାମତ ନେବା ପରେ ତଦନ୍ତ ଚାଲୁ ରହିଛି ଓ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା କହିଛନ୍ତି ।

# ୨୩ ଜିଲ୍ଲା ଓ ୧୯୫ ବ୍ଳକରେ ନାହିଁ ସଂରକ୍ଷଣ ବ୍ୟବସ୍ଥା

ଜଳେଶ୍ୱର, ୪/୧(ନିପ୍ର): ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଲାଗି ପ୍ରଶାସନ ଠାରୁ ରାଜନେତା ଚଳଚଞ୍ଚଳ ଥିବା ବେଳେ ସଂରକ୍ଷଣ ବ୍ୟବସ୍ଥାରେ ଜନଜାତୀଙ୍କ ପ୍ରତି ଉପେକ୍ଷା କରାଯାଇଥିବା ଅଭିଯୋଗରେ କଂଗ୍ରେସ ଆଇନ୍‌ର ଆଶ୍ରୟ ନେବା ସହିତ ଲଢଇ ଜାରି ରଖିବ ବୋଲି ଆଜି ଆନନ୍ଦ ପ୍ଲାଜା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡିଶା ପ୍ରଦେଶ କଂଗ୍ରେସ ପ୍ରଦେଶ କମିଟି ପକ୍ଷରୁ କୁହାଯାଇଛି । ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ପ୍ରବକ୍ତା ସୁଦର୍ଶନ ଦାସ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଲେ ରାଜ୍ୟର ୩୦ ଜିଲାରୁ ୨୩ ଜିଲାରେ ଜିଲା ପରିଷଦ ଅଧ୍ୟକ୍ଷ ପଦବି, ୧୯୫ ଟି ବ୍ଳକରେ ଜନଜାତିଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ହୋଇନାହିଁ । ଏହା ଜନଜାତିଙ୍କ ପ୍ରତି ଉପହାସ ନୁହେଁ ୧୯୫୯ ମସିହା ଓ ୧୯୬୪ ମସିହା ଗ୍ରାମପଂଚାୟତ ଆଇନ୍‌ର ବିରୋଧି ମଧ୍ୟ । ଅନ୍ୟପକ୍ଷରେ ସମ୍ବିଧାନ ପ୍ରତି ସମ୍ମାନ ଦିଆଯାଇନଥିବାର ସେ ପ୍ରକାଶ କରିଛନ୍ତି । ଜଳେଶ୍ୱର ବ୍ଳକର କଳମା, ବରଡିହା, ଶ୍ୟାମନଗର, ସର୍ଦ୍ଦାରବନ୍ଧ, ଖୁଆଡ ଇତ୍ୟାଦି ପଂଚାୟତ ଆଦିବାସୀ ଅଧ୍ୟୁସୀତ ହୋଇଥିଲେ ମଧ୍ୟ ସେଥିରେ ସରପଂଚ ଓ ସମିତି ପଦବୀ ସଂରକ୍ଷଣ ରଖାଯାଇନାହିଁ । ରାଜ୍ୟରେ ଏପରି ସମ୍ବିଧାନ ବିରୋଧି ନିତୀ ବିରୋଧରେ କଂଗ୍ରେସ ଓ ଆଦିବାସୀ ମହାମଂଚ ପକ୍ଷରୁ ଜନଆନ୍ଦୋଳନ ହେବା ସହ ଉଚ୍ଚ ନ୍ୟାୟାଳୟରେ ନ୍ୟାୟ ପାଇଁ ମାମଲା ରୁଜୁ ହେବ ବୋଲି କହିଛନ୍ତି । ସରକାରଙ୍କ ଘୋଷିତ ସଂରକ୍ଷଣ ନିତୀରେ ବହୁ ଅସଙ୍ଗତି ଥିବାରୁ ଆସନ୍ତା ୫ ତାରିଖରେ ଜିଲାପାଳଙ୍କ ନିକଟରେ କଂଗ୍ରେସ ଫେରାଦ କରିବ ଏବଂ ଜନଆନ୍ଦୋଳନ ଓ ନ୍ୟାୟିକ ଲଢେଇ ପାଇଁ ସିଦ୍ଧାନ୍ତ ନେଇଥିବା ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ବ୍ଳକ ସଭାପତି ସୁଦାମ ପାତ୍ର, ଜିଲା ସଂପାଦକ ହେମନ୍ତ ଗିରି, ଓ ପୌରପରିଷଦ ଯୁବନେତା ଜଗଦିଶ ନନ୍ଦି ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣ ସୁନିଶ୍ଚିତ କରି ନିର୍ବାଚନ କରିବା ଦାବିରେ ବିଜେପି ପକ୍ଷରୁ ବିକ୍ଷୋଭ




ବାଲିଆପାଳ, ୦୪/୦୧ (ନି.ପ୍ର): ବାଲିଆପାଳ ବ୍ଳକ ବିଜେପି ଅନ୍ୟାନ ପଛୁଆ ଜାତି ମୋର୍ଚ୍ଚା ପକ୍ଷରୁ ଓ ପ ।ୟତନିର୍ବାଚନରେ ଓବିସି ସ୍ଥାନ ସଂରକ୍ଷଣକୁ ସୁନିଶ୍ଚିତ ପରେ ପ ।ୟତ ନିର୍ବାଚନ କରିବା ଦାବିରେ ବାଲିଆପାଳ ବ୍ଳକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରାଙ୍କ ନେତୃତ୍ୱରେ ବିଜେପି ନେତା ଓ କର୍ମୀମାନେ ବାଲିଆପାଳ ବସଷ୍ଟାଣ୍ଡ ଠାରୁ ଏକ ରାଲିରେ ବାହାରି ବ୍ଳକ ସମ୍ମୁଖରେ ପହଂଚି ସଂରକ୍ଷଣ ତାଲିକା ପ୍ରସ୍ତୁତରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ ।ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣକୁ ଆଦୌ ଗୁରୁତ୍ୱ ଦିଆଯାଇନଥିବା ଅଭିଯୋଗ କରିଥିଲେ ।ବାଲିଆପାଳ ବ୍ଳକରେ ୨୮ଟି ପ ।ୟତ ମଧ୍ୟରୁ ଗୋଟିଏ ବି ପ ।ୟତରେ ଅନୁସୁଚିତ ଜନଜାତିର ସରପ ପାଇଁ ସଂରକ୍ଷଣ ନରହିବା, ପଛୁଆ ବର୍ଗକୁ ନିର୍ବାଚନରୁ ବାଦ ଦେବା ନିଷ୍ପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମତବ୍ୟକ୍ତ କରିଥିଲେ ।ଓବିସି ସଂରକ୍ଷଣକୁ ସୁନିଶ୍ଚିତକରି ପ ।ୟତ ନିର୍ବାଚନ କରିବାକୁ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ,ବିଜେପି ନେତା ଅଦୈତ ବାଗ,କ୍ଷିତିଶ ଜେନା,ମୁରଲୀଧର ସାହୁ,ମନୋଜ ସୀ,ଗୌରବ ଅଣ୍ଡିଆ,ନୀଳକଣ୍ଠ ଜେନା ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ ।

## ଦୋକାନ ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ନୀଳଗିରି, ୦୪/୦୧ (ନି.ପ୍ର): ନୀଳଗିରି ଥାନା ଅଧିନ ଗୋପିନାଥପୁର ଛକରେ ଥିବା ଏକ ଦୋକାନ ଘରେ କେହି ଜଣେ ଦୁର୍ବୃତ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି । ସେହି ଅଂଚଳର ବାଇଧର ସିଂ ଏକ ଘୁମୁଟିରେ ସାଇକେଲ ମରାମତି ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ହେଲେ ଗତକାଲି ମଧରାତ୍ରିରେ ଘୁମୁଟି ଟି ହୁତୁହୁତୁ ହୋଇ ଜଳିଥିଲା । ସେହି ରାସ୍ତା ଦେଇ କିଛି ବ୍ୟକ୍ତି ଫେରଉଥିବା ବେଳେ ଡାକ ପକାଇବାରୁ ପାଖ ଅଂଚଳବାସୀ ଯାଇ ନିଆଁକୁ ଆୟତ କରିଥିଲେ । ଦୋକାନ ଭିତରେ ଥିବା ସବୁ ସମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ପରିବାର କିପରି ପୋଷିବେ ଏନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି ବାଇଧର । ତାଙ୍କର କେହି ଶତ୍ରୁତା ନ ଥିବା ବେଳେ ବିଦ୍ୟୁତ୍ ସଂଯୋଗ ନ ଥାଇ ନିଆଁକୁ ହୁଏତ କେହି ଦୁର୍ବୃତ ଲଗାଇଥିବାର କୁହାଯାଉଛି ।

## ହଜି ଯାଉଛି ଉଦଳାର ଚଢ଼େଇ ଘର

ଉଦଳା ତା.୦୪/୦୧(ନି.ପ୍ର) : ଉଦଳା ସହର ଠାରୁ ମାତ୍ର ୧ କିମି ଦୂରରେ ବହୁବନ୍ଧ ଗ୍ରାମପଞ୍ଚାୟତର ଅନ୍ଧାରୀ ସାହିକୁ ଲାଗିକରି ଅଛି ଏକ ବନ୍ଧ । ଉକ୍ତ ବନ୍ଧରେ ପାଣିକୁଆ, ବିଭିନ୍ନ ପ୍ରଜାତିର ବଗଙ୍କ ସମେତ ଶତାଧିକ ପ୍ରକାରର ପକ୍ଷୀ ଦେଖିବାକୁ ମିଳନ୍ତି । ବିଶେଷ କରି ଶୀତ ଋତୁରେ ହଂସ, ହଂସରାଳିଙ୍କର ଜଳକ୍ରୀଡ଼ାର ଦୃଶ୍ୟ ବେଶ ମନୋରମ । ଏହା ଦେଖିବା ପାଇଁ ବହୁ ଦୂର ଦୂରାନ୍ତରୁ ପର୍ଯ୍ୟଟକ ମାନେ ଏଠାକୁ ଆସିଥାନ୍ତି । କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଉକ୍ତ ବନ୍ଧ ଶ୍ରୀହୀନ ହେବାରେ ଲାଗିଛି । ସ୍ଥାନୀୟ ଲୋକେ ଏହାକୁ ଉଦଳାର ଚଢ଼େଇ ଘର ବୋଲି କହିଥାନ୍ତି । ଉକ୍ତ ବନ୍ଧର ଉନ୍ନତି ପାଇଁ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ନାମ୍ପୋ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହାନ୍ତି ଡାକ୍ତର : ନିଯୁକ୍ତି ଲାଗି ଆମରଣ ଅନଶନ

ଜଳେଶ୍ୱର, ୪/୧(ନିପ୍ର): ବାଲେଶ୍ୱର ଜିଲାରେ ଜଳେଶ୍ୱର ବ୍ଳକ ଅନ୍ତର୍ଗତ ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ବର୍ଷରୁ ସ୍ଥାୟୀ ଡାକ୍ତର ନଥିବାରୁ ପୂର୍ବ ସୂଚନା ଅନୁଯାୟୀ ଆଜି ଗ୍ରାମବାସୀଙ୍କ ପକ୍ଷରୁ ଆମରଣ ଅନସନ ଆରମ୍ଭ ହୋଇଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଖାଲିନା, ସମ୍ପଡିଆ, ନେତୁଆ, ସୁଗୋ, ବର୍ତ୍ତନା, ବାଇଗଣବାଡିଆ ଆଦି ପଂଚାୟତର ଲୋକେ ଚିକିତ୍ସିତ ହୋଇଥାନ୍ତି । ଦୀର୍ଘ ୧୫ବର୍ଷ ଧରି ଏଠାରେ କେହି ସ୍ଥାୟୀ ଡାକ୍ତର ନ ଥିବା ବେଳେ ଜନସାଧାରଣ ସ୍ୱାସ୍ଥ୍ୟସେବା ଲାଗି ଡହଳ ବିକଳ ହୋଇଥାନ୍ତି । ଏ ସମ୍ପର୍କରେ ପୂର୍ବରୁ ବହୁ ସଂଗଠନ ଓ ରାଜନୈତିକ ଦଳ ଡାକ୍ତର ନିଯୁକ୍ତି ସଂପର୍କରେ ଉଚ୍ଚ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଂଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବିଜେପିର ନାମ୍ପୋ ଶାଖା ପକ୍ଷରୁ ଆଜି ପୂର୍ବାହ୍ନରୁ ଆମରଣ ଅନଶନ ଆରମ୍ଭ ହୋଇଛି । ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଏହା ଚାଲିବ ବୋଲି ସୂଚନା ଦେଇଛନ୍ତି । ଏହି ଆନ୍ଦୋଳନରେ ଗୋପାଳ ଦତ୍ତ, ସୁମତି ଦେ, ଜଗନ୍ନାଥ ପ୍ରଧାନ, ପ୍ରତାପ ସେନାପତି, ସୋରୂପ ସିଂହ, ହରିଶଚନ୍ଦ୍ର ହୁଇ, ସୁଧିର ଭୂୟାଁ, ଜ୍ୟୋତିବ୍ରହ୍ମ ଦେ, ଜନ୍ମେଜୟ ଚନ୍ଦ, ବିନୟ ଭୂୟାଁ, ଅକ୍ଷୟ ଜେନା, ଦିଲ୍ଲିପ ଦାସ ପ୍ରମୁଖ ଯୋଗ ଦେଇଛନ୍ତି । ଅପରାହ୍ନରେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ପ୍ରଭାସଚନ୍ଦ୍ର ନାୟକ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ରଂଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ସପ୍ତାହକୁ ୨ଦିନ ଜଣେ ଡାକ୍ତରଙ୍କୁ ପଠାଇବା ଓ ୧ମାସ ପରେ ସ୍ଥାନୟୀ ଡାକ୍ତରର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ସ୍ଥାୟୀ ନିଯୁକ୍ତି ଦିବାରେ ଅଡି ବସିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିଥିବା ଜଣାଯାଇଛି । ପ୍ରକାଶଯୋଗ୍ୟ ଖୁଆଡ, ଓଲମରା, ନାମ୍ପୋ, ଛମୌଜ, ଜମାଳପୁରରେ, ଲକ୍ଷ୍ମଣନାଥ, ଶିଖରପୁର ଓ ଜଳେଶ୍ୱର ପୁରୁଣା ଡାକ୍ତରଖାନାରେ ଡାକ୍ତର ନାହାନ୍ତି ।

# ରାଣୀପାଟଣାର ଦୃଷ୍ଟିହୀନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ମହାତ୍ମା ଲୁଇବେଲ୍‌ଙ୍କ ଜନ୍ମୋତ୍ସବ ପାଳିତ



ବାଲେଶ୍ୱର, ୦୪/୦୧ (ନି.ପ୍ର): ବିଦ୍ୟାଳୟର ସଭ୍ୟ ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ରାୟଙ୍କ ସଭାପତିତ୍ୱରେ ବିଶ୍ୱ ବ୍ରେଲ୍ ଦିବସ ଅବସରରେ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ରାଣୀପାଟଣାର ୨୦ତମ ବାର୍ଷିକ ଉସବ ତଥା ମହାତ୍ମା ଲୁଇବ୍ରଲ୍‌ଙ୍କ ୨୧୩ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ଶାନ୍ତନୁ କୁମାର ପାଣି, ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର (୩୨୬୨) ବାଲେଶ୍ୱର, ମୁଖ୍ୟ ବକ୍ତା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିଷ୍ଣୁଚରଣ ସୂତାର, ସମ୍ମାନିତ ଅତିଥି ନାଟ୍ୟକାର, ନିର୍ଦ୍ଦେଶକ, ତଥା 'କଳାକାର' ବାଲେଶ୍ୱରର ପ୍ରାଣ ପ୍ରତିଷ୍ଠାତା ସୁରଞ୍ଜନ ଦାସ ମହାପାତ୍ର, ଅନ୍ୟତମ ଅତିଥି ରୋଟାରିୟାନ, ସମାଜସେବୀ ଓ ବିଦ୍ୟାଳୟର ଉପଦେଷ୍ଟା ସୁବ୍ରତ କର ଓ ବିଦ୍ୟାଳୟର ନିର୍ଦ୍ଦେଶକ, ପ୍ରତିଷ୍ଠାତା ଓ ସମାଜସେବୀ ଦିବାକର ସ ମଞ୍ଚ ଅଳଙ୍କୃତ କରିଥିଲେ । ସର୍ବ ପ୍ରଥମେ ଶିକ୍ଷକ ସୁନୀଲ କୁମାର ବିଶ୍ୱାଳଙ୍କ ଦ୍ୱାରା ଅତିଥି ମାନଙ୍କର ପରିଚୟ ପର୍ବ ଆରମ୍ଭ ହୋଇଥିଲା ଏବଂ ଜ୍ୟୋତିର୍ମୟୀ ଦାସ, ଗୀତାଞ୍ଜଳି ପ୍ରଧାନ ଓ ଅର୍ଚ୍ଚନା ବିନ୍ଧାଣିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଓ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ କରାଯାଇ ଏବଂ ମହାତ୍ମା ଲୁଇବ୍ରଲ୍‌ଙ୍କ ବନ୍ଦନା ଜରିଆରେ ସଭାକାର୍ଯ୍ୟ ପ୍ରାରମ୍ଭ ହୋଇଥିଲା । ସ୍ୱଳ୍ପ ସମୟ ପାଇଁ ବିଗତ ୨୦୨୧ ମସିହାର ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ କୃତିତ୍ୱ, ସଫଳତା ଓ କିଛି ଅଭୁଲା ସ୍ମୃତିକୁ ପରଦା ମାଧମରେ ପ୍ରଦର୍ଶିତ କରାଯାଇଥିଲା । ଇତ୍ୟବସରେ ସମ୍ବର୍ଦ୍ଧିତ ପ୍ରତିଭା ନାଟ୍ୟକାର ସୁରଞ୍ଜନ ଦାସ ମହାପାତ୍ର ଓ ଅନ୍ୟତମ ସମ୍ବର୍ଦ୍ଧିତ ପ୍ରତିଭା ରୋଟାରିୟାନ ସୁବ୍ରତ କରଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଗତ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ଛାତ୍ର ଲକ୍ଷ୍ମଣ ନାୟକଙ୍କୁ ପାଳିତ ମେମୋରିଆଲ ଓ ଛାତ୍ରୀ ମାମିନା ନାଏକଙ୍କୁ ତପନ ମେମୋରିଆଲ ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତବଲା ବାଦନ ପରେ ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ବାର୍ଷିକ ବିବରଣୀ ପାଠ କରିଥିଲେ । ଭିନ୍ନକ୍ଷମ ଛାତ୍ର ଛାତ୍ରୀମାନଙ୍କର ଭବିଷ୍ୟତ ଗଠନ ଦିଗରେ ତାଙ୍କର ନିଷ୍ଠା ଓ ନିରବିଚ୍ଛିନ୍ନ ଉଦ୍ୟମର ଭୂୟସୀ ପ୍ରସଂଶା କରିବା ସଙ୍ଗେ ସଙ୍ଗେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କର ମଙ୍ଗଳ କାମନା କରିଥିଲେ । ରାଜ୍ୟ ତଥା ଦେଶର ଭିନ୍ନ ଭିନ୍ନ ପ୍ଲାଟଫର୍ମରେ ଛାତ୍ରଛାତ୍ରୀମାନଙ୍କର କୃତିତ୍ୱ ଓ ସଫଳତା ସମ୍ପର୍କରେ ଅବଗତ ହୋଇ ଅତିଥିମାନେ ବିସ୍ମିତ ହେବା ସହିତ ଆଗାମୀ ଦିନରେ ଆହୁରି ଅଧିକରୁ ଅଧିକ ସଫଳତା ସାଉଁଟିବା ପାଇଁ ସେମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭା କାର୍ଯ୍ୟ ସମାପନ କରଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ନବୀନ କୁମାର ବେହେରା, ଜଗତଜିତ ପତି, ବିତେନ୍ଦ୍ର ଦାସ, ଚନ୍ଦ୍ରଜିତ ନାୟକ, ଲକ୍ଷ୍ମୀଧର ପଣ୍ଡା, ଦୀପକ ବେହେରା, ସଞ୍ଜୀବ ବେହେରା, ଗୌରାଙ୍ଗ ପାତ୍ର, ପବିତ୍ର ମୋହନ ପଣ୍ଡା, ମନୋଜ କୁମାର ପଲାଇ, ପ୍ୟାରୀମୋହନ ଭୂୟାଁ, ମନୋରଞ୍ଜନ ତ୍ରିପାଠୀ, ଜଗବନ୍ଧୁ ବେହେରା, ବାସନ୍ତୀ ସିଂ, କବିତା ଦେ, ଅଙ୍କିତା ସେନ, ରୁବିନା ଦାସ, ପ୍ରମୁଖ ସୂଚାରୁ ରୂପେ ପରିଚାଳନା କରିଥିଲେ ।

E-mail: ee_rwbdk@yahoo.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I ,BHADRAK
"e" Procurement Notice for Road Works
Bid Identification No. Online Tender 21 of 2021-22( Short Tender call Notice)

1. Name of the Work :- Roads
2. Total No of Works :- 6 Nos
3. Estimated Cost :- Rs.0.99 Lakh to Rs.4.33 lakh
4. Class of Contractor :- "D"& "C" Class
5. Period of Completion :- One Month
6. Type of Tender :- Single Cover
7.Other Details :-

| Procurement Officer | Bid Indentification No. | Availability of Tender On-line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | | 4 |
| Superintending Engineer, Rural Works Division-I, Bhadrak | Online-21 of 2021-22 | 06.01.22 At- 10.00 A.M | 11.01.22 At- 4.00 P.M | 12-01-2022 At- 11.00 A..M. |

Further details can be seen from the e-procurement portal "https://tendersorissa.gov.in "

Sd/-Er.Shantanu Kumar Naik
Superintending Engineer
R.W, Division, Bhadrak

OIPR : 25060/11/0022/2122

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo